

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ପ୍ରକାଶ ଅପେକ୍ଷାରେ
ରଥ ସଂଖ୍ୟା .....
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଶନିବାର ୧୫ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 15 MAY 2021

Vol.No. 32 ■ No. 123 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


### ଆମେରିକାର ରୋଗ ପ୍ରତିରୋଧକ ସଂସ୍ଥାନର ଘୋଷଣା

# କରୋନା ଟିକା ନେଇ ସାରିଥିବା ଲୋକଙ୍କ ପାଇଁ ମାସ୍କ କି ସାମାଜିକ ଦୂରତା ଜରୁରୀ ନୁହେଁ



ନୂଆଦିଲ୍ଲୀ,୧୪/୦୫(ନି.ପ୍ର): କରୋନା ଟିକା ନେଇଥିବା ଲୋକଙ୍କୁ ମାସ୍କ କି ସାମାଜିକ ଦୂରତା ଜରୁରୀ ନୁହେଁ । ଆମେରିକାର ରୋଗ ନିୟନ୍ତ୍ରଣ କେନ୍ଦ୍ର ସିଡିସି ଏଭଳି ନିର୍ଦ୍ଦେଶନାମା ଜାରି କରିଛି । ବାଇଡେନ ପ୍ରଶାସନ ପକ୍ଷରୁ କୁହାଯାଇଛି, ଯେଉଁ ବ୍ୟକ୍ତି କରୋନାର ଦୁଇଟି ଡୋଜ ନେଇସାରିଛନ୍ତି ସେମାନେ ବିନା ମାସ୍କ ଓ ବିନା ସାମାଜିକ ଦୂରତାରେ ନିଜର ଗତିବିଧି ଆରମ୍ଭ କରିପାରିବେ । ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ବାଇଡେନ୍ କହିଛନ୍ତି, ଅଳ୍ପ କିଛି ସମୟ ତଳେ 'ସେଣ୍ଟର୍ ଫର୍ ଡିଜିଜ୍ କଣ୍ଟ୍ରୋଲ୍ ଆଣ୍ଡ ପ୍ରିଭେନ୍‌ସନ୍' (ସିଡିସି) ଘୋଷଣା କରିଛି ଯେ, ଟିକା ସମ୍ପୂର୍ଣ୍ଣ କରିଥିବା ଲୋକେ ଆଉ ମାସ୍କ ପିନ୍ଧିବା ଅନାବଶ୍ୟକ । ଉଭୟ ଘର ଓ ବାହାର ପାଇଁ ଏହି ପରାମର୍ଶ ପ୍ରଯୁଜ୍ୟ । ମୋ ମତରେ ଏଇଟା ଅତି ଉନ୍ନତ ପରିସ୍ଥିତି । ଆଜି ଦିନଟି ଶୁଭଙ୍କର । ଏତେ ସଂଖ୍ୟକ ଆମେରିକୀୟଙ୍କୁ ଏତେ ଜଲ୍‌ଦି ଟିକା ଦିଆଯାଇ ପାରିଥିବାରୁ ଏଭଳି ଅସମ୍ଭବ ସଫଳତା ହାସଲ ସମ୍ଭବ ହୋଇଛି ।

▶▶ପୃଷ୍ଠା ୭

## ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କ ପାଇଁ ବିଶେଷଜ୍ଞ କମିଟି ଗଢିଲେ ସରକାର

ଭୁବନେଶ୍ୱର,୧୪/୦୫(ନି.ପ୍ର): ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କ ପାଇଁ ଗାଇଡଲାଇନ କରିବାକୁ ୭ ଜଣ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ କମିଟି ଗଠନ କରିଛନ୍ତି ରାଜ୍ୟ ସରକାର । ଏହି କମିଟି ପୂରା ଘଟଣା ଉପରେ ନଜର ଓ ତଦାରଖ କରିବ । ସୂଚନା ଅନୁସାରେ, ଏସସିବି ମାଇକ୍ରୋ ବାୟୋଲୋଜି ବିଭାଗ ମୁଖ୍ୟ କମିଟିର ଅଧକ୍ଷା ରହିଛନ୍ତି । ଏହାସହ କମିଟିରେ ମେଡିସିନ, ଇଏନ୍‌ଟି, ଛାତି ରୋଗ ବିଭାଗର ମୁଖ୍ୟ ଆଦି ସଦସ୍ୟ ଅଛନ୍ତି । ବିଭିନ୍ନ ହସ୍ପିଟାଲରେ ଭର୍ତି ବ୍ଲାକ ଫଙ୍ଗସ ରୋଗୀଙ୍କ ତର୍ଜମା କରିବ ଏହି ୭ ଜଣିଆ କମିଟି ପରେ ରୋଗୀଙ୍କ ସ୍ଥିତି ତର୍ଜମା କରି ଗାଇଡଲାଇନ ବି ଜାରି କରିବ କମିଟି । ତ୍ୱରିତ ରୋଗ ଚିହ୍ନଟ ଓ ପରିଚାଳନା ନେଇ ଗାଇଡଲାଇନ କରିବ କମିଟି । ସବୁ ସରକାରୀ ମେଡିକାଲ କଲେଜରେ ଏକ୍ସପର୍ଟ କମିଟି ଗଠନ ପାଇଁ ନିର୍ଦ୍ଦେଶ ଜାରି ହୋଇଛି ।

## ଆସିଲା ରୁଷିଆ ଟିକାର ଦାମ ୯୯୫ ଟଙ୍କାରେ ମିଳିବ ଗୋଟିଏ ଡୋଜ





ଭୁବନେଶ୍ୱର,୧୪/୦୫(ନି.ପ୍ର): କୋଭିସିଲ୍ଡ ଓ କୋଭାକ୍ସିନ୍ ପରେ ଖୁବଶୀଘ୍ର ଉପଲବ୍ଧ ହେବ ରୁଷିଆ ଟିକା 'ସ୍ପୁଟ୍ନିକ୍ ଭି' । ରୁଷିଆରୁ ଆସିଥିବା ସ୍ପୁଟନିକ୍ ଭି'ର ଗୋଟିଏ ଡୋଜ୍ର ଦାମ ୯୯୫ ଟଙ୍କା ୪୦ ପଇସା ପଡ଼ିବ ବୋଲି ବିଜ୍ଞପ୍ତି ଜାରି କରିଛି ଡକ୍ଟର ରେଡି'ସ୍ ଲାବୋରେଟୋରିଜ୍ । ଟିକାର ଦାମ ୯୪୮ ଟଙ୍କା ଓ ୫ ପ୍ରତିଶତ ଜିଏସଟିକୁ ମିଶାଇ ଏହି ମୂଲ୍ୟ ରଖାଯାଇଛି । ଡକ୍ଟର ରେଡି'ସ୍ ଲାବୋରେଟୋରିଜ୍ ଫାର୍ମା କଂପାନୀ ଭାରତରେ ରୁଷିଆ ଟିକା ତିଆରି ପାଇଁ ଲାଇସେନ୍ସ ପାଇଛି । ଇମ୍ପୋଟେଡ୍ ହୋଇଥିବାରୁ ଦାମ ଅଧିକ ରହିଛି, ଭାରତରେ ତିଆରି ହେଲେ ଏହାର ଦାମ କମିପାରେ ବୋଲି କହିଛି ଏହି ଫାର୍ମା କଂପାନୀ । ଏପ୍ରିଲ ୧୩ ତାରିଖରେ ସ୍ପୁଟନିକ୍ ଭି'ର ଜରୁରିକାଳୀନ ବ୍ୟବହାର ଲାଗି ଡିସିଜିଆଇ ବା ଭାରତୀୟ ଔଷଧ ମହାନିୟନ୍ତ୍ରକ ଅନୁମତି ଦେଇଥିଲେ । ମେ' ୧ ତାରିଖରେ ଦେଢ଼ ଲକ୍ଷ ଡୋଜ୍ ଟିକାର ପ୍ରଥମ କନ୍ସାଇନ୍ମେଂଟ ଭାରତରେ ପହଁଚିଥିଲା । ହାଇଦ୍ରାବାଦରେ ପ୍ରଥମ ଡୋଜ୍ ଦିଆଯାଇ ପାଇଲଟ ଲଂଚିଂ ହୋଇଥିବା ସୂଚନା ଦେଇଛି ଡକ୍ଟର ରେଡି'ସ୍ ଲାବୋରେଟୋରିଜ୍ । ସ୍ପୁଟନିକ୍ ଭି' ଟିକା ଆସନ୍ତା ସପ୍ତାହରେ ବଜାରାରେ ଉପଲବ୍ଧ ହେବ ବୋଲି କହିଛି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ । ନୀତି ଆୟୋଗ ସଦସ୍ୟ ଡକ୍ଟର ଭିକେ ପଲ୍ କହିଛନ୍ତି, ଆସନ୍ତା ଜୁଲାଇ ମାସରେ ଭାରତରେ ଆରମ୍ଭ ହେବ ସ୍ପୁଟନିକ୍ ଭି'ର ଉତ୍ପାଦନ ।

# ୪୨ ଲକ୍ଷ ଚାଷୀଙ୍କ ଖାତାକୁ ଗଲା ୯୨୦ କୋଟି କାଳିଆ ଟଙ୍କା



ଭୁବନେଶ୍ୱର,୧୪/୦୫(ନି.ପ୍ର): ଅକ୍ଷୟ ତୃତୀୟା ପୂର୍ବରୁ ଚାଷୀଙ୍କ ଖାତାକୁ ଯାଇଛି କାଳିଆ କିସ୍ତି । ମୋଟ ୯୨୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଖରିଫ ଋତୁ ପାଇଁ ଏହି ଟଙ୍କା ପଠାଯାଇଥିବା ବେଳେ ଏଥିରୁ ୪୨ ଲକ୍ଷ ଚାଷୀ ଉପକୃତ ହେବେ । ରାଜ୍ୟର ଛୋଟ ଚାଷୀ, ନାମ ମାତ୍ର ଚାଷୀ ଓ ଭୂମି ହୀନ ଚାଷୀ ପରିବାର ସମସ୍ତେ ଏହି କାଳିଆ ଯୋଜନା ର ସହାୟତା ପାଇ ଏହାକୁ ଚାଷ କାମରେ ତଥା ଜୀବନ ଜୀବିକାର ଉନ୍ନତି ରେ ଲଗେଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷୀଙ୍କ ପାଇଁ ସାରା ଦେଶରେ କାଳିଆ ଯୋଜନା ସବୁଠାରୁ ଭଲ ଯୋଜନା । ଏହି ଯୋଜନା ଚାଷୀ ମୁହଁ ରେ ହସ ଆଣିଛି । ଚାଷୀର ଋଣ ଭାର ଲାଘବରେ ମଧ୍ୟ ଏହା ସହାୟକ ହୋଇଛି । ଚାଷୀ ଙ୍କ ତ୍ୟାଗ ର ଉଚ୍ଚ ପ୍ରଂଶସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ

▶▶ପୃଷ୍ଠା ୭

## ଓଜେଇଇ ଆବେଦନ ଜୁନ୍ ୧୫ ଯାଏଁ ବୃଦ୍ଧି

ଭୁବନେଶ୍ୱର,୧୪/୦୫ (ନି.ପ୍ର): ଓଡିଶା ଜଏଂଟ ଏଂଟ୍ରାନ୍ସ ଏକଜାମିନେସନ୍ (ଓଜେଇଇ) ପାଇଁ ଆବେଦନ ଅବଧି ଜୁନ୍ ୧୫ କୁ ବୃଦ୍ଧି କରାଯାଇଛି । ସେହିପରି ଫି ଦାଖଲର ଶେଷ ତାରିଖ ଜୁନ୍ ୧୭କୁ ବୃଦ୍ଧି କରାଯାଇଛି । କରୋନା ସଂକ୍ରମଣକୁ ରୋକିବା ପାଇଁ ସାରା ରାଜ୍ୟରେ ଲକ୍ ଡାଉନ୍ ଜାରି ରହିଥିବାରୁ ଏହି ନିଷ୍ପତି ନିଆଯାଇଛି । ପୂର୍ବରୁ ଓଜେଇଇ ଆବେଦନ ଅବଧି ମଇ ୧୫ ଯାଏ ଥିଲା ଏବଂ ଜୁନ୍ ୧୭ରୁ ୨୪ ଯାଏଁ ପରୀକ୍ଷା ପାଇଁ ଧାର୍ଯ୍ୟ କରାଯାଇଥିଲା ।

## ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ନନ୍ଦନକାନନ ବନ୍ଦ

ଭୁବନେଶ୍ୱର,୧୪/୦୫(ନି.ପ୍ର): ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବନ୍ଦ ଅବଧି ବୃଦ୍ଧି କରାଯାଇଛି । ପରବର୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ଯାଏଁ ବନ୍ଦ ରହିବ ନନ୍ଦନକାନନ । ଏହାସହ ବଟାନିକାଲ ଗାର୍ଡେନ ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବ । କରୋନା ସଂକ୍ରମଣ ଦୃଷ୍ଟିରୁ ଏହି ନିଷ୍ପତ୍ତି ନିଆଯାଇଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ବିମଳ ପ୍ରଶନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ଯେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଗତ ମଇ ୧ ତାରିଖରୁ ମଇ ୧୫ ତାରିଖ ପର୍ଯ୍ୟନ୍ତ ନନ୍ଦନକାନନ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଥିଲା ।

## ପିଏମ କିଷାନ ଯୋଜନାରେ ଅଷ୍ଟମ କିସ୍ତି ପ୍ରଦାନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୪/୦୫(ନି.ପ୍ର): ପିଏମ କିଷାନ ସମ୍ମାନନିଧି ଯୋଜନାରେ କେନ୍ଦ୍ରର ସହାୟତା । ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଗଲା । ପିଏମ କିଷାନ ସମ୍ମାନନିଧି ଯୋଜନାରେ ଅଷ୍ଟମ କିସ୍ତି ପଠାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଭର୍ଚୁଆଲ ପ୍ଲାଟଫର୍ମ ଜରିଆରେ ହେବାକୁ ଥିବା ଏହି ସମାରୋହରେ ଦେଶର ପ୍ରାୟ ୯.୫ କୋଟି କୃଷକଙ୍କ ଖାତାକୁ ୧୯ ହଜାର କୋଟି ଟଙ୍କା ପଠାଗଲା । ଅର୍ଥରାଶି ରିଲିଜ୍ କରିସାରିବା ପରେ ପ୍ରଧାନମନ୍ତ୍ରୀ ମୋଦୀ ଏହି ଯୋଜନାଦ୍ୱାରା ଉପକୃତ କେତେ ଜଣ ହିତାଧିକାରୀଙ୍କ ସହ ଆଳାପ କରିଥିଲେ । ଜେ ?ବିକ ପଦ୍ଧତିରେ ଚାଷ କରିବା ନିମନ୍ତେ ଖଣ୍ଡେ ଟାଙ୍ଗରା ଭୂଇଁକୁ ଉପଯୁକ୍ତ କରିଥିବା ଆନ୍ଧ୍ରପ୍ରଦେଶର ଜଣେ ମହିଳା-କୃଷକଙ୍କ ସହ ଆଳାପ କରୁଥିବା ବେଳେ ପ୍ରଧାନମନ୍ତ୍ରୀ କହିଲେ, ଆପଣ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି । ଆପଣଙ୍କ ଆତ୍ମବିଶ୍ୱାସ ହିଁ ଆପଣଙ୍କ ସାମର୍ଥ୍ୟ ଏବଂ ଅଭିଜ୍ଞତା କଥା ବଖାଣୁଛି । ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୧.୧୫ ଲକ୍ଷ କୋଟି ଟଙ୍କା କୃଷକଙ୍କ ଖାତାକୁ ଯାଇସାରିଲାଣି । ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ପ୍ରତ୍ୟେକ ବର୍ଷ ଯୋଗ୍ୟ ହିତାଧିକାରୀଙ୍କୁ ୬ ହଜାର ଟଙ୍କା ଦିଆଯାଉଛି । ଏହି ଟଙ୍କା ପ୍ରତ୍ୟେକ ବର୍ଷ ୪ ମାସ ଅନ୍ତରରେ ୩ଟି କିସ୍ତିରେ ଆସୁଛି । ସପ୍ତମ କିସ୍ତି ଗତବର୍ଷ ୨୫ ଡିସେମ୍ବରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀରେ ପଠାଯାଇଥିଲା । ଏହା ଡିବିଟି ଜରିଆରେ ସିଧା କୃଷକଙ୍କ ଖାତାକୁ ଯାଇଥାଏ ।

## ଦେଶରେ କମୁଛି, ରାଜ୍ୟରେ ବଢୁଛି ସଂକ୍ରମଣ



ଭୁବନେଶ୍ୱର,୧୪/୦୫(ନି.ପ୍ର): ଲକଡାଉନ, ସଟଡାଉନ୍ ଭଳି ଶକ୍ତ କଟକଣା ପରେ ବି ରାଜ୍ୟରେ ତଳ ମୁହାଁ ହେଉନି କରୋନା ଗ୍ରାଫ୍ । ଗତ ୨୪ ଘଂଟାରେ ପୁଣିଥରେ ଲମ୍ବା ଡିଆଁ ମାରିଛି ଦୈନିକ ସଂକ୍ରମଣ । ୫୬ ହଜାର ୨୧୪ କରୋନା ପରୀକ୍ଷା ହୋଇଥିବା ବେଳେ ୧୨ ହଜାର ୩୯୦ ନୂଆ ପଜିଟିଭ୍ ମାମଲା ସାମନାକୁ ଆସିଛି । ଯାହାକି ଓଡ଼ିଶାର ଦୈନିକ ସଂକ୍ରମଣରେ ସର୍ବକାଳୀନ ରେକର୍ଡ । ପଜିଟିଭ୍ ହାର ରହିଛି ୨୨.୦୪ ପ୍ରତିଶତ । ଆଉ ଏହି ସମୟ ମଧ୍ୟରେ ୨୨ ଜଣଙ୍କ ମୃତ୍ୟୁ ହୋଇଛି । ସରକାରୀ ହିସାବରେ ଦ୍ୱିତୀୟ ଲହରରେ ଏହା ହେଉଛି ଦୈନିକ ମୃତ୍ୟୁର ରେକର୍ଡ । ଗତ ୬ ତାରିଖରେ

▶▶ପୃଷ୍ଠା ୭

## ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୧୪/୦୫(ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବଜ୍ରପାତ ସହ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି । କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କୋରାପୁଟ, କଟକ, କେନ୍ଦ୍ରାପଡ଼ା, ମାଲକାନଗିରି, ଗଜପତି, ରାୟଗଡ଼ା, ନୂଆପଡ଼ା, କଳାହାଣ୍ଡି, ଗଞ୍ଜାମ ଓ ନବରଙ୍ଗପୁର ଆଦି ଜିଲ୍ଲାରେ ବର୍ଷା ବଜ୍ରପାତ ଆଶଙ୍କା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏହିସବୁ ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ତେବେ ଶନିବାର ଠାରୁ ରାଜ୍ୟରେ ବର୍ଷା କମିପାରେ ।

### କୋଭିସିଲ୍ଡ ଟିକା ପାଇଁ ଆସିଲା ନୂଆ ଗାଇଡଲାଇନ

## ପ୍ରଥମ ଡୋଜ୍ ଓ ଦ୍ୱିତୀୟ ଡୋଜ୍ ମଧ୍ୟରେ ବ୍ୟବଧାନ ରହିବ ୧୨ ସପ୍ତାହ





ଭୁବନେଶ୍ୱର,୧୪/୦୫(ନି.ପ୍ର): କୋଭିସିଲ୍ଡ ଟିକା ପାଇଁ ଆସିଲା ନୂଆ ଗାଇଡଲାଇନ । ସବୁ ଜିଲ୍ଲାପାଳ ଓ ସିଡିଏମଓଙ୍କୁ ଗାଇଡଲାଇନ ନେଇ ସ୍ୱାସ୍ଥ୍ୟ ବିଭାଗ ଚିଠି ଲେଖିଛି । ପ୍ରଥମ ଡୋଜ ନେବାର ୮୪ଦିନ ପରେ ଦ୍ୱିତୀୟ ଡୋଜ ନେଇପାରିବେ । ପ୍ରଥମ ଡୋଜ ନେବାର ୧୨ ସପ୍ତାହ ବା ୮୪ଦିନ ଭିତରେ ଅନଲାଇନ ସ୍ଲଟ ବୁକିଂ ହୋଇପାରିବ ନାହିଁ । ତେବେ ପ୍ରଥମରୁ କୋୱିନରେ ସ୍ଲଟ ବୁକିଂ ହୋଇଥିଲେ ତାକୁ ବାତିଲ କରିବ ନାହିଁ କୋୱିନ । ତେଣୁ ପ୍ରଥମ ଡୋଜ

▶▶ପୃଷ୍ଠା ୭

## କୋଭିଡ୍ ଯୁଦ୍ଧରେ ଜିତିଲା ୨୫ ଦିନର ଶିଶୁ

ଭୁବନେଶ୍ୱର,୧୪/୦୫(ନି.ପ୍ର): ଦ୍ୱିତୀୟ ଲହରରେ କରୋନା ସୁନାମି ଭଳି ମାଡି ଚାଲିଛି । ଏହି ଲହରରେ କୋଭିଡ୍ ଭାଇରସ୍ ପ୍ରଥମ ଲହର ତୁଳନାରେ ଅଧିକ ଭୟଙ୍କର ହୋଇଛି । ଗତ ଲହର ତୁଳନାରେ ଏଥର ଅଧିକ ସଂଖ୍ୟାରେ ଯୁବକ ଓ ଛୋଟ ପିଲାଙ୍କୁ ଆକ୍ରାନ୍ତ କରୁଛି । ଏପରିକି ବହୁ ସଂଖ୍ୟାରେ ଯୁବକଙ୍କର ଜୀବନ ବି ନେଉଥିବା ଖବର ସାମନାକୁ ଆସିଛି । ଏଭଳି ସମୟରେ କରୋନାକୁ ହରାଇଛି କୁନି ଯୋଦ୍ଧା । କରୋନା ସଂକ୍ରମଣକୁ ନେଇ ଭୟ ଭିତରେ ଆସିଛି ଭଲ ଖବର । କରୋନାକୁ ମାତ ଦେଇଛି ନବଜାତକ । କରୋନାରେ ସଂକ୍ରମିତ ହେବା ପରେ କଳାହାଣ୍ଡିରୁ ଭୁବନେଶ୍ୱର ଆସି ଏକ ଘରୋଇ ଡାକ୍ତରଖାନାରେ ୩ସପ୍ତାହ ଧରି ଚିକିତ୍ସିତ ହେବା ପରେ ଶିଶୁଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇଛି । ଏବେ ତାକୁ ଡାକ୍ତରଖାନାରୁ ଡିସଚାର୍ଜ କରାଯାଇଛି । କରୋନା ଲକ୍ଷଣ ଦେଖାଯିବା ପରେ ୧୫ ଦିନର କୁନି ଶିଶୁକୁ କଳାହାଣ୍ଡିରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଥିଲା । ଏଠାରେ ଏକ ଘରୋଇ ହସ୍ପିଟାଲରେ ନବଜାତକଙ୍କୁ ଭର୍ତି କରାଯିବା ପରେ ସେ କରୋନା ଆକ୍ରାନ୍ତ ଜଣାପଡିଥିଲା । ତାପରେ ଶିଶୁଟିକୁ ୨୦ ଦିନ ହସ୍ପିଟାଲରେ ରଖି ଚିକିତ୍ସିତ କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ତାକୁ ଭେଣ୍ଟିଲେଟରରେ ବି ଭର୍ତି କରାଯାଇଥିଲା । ଏପରିକି ଜୀବନ ବଞ୍ଚାଇବା ପାଇଁ ବାପାମାଙ୍କ ଅନୁମତି ନେଇ ଶିଶୁଟିକୁ ରେମଡିସିଭିର, ଷ୍ଟେରଏଡ ଓ ବିଭିନ୍ନ ଆଣ୍ଟିବାୟୋଟିକ ଦିଆଯାଇଥିଲା । ଆଉ ଶେଷରେ କରୋନାକୁ ହରାଇଛି ଏହି କୁନି ଶିଶୁ ।

# ଗୋଟିଏ ଦିନରେ ୧୨୩୯୦ କରୋନା ଆକ୍ରାନ୍ତ ଚିହ୍ନଟ



ଭୁବନେଶ୍ୱର,୧୪/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୨୩୯୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୮୮୬୮୭ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୪୭୩୬୮୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୦୪୦୧୬ ରହିଛି । ଆଜି ଚିହ୍ନଟ ହୋଇଥିବା ୧୨୩୯୦ ଜଣଙ୍କ ମଧ୍ୟରୁ ୬୯୩୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୪୫୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୫୫୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୩୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୪୦ ଜଣ, ବରଗଡ଼ରୁ ୫୦୭ ଜଣ, ଭଦ୍ରକରୁ ୪୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

▶▶ପୃଷ୍ଠା ୭

## ଆସନ୍ତା ୧୫ ଦିନ ଭିତରେ ରାଜ୍ୟକୁ ୧୯୨ ଲକ୍ଷ ଟିକା ପଠାଇବେ କେନ୍ଦ୍ର ସରକାର

ନୂଆଦିଲ୍ଲୀ,୧୪/୦୫ (ନି.ପ୍ର): କେନ୍ଦ୍ର ସରକାର ଆସନ୍ତା ୧୫ ଦିନ ମଧ୍ୟରେ ରାଜ୍ୟକୁ ୧୯୨ ଲକ୍ଷ ଟିକାର ଡୋଜ ପଠାଇବେ । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶିତ ତଥ୍ୟ ଅନୁସାରେ ଟୀକାର ଏହି ଡୋଜ ୧୬ ମଇ ରୁ ୩୧ ମଧ୍ୟରେ ପଠାଯିବ । ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶକୁ ପଠାଇଥିବା ଥିବା ୧୯୨ ଲକ୍ଷ ଟୀକାର ଡୋଜ ମଧ୍ୟରୁ ୧୬୨.୫ ଲକ୍ଷ ଡୋଜ କୋଭିସିଲ୍ଡ ରହିଥିବା ବେଳେ ୨୯.୪୯ ଲକ୍ଷ ଡୋଜ କୋଭାକ୍ସିନ ଅନ୍ତର୍ଭୁକ୍ତ । ଏହି ସମସ୍ତ ଡୋଜ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳକୁ ବିନା ଦେୟରେ ପଠାଯିବ । ମନ୍ତ୍ରଣାଳୟ ଅନୁସାରେ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶକୁ ଏବେ ସୁଦ୍ଧା ୧୮ କୋଟି ଟୀକାର ଡୋଜ ନିଃଶୁଳ୍କ ପଠାଇସାରିଲେଣି ।

# ମାଲକାନଗିରି ଜିଲ୍ଲାର ୧୩ ଟି ଗାଁକୁ କଂଟେନମେଂଟ ଜୋନ ଘୋଷଣା

ମାଲକାନଗିରି, ୧୩ ମଇ (ହି. ସ.)-ମାଲକାନଗିରି ଜିଲ୍ଲାରେ ଗତ କିଛିଦିନ ମଧ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ହୁ ହୁ ହୋଇ ବୃଦ୍ଧି ପାଇବାରେ ଲାଗିଛି ! ଜିଲ୍ଲାର ୬ ଟି ବ୍ଲକ ଓ ମାଲକାନଗିରି ପୌରାଂଚଳ ରୁ ଅଧିକ ସଂକ୍ରମିତ ଚିହ୍ନଟ ହୋଇଥିବା ୧୩ ଟି ଗାଁ କୁ ଜିଲ୍ଲା ପ୍ରଶାସନ ପକ୍ଷରୁ କଂଟେନମେଂଟ ଜୋନ ଘୋଷଣା କରାଯାଇଛି ! କାଲିମେଳା ବ୍ଲକ ର କୋଇମେତଟଲା ପଂଚାୟତ ର ଏମ ପିଭି ୩ ୩, ଟିଗଲ ପଂଚାୟତ ର ଏମଭି ୬ ୮, ମାଲାଭରମ ପଂଚାୟତର ଏମଭି ୮ ୨, ତେଲରାଇ ପଂଚାୟତର କୁଞ୍ଜଗୁଡା ! ମାଥିଲି ବ୍ଲକର ନାୟକଗୁଡା ଓ ତମୁଗୁଡା ! ମାଲକାନଗିରି ବ୍ଲକର ପାଣ୍ଡ୍ରିପାଣି ! ଖଇରପୁଟ ବ୍ଲକର ଖଇରପୁଟ, ମାଝୀଗୁଡା ଓ ରାସବେଡା ! ଚିତ୍ରକୋଣ୍ଡା ବ୍ଲକର ବଡପଡା ପଂଚାୟତର ଯାନବାଇ କଲୋନୀ ! କୋରୁକୋଣ୍ଡା ବ୍ଲକ ସଦର ପଂଚାୟତର ବଡୁଗୁଡା ଏବଂ ମାଲକାନଗିରି ପୌରାଂଚଳର ୱାର୍ଡ ନମ୍ବର ୧ ୫ ରିକଲ୍ଲାମେଶନ କଲୋନୀ କୁ ୧୨ /୫ ତାରିଖସନ୍ଧ୍ୟା ୫ ଟାରୁ ପରବର୍ତୀ ଆଦେଶ ପର୍ଯ୍ୟନ୍ତ କଂଟେନମେଂଟ ଜୋନ ଘୋଷଣା କରାଯାଇଛି !ଏହି ସବୁ ଅଂଚଳରେ ପରିସ୍ଥିତି ଉପରେ ନଜର ରଖିବା ସହ ତଦାରଖ କରିବା ପାଇଁ ସ୍ଥାନିୟ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି !

# କରୋନାର କରାଳ ଛାୟାରେ ଜୀବନ ଜୀବିକାକୁ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଭୟର ବାତାବରଣ

ରାଉରକେଲା, ୧୪/୫ (ନି.ପ୍ର): କରୋନାର ଦ୍ୱିତୀୟ ଲହର ସାମାଜିକ ଜନ ଜୀବନକୁ ଅସ୍ତବ୍ୟସ୍ତ କରି ସାରିଲାଣି । ପ୍ରଥମ ଲହର ବେଳକୁ ଷ୍ଟିଲ ସିଟିର ଅବସ୍ଥା ଯାହା ଥିଲା ତାହା ଆଜି ଆଉ ନାହିଁ। ସମୟର ତାଡନାରେ ଆମ ଭିତରୁ ଅନେକ ଚିହ୍ନା ଆଉ ଅମୂଲ୍ୟ ରତ୍ନ ଆର ପାରିକୁ ଚାଲି ଗଲେଣି । ଆଉ କେତେଜଣ ଜୀବନ ଯୁଦ୍ଧରେ ବିଜୟ ପାଇଁ ଅହରହ ସଂଘର୍ଷ କରୁଛନ୍ତି। କରୋନାରେ କରାଳ ଆଁ ଭିତରକୁ ଚାଲି ଯାଇଥିବା ଅନେକ ନିରିହ ଓ ଜ୍ଞାନୀ ଗୁଣିକୁ ହରାଇ ପରିବାର, ସମ୍ପର୍କୀୟ ସର୍ବୋପରି ସହରବାସୀଙ୍କ ମଧ୍ୟରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି । ଠିକ ଏତିକି ବେଳକୁ ଜୀବନ ଜୀବିକାକୁ ନେଇ ଅହରହ ପଦାରେ ବୁଲୁଥିବା ଗଣମାଧ୍ୟମ କର୍ମୀଙ୍କ ମଧ୍ୟରେ ସୃଷ୍ଟି ହୋଇଛି ଭୟର ବାତାବରଣ। ଦୁଇ ଦିନ ପୂର୍ବରୁ କର୍ମପ୍ରବଣ ଗଣମାଧ୍ୟମ ଫଟୋଗ୍ରାଫର ସୁମନ୍ତ ମହାନ୍ତି (ଦିଲୁ) ପରିବାରକୁ ଶୋକ ସାଗରରେ ଭସାଇ ଆଖି ବୁଜିଛନ୍ତି। ପଛରେ ଛାଡି ଯାଇଛନ୍ତି ଅସହାୟ ପରିବାରକୁ। ଏଭଳି ଦୁର୍ଦ୍ଦିନରେ ପଛରେ ରହି ଯାଇଥିବା ବିଧବା ପତ୍ନୀ, ଦୁଇ ନିରିହ ଝିଅ ଓ ବୃଦ୍ଧା ମାଙ୍କ ଭବିଷ୍ୟତ ନେଇ ସୃଷ୍ଟି ହୋଇଛି ନାନା ଅସମାହିତ ପ୍ରଶ୍ନ। କିଏ ସାହା ହେବ ଏମାନଙ୍କୁ, ସରକାର ନା ଦିଲୁ କାମ କରୁଥିବା କମ୍ପାନୀ କର୍ତୃପକ୍ଷ। କୋଭିଡ୍ ଯୋଦ୍ଧା ତ ଅକାଳରେ ଆର ପାରିକୁ ଚାଲିଗଲେ। ତାଙ୍କ ଜୀବନ ଓ କର୍ମର ବାସ୍ତବ ମୂଲ୍ୟାଙ୍କନ ହେବ ନା ନାହିଁ ତାକୁ ନେଇ ଅନେକଙ୍କ ମନରେ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ଏ ଦିଗରେ ଗଣମାଧ୍ୟମ ପ୍ରତିନିଧି ସମବେଦନା ଓ ଶୋକ ବ୍ୟକ୍ତ କରିବା ଛଡା ଆଉ କିଛି ସହାୟତା କଲା ଭଳି ସ୍ଥିତି ମଧ୍ୟ ନାହିଁ। କୁହାଯାଏ ଜନ୍ମ ମୃତ୍ୟୁ ବିଧିର ବିଧାନ। ତେବେ କରୋନା ଭଳି ମହାମାରି ସମୟରେ ସମ୍ମୁଖ ଯୋଦ୍ଧା କୁହାଯାଉଥିବା ଗଣମାଧ୍ୟମ ପ୍ରତିନିଧଙ୍କ ମଧ୍ୟରୁ ଯଦି ଜଣକ ପରେ ଆଉ ଜଣେ ଆର ପାରିକୁ ଚାଲି ଯାଆନ୍ତି ତେବେ ପେଶାଗତ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ କଥା। ଇତି ମଧ୍ୟରେ ରାଜ୍ୟର ଅନେକ ଉଦିୟମାନ ସାମ୍ବାଦିକ କରୋନାରେ ପ୍ରାଣ ହରାଇଲେଣି । ରାଜ୍ୟ ସରକାରଙ୍କୁ ଛାଡି ଦେଲେ କୌଣସି ଗୋଟିଏ ହେଲେ ପ୍ରକାଶନ ସଂସ୍ଥା ଖୋଲାଖୋଲି ସହାୟତା ରାଶି ଘୋଷଣା କରିବା ଶୁଣା ଯାଇନି। ତଥାକଥିତ ସଂସ୍ଥା ପାଇଁ ଜଣେ କର୍ମଚାରୀ ନିଜ ଜୀବନକୁ ବାଜି ଲଗାଏ, ମୃତ୍ୟୁ ତାକୁ ଡରାଇ ପାରେନା। ସଂସ୍ଥା ପୁଷ୍ଟ ହେଉ, ସମୃଦ୍ଧ ହେଉ। ବଦଳରେ ଆମକୁ କିଛି ପ୍ରାପ୍ୟ ମିଳୁ। ଏତିକି ଆଶାରେ ଜୀବନର ସର୍ବସ୍ୱ ହରାଇ ଆରପାରିକୁ ଚାଲି ଯାଉଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ପରିବାର ଆଜି ସହାୟତା ପାଇଁ ଆକୁଳ ନୟନରେ ଚାହିଁଛି । ମାନବୀୟ ଦୃଷ୍ଟି କୋଣରୁ ମୃତ ସାମ୍ବାଦିକଙ୍କ ଜୀବନର ସଠିକ୍ ମୂଲ୍ୟାୟନ କରାଯିବା ଆଜି ଭଳି ଦିନରେ ଯଥେଷ୍ଟ ଗୁରତ୍ୱ ବହନ କରୁଛି । ଏ ଦିଗରେ ସମ୍ପୃକ୍ତ ପ୍ରକାଶନ ସଂସ୍ଥା ବା ଅନ୍ୟାନ୍ୟ ଖବର ସରବରାହ ସଂସ୍ଥା ବଦାନ୍ୟତା ଦେଖାଇବା ଈଶ୍ୱରୀୟ ଆଶିର୍ବାଦର ସନ୍ତକ ହୋଇ ରହିବ। ଅନ୍ୟଥା ଯେଉଁ ଗଣମାଧ୍ୟମ ପ୍ରତିନିଧି ଆଜି ନିଜ ଜୀବନକୁ ଖାତିର ନକରି ଆଗକୁ ବଢୁଛନ୍ତି ସେମାନଙ୍କ ପାଦ ନିଶ୍ଚିତ ପଛକୁ ଫେରିବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ପ୍ରଥମ ଲହର କରୋନା କାଳରେ ରାଉରକେଲା ସହରର ସାମ୍ବାଦିକ ବସନ୍ତ ଧଳ ଯେତେବେଳେ କରୋନାରେ ସଂକ୍ରମିତ ହୋଇ ସୋସିଆଲ ମିଡିଆରେ ଅସହାୟତାର ବାର୍ତା ଦେଲେ। ସେତେବେଳେ ସୁନ୍ଦରଗଡ଼ ଜିଲ୍ଲାର ବହୁ ସାମ୍ବାଦିକ ତାଙ୍କ ପାଇଁ ଆଗକୁ ବାହାରି ଯେଉଁଭଳି ସହଯୋଗର ହାତ ବଢାଇଲେ ତାହା ଆଜି ବି ପ୍ରେରଣା ହୋଇ ରହିଛି। କେବଳ ଏତିକି ନୁହେଁ ସେ ଚିକିତ୍ସିତ ହେଉଥିବା ଡାକ୍ତରଖାନା କର୍ତୃପକ୍ଷ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲାପାଳ ଏବଂ ଏଡିଏମ ରାଉରକେଲାଙ୍କ ତତ୍ପରତା ମଧ୍ୟ କେବେ ଭୁଲିବାର ନୁହେଁ। ଏମିତି ବେଳରେ ମତଭେଦ ଭୁଲି ଗଣମାଧ୍ୟମ ସଂସ୍ଥାର ସବୁ ସଂଘ, ସଂଗଠନ ଓ ସାମାଜିକ କର୍ମୀ ଏକତ୍ରିତ ହେବାର ଆବଶ୍ୟକତା ରହିଛି। ଏଥିରେ ଅବହେଳା କଲେ ଆମେ ଦିଲୁଙ୍କ ଭଳି ଉଦୀୟମାନ ଯୁବ ପ୍ରତିନିଧିଙ୍କୁ ହରାଇ କେବଳ ଶୋକ କରି ଖବରକାଗଜରେ ନାଁ ଛପାଇବା ସାର ହେବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ଏଭଳି ଦୁର୍ଦ୍ଦିନ ସମୟରେ ରାଜ୍ୟ ସରକାର ଏହି ଶୋକସନ୍ତପ୍ତ ପରିବାରକୁ ସାହା ହେବାକୁ ସାମ୍ବାଦିକ, ବୁଦ୍ଧିଜିବୀ ଓ ବରିଷ୍ଠ ନାଗରିକ ମହଲରେ ଦାବି ହେଉଛି ।

# ସମ୍ବଲପୁର ରେଳ ମଣ୍ଡଳରେ ନିରାପତ୍ତା ସେମିନାର ଆୟୋଜିତ

ସମ୍ବଲପୁର, ୧୪/୫ (ନି.ପ୍ର): ପୂର୍ବତଟ ରେଳପଥ, ସମ୍ବଲପୁର ରେଳ ମଣ୍ଡଳର ନିରାପତା ବିଭାଗ ଦ୍ୱାରା ଭର୍ଚୁଆଲ ମୋଡ଼ ମାଧ୍ୟମରେ ଗ୍ରୀଷ୍ମକାଳୀନ ସତର୍କତା ଉପରେ ଏକ ନିରାପ୍ତା ସେମିନାର ଆୟୋଜିତ ହୋଇଥିଲା । ଉକ୍ତ ସେମିନାରରେ ସମସ୍ତ ଅଧିକାରୀ ଓ ଇଂଜିନିୟିରିଂ ବିଭାଗର ପ୍ରାୟ ୭୦ ସୁପରଭାଇଜର ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ, ପ୍ରଦୀପ କୁମାର ସେମିନାରର ଅଧ୍ୟକ୍ଷତା କରି ଗ୍ରୀଷ୍ମକାଳୀନ ନିରାପ୍ତା ସତର୍କତା ଉପରେ ଧ୍ୟାନ ଆକର୍ଷଣ କରିଥିଲେ । ନିରାପତା ବର୍ଗର କର୍ମଚାରୀମାନେ ସର୍ବଦା ନିରାପତା ସାବଧାନତା ଅବଲମ୍ବନ କରିବା ଉଚିତ ଏବଂ କୌଣସି ପ୍ରକାର ସର୍ଟକଟ ପଦ୍ଧତି ଗ୍ରହଣ ନ କରିବା ଏବଂ ନିୟମିତ ରେଳ ଧାରଣାର ରକ୍ଷଣାବେକ୍ଷଣ ଏବଂ ନିରାପ୍ତା ଉପକରଣ ଗୁଡ଼ିକର ସଠିକ୍ ଯାଂଚ ଉପରେ ସଜାଗ ରହିବା ଉଚିତ ବୋଲି ସେ କହିଛନ୍ତି । ଏହି ଅବସରରେ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସମନ୍ୱୟ) ଜୟନ୍ତ କୁମାର ଖମାରୀ, ଗ୍ରୀଷ୍ମ ଋତୁରେ ମାତ୍ରାଧିକ ଗରମ ସମୟରେ ରେଳ ଚଳାଚଳ ପ୍ରତି ଯେପରି କୌଣସି ଅପ୍ରିତିକର ପରିସ୍ଥିତି ନ ଉପୁଜେ ସେଥିପ୍ରତି ସଜାଗ ରହିବା ସହିତ ଟ୍ରାକ୍‌ର ରକ୍ଷଣାବେକ୍ଷଣ ପ୍ରତି ବିଶେଷ ଧ୍ୟାନ ଦେବା ତଥା ରେଳ ଧାରଣାରେ ଉପଯୁକ୍ତ ବାଲାଷ୍ଟ ବ୍ୟବସ୍ଥା କରିବା ଓ ରେଳ ଧାରଣା ବଙ୍କେଇବା କ୍ଷେତ୍ରରେ ତୁରନ୍ତ ପଦକ୍ଷେପ ନେବା ଉଚିତ ବୋଲି କହିଥିଲେ । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପୂର୍ବ) ଅରୁଣ କୁମାର ମହାରଣା, ଗ୍ରୀଷ୍ମାକଳୀନ ସତର୍କତା ବିଷୟ ଉପରେ ଏକ ପାୱାର ପଏଂଟ ଉପସ୍ଥାପନା କରିଥିଲେ ।ଏହ ଅବସରରେ ବରିଷ୍ଠ ଅଧିକାରୀ ମାନେ ନିରାପ୍ତା ସମ୍ପର୍କିତ ବିଭିନ୍ନ ପ୍ରକାର ମୂଲ୍ୟବାନ ପରାମର୍ଶ ଦେଇଥିଲେ । ବରିଷ୍ଠ ମଣ୍ଡଳ ନିରାପତା ଅଧିକାରୀ ପିତବାସ ପଣ୍ଡା ଉକ୍ତ ସେମିନାରର ସଂଯୋଜନା କରିଥିଲେ ।

# ଦେଶବାସୀଙ୍କୁ ଦୁର୍ବଳ କରିବାକୁ କଂଗ୍ରେସର ନକାରାତ୍ମକ ରାଜନୀତିକୁ ବିଜେପି ପକ୍ଷରୁ ନିନ୍ଦା

କେନ୍ଦ୍ରାପଡ଼ା, ୧୪/୫ (ନି.ପ୍ର): କଂଗ୍ରେସ ଦଳର ବରିଷ୍ଠ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ସମେତ ରାଜ୍ୟ ନେତୃବୃନ୍ଦ ମାନେ ଚଳାଇଥିବା ନକାରାତ୍ମକ ରାଜନୀତିକୁ କେନ୍ଦ୍ରାପଡା ବିଜେପି ଶାଖା ପକ୍ଷରୁ ନିନ୍ଦା କରାଯାଇଛି । କୋଭିଡ-୧୯ ବିଶ୍ୱ ମହାମାରୀ ସମୟରେ ଦେଶବାସୀ ଏକଜୁଟ ହୋଇ କରୋନା ବିରୋଧରେ ଚଳାଇଥିବା ସଂଗ୍ରାମ ପରିପ୍ରେକ୍ଷୀରେ କଂଗ୍ରେସର କାର୍ଯ୍ୟଶୈଳୀ, ବିବୃତି ପ୍ରଦାନ, ହୀନ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ସମାଲୋଚନା ଆଦି କରୋନା ବିରୋଧୀ ଅଭିଯାନକୁ ଭଣ୍ଡୁର କରିବା ପାଇଁ ଉଦ୍ଦିଷ୍ଟ ବୋଲି ବିଜେପି ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା ଏକ ପ୍ରେସନୋଟ୍ ମାଧ୍ୟମରେ ନିନ୍ଦା କରିଛନ୍ତି । ଦୀର୍ଘ ବର୍ଷେ ହେଲା କୋଭିଡ-୧୯ କରୋନା ସଂକ୍ରମଣ ଦେଶର ଜନତାଙ୍କୁ ଆତଙ୍କିତ କରି ରଖିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏନଡିଏ ର କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟ ସରକାର ଏହା ବିରୋଧରେ ଅଭିଯାନ ଚଳାଇ ୧୭କୋଟିରୁ ଉର୍ଦ୍ଧ୍ୱ ଟୀକା ଯୋଗାଇ ଦେଇଛନ୍ତି । ଯେତେବେଳେ ଦେଶ ସାହସର କରୋନା ବିରୋଧରେ ଲଢାଇ ଚଳାଇଛି ସେତେବେଳେ କଂଗ୍ରେସର ଶୀର୍ଷ ନେତୃବୃନ୍ଦ ମିଥ୍ୟା ଅଭିଯୋଗ କରି ଜନ ସାଧାରଣଙ୍କ ମଧ୍ୟରେ ଭ୍ରମ ସଓ ନୈରାଶୟ ସୃହ୍ଟି କରିବାକୁ ଉଦ୍ୟମ ଚଳାଇଛନ୍ତି । ଏଭଳି କାର୍ଯ୍ୟ ଜନ ସାଧାରଣଙ୍କ ମଧ୍ୟରେ ଅସୁରକ୍ଷିତ ଭାବନା ସୃଷ୍ଟିକରି ଲୋକଙ୍କ ମନବଳ ହ୍ରାସ କାରିବା ପାଇଁ ହୀନ ରାଜନୀତି ବୋଲି ଶ୍ରୀ ପଣ୍ଡା ଅଭିଯୋଗ କରିବା ସହ ଜନ ସାଧାରଣ ଏଥିପ୍ରତି ସତର୍କ ରହିବାକୁ ଅନୁରୋଧ କରିଛନ୍ତି ।

## ପ୍ରତି ୱାର୍ଡରେ ଟିକାକରଣ ପାଇ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ପୁରୀ, ୧୪/୫ (ନି.ପ୍ର): କରୋନା ମହାମାରୀର ସ୍ଥିତି ଓ ଟୀକାକରଣ ଅବ୍ୟବସ୍ଥାକୁ ଦେଖି ଆସୋସିଏଟ୍ ଅଫ୍ ଟ୍ୱିଟର ଆକ୍ଟିଭିଟିସ ପକ୍ଷରୁ ପ୍ରତି ୱାର୍ଡ ଅନୁଯାୟୀ ଟୀକାକରଣ କରିବା ପାଇଁ ଏକ ଦାବିପତ୍ର ଆଜି ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ପୁରୀ ସହରରେ କରୋନା ସଂକ୍ରମଣ ଦିନକୁ ଦିନ ବଢିବାରେ ଲାଗିଛି । ଅଳ୍ପ ଟୀକାଦାନ କେନ୍ଦ୍ରରେ ଟୀକା ଦେବା ପାଇଁ ପ୍ରବଳ ଗହଳି ହେଉଛି । ସାମାଜିକ ଦୂରତା ରହୁନାହିଁ । ଯାହାଫଳରେ କରୋନା ସଂକ୍ରମଣ ବଢୁଛି । ପୁରୀ ପୌରା ଳରେ ସମସ୍ତ ୱାର୍ଡରେ ଟୀକାକରଣ କରାଗଲେ ସମସ୍ତେ ଏହି ସୁବିଧା ନେଇ ପାରନ୍ତେ । ପ୍ରତି ୱାର୍ଡରେ ଥିବା ଅଙ୍ଗନବାଡି କେନ୍ଦ୍ର, ବିଦ୍ୟାଳୟ, କମ୍ୟୁନିଟି ହଲରେ ଟୀକାକରଣ ବ୍ୟବସ୍ଥା କରାଗଲେ ସୁବିଧା ଓ ପାଖରେ ସାହିବ୍ୟକ୍ତିମାନେ ଟୀକାଗ୍ରହଣ କରିପାରନ୍ତେ । ଏହି ଟୀକାକରଣ କରାଗଲେ ଟ୍ୱିଟର ଆକ୍ଟିଭିଟିସ ପକ୍ଷରୁ ସଭ୍ୟମାନେ ସହଯୋଗ କରିବେ ବୋଲି ଦର୍ଶାଇଛନ୍ତି ।

# କରୋନା ଜୀବନ ନେଲା, ଘରୋଇ ହସ୍ପିଟାଲରେ ଶବ ବନ୍ଧା ପଡିଲା: ଚକ୍ରବର୍ତୀ ସାରଙ୍କୁ ନେଇ ପୁରୀରେ ଚର୍ଚ୍ଚା

ପୁରୀ, ୧୪/୫ (ନି.ପ୍ର): ପୁରୀସହରର ପ୍ରତିଷ୍ଠିତ ବିଶ୍ୱମ୍ଭର ବିଦ୍ୟାପୀଠର ପ୍ରାକ୍ତନ ସହଯୋଗୀ ଶିକ୍ଷକ ଦେବାଶିଷ ଚକ୍ରବର୍ତୀ ଗତକାଲି କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ସମୟରେ ମୃତ୍ୟୁବରଣ କରିଛନ୍ତି । ତାଙ୍କ ପରିବାର ଲୋକ ପ୍ରାୟ ୪ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ । ଶବ ଆଣିବାକୁ କହିବାରୁ ଆହୁରି ମେଡିକାଲ କର୍ତୃପକ୍ଷ ଆଉ ଏକଲକ୍ଷ ଟଙ୍କା ଦେଲେ ଶବ ହସ୍ତାନ୍ତର କରିବୁ ବୋଲି କହିଥିଲେ । ଏହା ଶୁଣି ପରିବାର ଲୋକ ମିୟମ୍ରାଣ ହୋଇଥିଲେ । ଏ ସଂପର୍କରେ ପୁରୀର ବରିଷ୍ଠ ନାଗରିକ ରୁଦ୍ରପ୍ରତାପ ସିଂ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଏମସି କର୍ତୃପକ୍ଷ, ଓ ପୁଲିସ ଡିଜିଙ୍କୁ ଟ୍ୱିଟ କରି ଶବ ମୁକୁଳାଇବା ପାଇଁ ଦାବି କରିଥିଲେ । ସ୍ୱର୍ଗତ ଚକ୍ରବର୍ତୀ କିଛିଦିନ ତଳେ ପଦୋନ୍ନତି ପାଇଁ ଚନ୍ଦନପୁର ମହନ୍ତ ଗଦାଧର ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ତାଙ୍କ ଘର ପୁରୀ ଅବକାଶ ଲେନରେ ଥିବା ବେଳେ ପୈତୃକ ଗ୍ରାମ ବାଲିପଡାର ବୋଲି ଜଣାପଡଛି । ପୁରୀରେ ଚର୍ଚ୍ଚା ହେଉଛି କରୋନା ସମୟରେ ଘରୋଇ ଡାକ୍ତରଖାନା ସହ କିଛି ଫିକ୍ସିଂ ହୋଇଥିବା ଅନୁମାନ କରାଯାଉଛି ।

## ବରିଷ୍ଠ ଦେୱାନି ବିଚାରପତିଙ୍କ ଯୋଗଦାନ

ମାଲକାନଗିରି, ୧୪/୫ (ନି.ପ୍ର): ମାଲକାନଗିରି ଜିଲ୍ଲା କୋର୍ଟ ଆନୁକୂଲ୍ୟରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟ ପରିସରରେ ନୂତନ ଭାବେ ଯୋଗଦାନ କରିଥିବା ବରିଷ୍ଠ ଦେୱାନି ବିଚାରପତି କମଳାକାନ୍ତ ରାଉତଙ୍କୁ ଆଜି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉତ୍ସବରେ ରେଜିଷ୍ଟ୍ରାର ତଥା ସହକାରି ଜଜ୍ କୃଷ୍ଣଚନ୍ଦ୍ର ନାୟକ ଏବଂ କୋର୍ଟ ମ୍ୟାନେଜର ପ୍ରଣବ କୁମାର ପ୍ରଧାନ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ନୂତନ ବିଚାରପତିଙ୍କୁ ସ୍ୱାଗତ କରିଥିଲେ । ଏଥିରେ ଅନ୍ୟତମ ଅତିଥି ତଥା ପାରାଲିଗାଲ ସ୍ୱେଚ୍ଛାସେବୀ ଡଃ. ରଞ୍ଜନ କୁମାର ସ୍ୱାଇଁ ତାଙ୍କୁ ସ୍ୱାଗତ କରିଥିଲେ । ଶ୍ରୀ ରାଉତ ଜଗତସିଂହପୁରରେ ୩ ବର୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରୂପେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ବର୍ତମାନ ତାଙ୍କର ମାଲକାନଗିରି ବଦଳି ହୋଇଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଉପସ୍ଥିତ ରହିବା ସହ କୋଭିଡ୍ ନିୟମ ପାଳନ ଓ ଅଫିସ୍ ବିଶୋଧନ କରି ବରିଷ୍ଠ ଦେୱାନି ବିଚାରପତିଙ୍କୁ ସ୍ୱାଗତ

# କନ୍ଧମାଳ ଜିଲ୍ଲାରେ ଖସିଛି କରୋନା ପାରଦ: ନୂଆ ୬୯ ସଂକ୍ରମିତ ଚିହ୍ନଟ, ଜଣେ ମୃତ

କନ୍ଧମାଳ, ୧୪/୫ (ନି.ପ୍ର): ଦିର୍ଘ ଦିନର ବ୍ୟବଧାନ ପରେ କନ୍ଧମାଳ ଜିଲ୍ଲାରେ କୋଭିଡ ସଂକ୍ରମଣ ର ପାରଦ ତଳକୁ ଖସିଛି । ମିଳିଥିବା ସୂଚନା ଅନୁସାରେ ଜିଲ୍ଲାରେ ଗତ ୨୪ ଘଣ୍ଟା ମଧ୍ୟରେ ୬୯ ଜଣ ନୂଆ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ଚିହ୍ନଟ ହୋଇଥିବା ନୂଆ ସଂକ୍ରମିତଙ୍କ ମଧ୍ୟରୁ ଫୁଲବାଣୀ ପୌରାଂଚଳରୁ ୯ ଜଣ ଓ ଗ୍ରାମାଂଚଳରୁ ୩ ଜଣଙ୍କୁ ମିଶାଇ ମୋଟ ୧୨ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ବାଲିଗୁଡା ବିଜ୍ଞାପିତ ଅଂଚଳରୁ ୫ ଜଣ ଏବଂ ଗ୍ରାମାଂଚଳରୁ ୫ ଜଣଙ୍କୁ ମିଶାଇ ମୋଟ ୧୦ ଜଣ, ଚକାପାଦର ୩ ଜଣ, ଦାରିଙ୍ଗବାଡି ର ୫, ଘୁ.ଉଦୟଗିରିର ୫ ଜଣ, କ.ନୂଆଗାଁର ୧୨, ଖଜୁରିପଡାର ୩, ଫିରିଙ୍ଗିଆର ୮, ଟିକାବାଲିର ୩ଜଣ, କୋଟଗଡ ଅଂଚଳର ୫ ଜଣ ଏବଂ ରାଇକିଆ ଓ ତୁମୁଡିବନ୍ଧ ଅଂଚଳର ଜଣେ ଲେଖାଏଁ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି । ଏମାନଙ୍କୁ ମିଶାଇ ଜିଲ୍ଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭,୪୯୩ ରେ ପହଂଚିଛି । ସେମାନଙ୍କ ମଧ୍ୟରୁ ୬,୬୭୭ ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଜିଲ୍ଲାର କ.ନୂଆଗାଁ ବ୍ଲକ ଅଂଚଳର ଜଣେ ୫୫ ବର୍ଷର ପୁରୁଷଙ୍କ କୋଭିଡ ସଂକ୍ରମଣରେ ମୃତ୍ୟୁ ହୋଇଛି । ଏହାକୁ ମିଶାଇ ଜିଲ୍ଲାରେ କୋଭିଡ ସଂକ୍ରମଣରେ ମୃତ୍ୟୁ ସଂଖ୍ୟା ୩୬ ରେ ପହଂଚିଛି । ଆଉ ୭୮୦ ଜଣ ସଂକ୍ରମିତ ଚିକିତ୍ସାଧିନ ଅବସ୍ଥାରେ ଅଛନ୍ତି ।

# ଜିଲ୍ଲାରେ ସଂକ୍ରମଣ ଉପରମୁହାଁ, ଗୋଟିଏ ଦିନରେ ୧୮୫ ସଂକ୍ରମିତ ଚିହ୍ନଟ

କେନ୍ଦ୍ରାପଡ଼ା, ୧୪/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ କରୋନା ସଂକ୍ରମଣର ଦ୍ୱିତୀୟ ପ୍ରବାହ ଧିରେ ଧିରେ କାୟା ବିସ୍ତାର କରି ବଢୁଥିବାରୁ ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆ ଯାଇଥିବା ରିପୋର୍ଟ ମୁତାବକ ଆଜି ଗୋଟିଏ ଦିନରେ ୧୮୫ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରୁ ଆଳି ବ୍ଲକରେ -୫, ଡେରାବିଶ-୨୫, ଗରଦପୁର-୧୫, କେନ୍ଦ୍ରାପଡା-୩୫, ମହାକାଳପଡା-୩୩, ମାର୍ଶାଘାଇ-୨୪, ପଟ୍ଟାମୁଣ୍ଡାଇ-୧୭, ରାଜକନିକା -୦୮, ରାଜନଗର-୧୯ ଓ କେନ୍ଦ୍ରାପଡା ମୁନିସିପାଲିଟି ଅଂଚଳରେ ୩ଜଣ ଓ ଅନ୍ୟ-୧ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ପ୍ରଶାସନ ପକ୍ଷରୁ ଏ ସମସ୍ତ ବ୍ୟକ୍ତିଙ୍କୁ ପ୍ରାଥମିକ ଅବସ୍ଥାରେ ନିଜ ନିଜ ଘରେ ସଂଗରୋଧରେ ରହିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଥିବା ଜଣା ପଡିଛି ।

## ବ୍ରହ୍ମପୁରରେ ଗତ ୨୪ ଘଂଟାରେ ୩୩୫ ବାହନରୁ ୧ଲକ୍ଷ ୭୭ହଜାର ୫୦୦ ଟଙ୍କା ଚାଲାଣ ଆଦାୟ

ବ୍ରହ୍ମପୁର, ୧୪/୫ (ନି.ପ୍ର): ଗତ ୨୪ଘଂଟା ମଧ୍ୟରେ ବ୍ରହ୍ମପୁର ପୋଲିସ୍ ବିଭିନ୍ନ ଯାନବାହନ ଚାଳକଙ୍କ ଠାରୁ ୧ଲକ୍ଷ ୭୭ ହଜାର ୫୦୦ ଟଙ୍କା ଚାଲାଣ ଆଦାୟ କରିଛି । ବ୍ରହ୍ମପୁର ଏସ୍‌ପିଙ୍କ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଏହି ସମୟ ମଧ୍ୟରେ ୩୩୫ଟି ଯାନବାହନରୁ ଚାଲାଣ କଟାଯାଇଛି । ସେହିପରି ନାଇଟ୍ କର୍ଫ୍ୟୁ ଉଲ୍ଲଂଘନ ୧୮ଟି କେଶ୍‌ରୁ ୬ହଜାର ୩୦୦, ୧୧ଟି ଦୋକାନ ସିଲ୍ କରାଯାଇ ୭ହଜାର ୨୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ସୂଚନା ଦିଆଯାଇଛି । ଅପରପକ୍ଷରେ ମାକ୍ସ ନପିନ୍ଧିବା ଅଭିଯୋଗରେ ୨୮ହଜାର ୬୦୦ଟଙ୍କା ଏବଂ ସାମାଜିକ ଦୂରତା ନରଖିବା ୧୩ ବ୍ୟକ୍ତିଙ୍କ ଠାରୁ ୬ହଜାର ୭୦୦ଟଙ୍କା ଆଦାୟ କରାଯାଇଛି । ଏହି ଅବଧି ମଧ୍ୟରେ ୨ଟି ଅବକାରୀ କେଶ୍ ରୁଜୁ କରାଯାଇ ୨ଜଣଙ୍କୁ ଗିରଫ କରାଯାଇଛି ଏବଂ ୨୩ ଲିଟର ମଦ ଜବତ କରାଯାଇଛି ।

# ଟ୍ରାକ୍ଟର ଦୁର୍ଘଟଣାରେ ଜଣେ ମୃତ

ବାରିପଦା, ୧୪/୫ (ନି.ପ୍ର): ବାରିପଦା ସଦର ଥାନା ଅଧୀନ ବାରିପଦା-ଲୁଲୁଙ୍ଗ ରାସ୍ତାର ଜୟବିଲ୍ଲା ଛକଠାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କର ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ହେଲେ ବଡ଼ସାହି ଥାନା ଅଧୀନ ମାଧପୁର ପଂଚାୟତ ଧାନପୋତା ଗ୍ରାମର କାଳିଆ ମହାନ୍ତ(୨୩) । ସନ୍ଧ୍ୟାରେ ସେ ଏକ ବାଇକରେ ୨ଜଣ ସମ୍ପର୍କୀୟ ମହିଳାଙ୍କୁ ବସାଇ ରଙ୍ଗାମାଟିଆରୁ ନିଜ ଘରକୁ ଫେରୁଥିବା ବେଳେ ଜୟବିଲ୍ଲା ଛକ ନିକଟରେ ଏକ ଟ୍ରାକ୍ଟର ସହିତ ଧକ୍କା ହୋଇଥିଲା । ଫଳରେ କାଳିଆ ସହିତ ବାଇକରେ ବସିଥିବା ୨ ମହିଳା ଆରୋହୀ ଗୁରୁତର ଆହାତ ହୋଇଥିଲେ । ଆହତମାନଙ୍କୁ ଚିକିତ୍ସା ନିମନ୍ତେ ବାରିପଦା ପିଆରଏମ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ଅଣାଯାଇଥିଲା । ତେବେ କାଳିଆକୁ ଡ଼ାକ୍ତର ରିସିଭ ଡେଥ ଘୋଷଣା କରିଥିବା ସମୟରେ ଆହାତ ଦୁଇ ମହିଳା ଚିକିତ୍ସାଧୀନ ଅଛନ୍ତି । ସେମାନଙ୍କ ପରିଚୟ ପୁଲିସ ପାଇନାହିଁ । ଏନେଇ ସଦର ଥାନାରେ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ ଟ୍ରାକ୍ଟରକୁ ପୁଲିସ ପକ୍ଷରୁ ଜବତ କରାଯାଇଛି । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ଅର୍ଥ ସାଜିଛି ବାଧକ : ପୋଡା ଘା’ କୁ ନେଇ ଯନ୍ତ୍ରଣାରେ ବାପ ଘରେ ଜୀବନ କାଟୁଛି ସୁଭଦ୍ରା

ଭଦ୍ରକ, ୧୪/୫ (ହି.ସ.) - ଭଦ୍ରକ ପୌରପାଳିକା ଅଧୀନସ୍ଥ ୨୫ନଂ ୱାର୍ଡ ପୁରୁଣାବଜାର କାରୁଆସାହିର ସୁଭଦ୍ରା ଘଡେଇ ନାମକ ଜଣେ ମହିଳା ୨ ବର୍ଷ ହେବ ବିବାହ କରିଥିଲେ ମଧ୍ୟ ଶ୍ୱଶୁରଘରେ ରୋଷେଇ କରିବାକୁ ଯାଇ ପୋଡିହୋଇ ଗୁରୁତର ହେବା ପରେ ଅର୍ଥାଭାବରୁ ଉପଯୁକ୍ତ ଚିକିତ୍ସା ହୋଇନପାରି ପିତ୍ରାଳୟରେ ଅସହାୟ ଭାବେ ଜୀବନ କାଟୁଥିବାବେଳେ ତାର ଚିକିତ୍ସା କ୍ଷେତ୍ରରେ ଅର୍ଥ ବାଧକ ସାଜିଛି । ଏ ସଂପର୍କରେ ମିଳିଥିବା ତଥ୍ୟ ଅନୁସାରେ ସୁଭଦ୍ରା ଦୁଇବର୍ଷ ତଳେ ଢେଙ୍କାନାଳ ଜିଲାର ମଙ୍ଗଳପୁର ଗ୍ରାମର ଗୋପବନ୍ଧୁ ନାୟକଙ୍କୁ ବିବାହ କରିବା ପରେ ଏକ କନ୍ୟା ସନ୍ତାନର ଜନନୀ ହୋଇଥିଲା । ସେହି କୁନି ଝିଅଟି ନାଁ ଲଭ୍‌ଲି ହୋଇଥିବାବେଳେ ସେ ଏବେ ଦେଢବର୍ଷର । ଘଟଣାକ୍ରମେ ରୋଷେଇ କରୁଥିବା ବେଳେ ଶାଢୀରେ ନିଆଁ ଲାଗି ତାର ଗୋଡ ସମେତ ଦେହ ଜଳିଯାଇଥିଲା । ଏହି ଖବର ପାଇ ସୁଭଦ୍ରାର ମା’ ଗ୍ରାମବାସୀମାନଙ୍କ ଠାରୁ ମାଗଣ କରି ସେଠାରେ ପହଞ୍ଚି ଚିକିତ୍ସାର ଅବହେଳା ଜାଣି ପ୍ରାୟ ୫ ମାସ ହେବ କନ୍ୟା ଓ ନାତୁଣୀକୁ ଘରକୁ ନେଇଆସିଥିଲା । ଏବଂ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ ମଧ୍ୟ ଗୋଡର ଘା’ ଶୁଖୁନଥିବାରୁ ସେ ଏବେ ଅସହ୍ୟ ଯନ୍ତ୍ରଣା ଭୋଗୁଛି । ସୁଭଦ୍ରାର ପିତା ଜଣେ ଯକ୍ଷ୍ମାରୋଗୀ ହୋଇଥିବାବେଳେ ମା’ ବାସନ ମାଜି ଘର ଚଳାଏ । ଭାଇ ଭିନ୍ନକ୍ଷମ ହୋଇଥିବାବେଳେ ସୁଭଦ୍ରାର ସ୍ୱାମୀ ମଝିରେ ଆସି ମାତ୍ର ୨ ହଜାର ଟଙ୍କା ଦେଇଯାଇ ଚୁପ୍‌ଚାପ ଘରେ ବସିଛି । ସୁଭଦ୍ରାର ବାପଘର ଅବସ୍ଥା ଅତ୍ୟନ୍ତ ଦରିଦ୍ରତା ମଧ୍ୟରେ କଟୁଥିବାରୁ ତାଙ୍କର ଚିକିତ୍ସା ପାଇଁ ସରକାରୀ ସହାୟତା ଲୋଡିଛନ୍ତି ଉକ୍ତ ପରିବାର । ସୁଭଦ୍ରା ଭଲ ହୋଇଗଲେ ନିଜ ଗୋଡରେ ଠିଆ ହୋଇ ପରିବାର ପାଇଁ କିଛି କରିପାରିବେ ବୋଲି ଆଶା ପ୍ରକଟ କରିଛନ୍ତି ।

# ଗ୍ରାମବାସୀ ଦେଲେ ଦାବିପତ୍ର

ଜୟପୁର, ୧୪/୫ (ନି.ପ୍ର): ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ମଜୁରୀ ଠିକାଦାର ଆତ୍ମସାତ କରିଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ । ଏନେଇ ସ୍ଥାନୀୟ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଶ୍ରମିକ ମାନେ । ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଅଣ୍ଡରୀ ଓ ଅହ୍ୱାନ ଗୁଡାର ଶ୍ରମିକ ମାନେ ଆଜି ଜିଲ୍ଲାପାଳଙ୍କ ଉଦେଶ୍ୟରେ ସ୍ଥାନୀୟ ବିଡ଼ିଓ ଅଭିମନ୍ୟୁ କବି ଶତପଥୀଙ୍କ ଜରିଆରେ ଲିଖିତ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ଅନୁଯାୟୀ କୁନ୍ଦୁରା ପିବୁଡି ରାସ୍ତା ଠାରୁ ଅଦ୍ୱାନଗୁଡା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ଯୋଜନା ରାସ୍ତା ନିର୍ମାଣ ହେଉଛି । ହେଲେ ଏହି ରାସ୍ତା କାର୍ଯ୍ୟରେ ନିୟଜିତ ଥିବା ଶ୍ରମିକ ମାନଙ୍କୁ ଠିକାଦାର ସରକାରଙ୍କ ଧକ୍ଷର୍ଯ୍ୟ ସର୍ବନିମ୍ନ ମଜୁରୀ ପ୍ରଦାନ କରିନାହାନ୍ତି କ୍ଷ ସ୍ୱଳ୍ପ ଟଙ୍କା ଦେଇ ଶ୍ରମିକଙ୍କୁ ଠକି ଦେଇଛନ୍ତି ଠିକାଦାର । ପୁଣି ଏବେ ଲକଡାଉନ ପରିସ୍ଥିତିରେ ଟଙ୍କାର ଆବଶ୍ୟକ ରହିଛି ଏଣୁ ବଳକା ଟଙ୍କା ପ୍ରଦାନ ପାଇଁ ଶ୍ରମିକ ମାନେ ଦାବୀ କରିଥିବା ଜଣା ପଡିଛି । ସେପଟେ ଏହି ସମସ୍ୟା କୁ ଜିଲ୍ଲାପ୍ରଶାସନକୁ ଜଣାହେବ ବୋଲି ବୈପାରୀଗୁଡା ବିଡ଼ିଓ ପ୍ରକାଶ କରିଛନ୍ତି ।

# ଜୟପୁର ସହରକୁ ସାନିଟାଇଜ୍ କରିବାକୁ ଦାବି

ଜୟପୁର, ୧୪/୫ (ନି.ପ୍ର): ଜୟପୁର ସହରରେ କୋରନା ସଂକ୍ରମଣ ଦୃତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ପ୍ରତିଦିନ ଜୟପୁର ସହରରେ ୪୦ ରୁ ୫୦ ସଂକ୍ରମିତ ବ୍ୟକ୍ତି ଚିହ୍ନଟ ହେଉଛନ୍ତି । କିନ୍ତୁ, ଯେଉଁ ବ୍ୟକ୍ତି କିମ୍ବା ପରିବାରର ସଦସ୍ୟ କରୋନା ପଜିଟିଭ୍ ଚିହ୍ନଟ ହେଉଛନ୍ତି ସେମାନଙ୍କ ଘରକୁ ସାନିଟାଇଜ୍ କରାଯାଉ ନାହିଁ । ବର୍ତମାନ ପ୍ରତ୍ୟେକ ସାହିରେ ୫୦ ରୁ ଶହେ ସଂକ୍ରମିତ ବ୍ୟକ୍ତି ଚିହ୍ନଟ ହୋଇସାରିଲେଣି । କିନ୍ତୁ, ପ୍ରଶାସନ ତରଫରୁ ଏ ସମସ୍ତ ସାହିକୁ ସାନିଟାଇଜ୍ କରିବା ତ ଦୂରର କଥା ବରିବେଶକୁ ଭୂତାଣୁ କବଳରୁ ରକ୍ଷା କରିବା ନିମନ୍ତେ ବ୍ଲିଚିଂ କିମ୍ବା ଫିନାଇଲ ମଧ୍ୟ ବ୍ୟବହାର କରାଯାଉ ନାହିଁ । ତେଣୁ, ଜୟପୁର ସହରକୁ ସଂକ୍ରମଣରୁ ରକ୍ଷା ତଥା ପରିବେଶକୁ ସଫାସୁତୁରା ରଖିବା ନିମନ୍ତେ ଜୟପୁର ପୌର ପରିଷଦ ତରଫରୁ ସହରର ପ୍ରତ୍ୟେକ ସାହି ଗଳି ମାନଙ୍କରେ ବ୍ଲିଚିଂ ଓ ଫିନାଇଲ ସିଂଚନ କରିବା ସହ ଯେଉଁ ବ୍ୟକ୍ତି କରୋନା ସଂକ୍ରମିତ ଚିହ୍ନଟ ହେଉଛନ୍ତି ସେମାନଙ୍କ ଘର ଏବଂ ଏହାର ଚର୍ତୁପାର୍ଶ୍ୱକୁ ତୁରନ୍ତ ସାନିଟାଇଜ ବ୍ୟବସ୍ଥା କରାଯାଉ ବୋଲି ଆଜି ଜୟପୁର ଉପଜିଲାପାଳଙ୍କୁ ଯୁବ ସଂଗଠନ କୋରାପୁଟ ଜିଲାର ଆବାହକ ରବିନ୍ଦ୍ର ମହାପାତ୍ର ଦାବୀ ପତ୍ର ପ୍ରଦାନ କରିଛନ୍ତି ।

# ଶିମିଳିପାଳରେ ବଡ଼ଧରଣ ଶିକାର ଅଭିଯାନ ପଣ୍ଡ : ୪ଟି ଦେଶୀ ବନ୍ଧୁକ, ୬ ଧନୁ ତୀର ଓ ଫାଶ ଜବତ

ବାରିପଦା, ୧୪/୫ (ନି.ପ୍ର): କରୋନାର ଦ୍ୱିତୀୟ ଲହର ସଂକ୍ରମଣ ସମସ୍ତଙ୍କୁ ଚିନ୍ତାରେ ପକାଇଥିବା ବେଳେ ଶିମିଳିପାଳରେ ଶିକାରୀଙ୍କ ପାର୍ଦୁଭାବ କମିବାର ନାମ ନେଉନାହିଁ । ଗୁରୁବାର ବାରିପଦା ରେଞ୍ଜ ଅଧୀନ ଡୁକୁରା ସେକ୍ସନ ଅଂଚଳ ଚମ୍ପାଗଡ଼ ଗ୍ରାମରେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪ଟି ଦେଶୀ ବନ୍ଧୁକ, ୬ଟି ଧନୁତୀର ସମେତ ଜନ୍ତୁ ଧରିବା ଫାଶ ଜବତ କରାଯାଇଛି । ଶିକାର ଉଦ୍ଦେଶ୍ୟରେ ଶିକାରୀ ଦଳ ପ୍ରସ୍ତୁତି ସମ୍ପର୍କରେ ଖବର ପାଇ ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀଙ୍କ ନିର୍ଦ୍ଦେଶରେ ବାରିପଦା ରେଞ୍ଜ ଅଧିକାରୀ ଲକ୍ଷ୍ମୀଧର ବେହେରା, ଫରେଷ୍ଟର ପ୍ରଶାନ୍ତ ସିଂ ସାମନ୍ତ, ଲବଙ୍ଗଲତା ବିନ୍ଧାଣୀ, ଗାର୍ଡ଼ କୃଷ୍ଣଚନ୍ଦ୍ର ଦେ, ଅନୀଲ ମହାନ୍ତ, ବିକାଶ କୁମାର ଭୁଜବଳ ଓ କାଳୀଚରଣ ନାଏକ ଅତର୍କିତ ଚଢ଼ାଉ କରି ଉପରୋକ୍ତ ଅସ୍ତ୍ରଶସ୍ତ୍ର ଜବତ କରିଥିବା ସମୟରେ ଅଭିଯୁକ୍ତମାନେ ଘରର ବାହାର ଅଂଚଳର ଭିନ୍ନ ଭିନ୍ନ ସ୍ଥାନରେ ଲୁଚାଇ ରଖିଥିଲେ । ତେବେ ବନ ବିଭାଗର ଚଢ଼ାଉ ବେଳେ ଅଭିଯୁକ୍ତମାନଙ୍କୁ ଧରିବାରେ ବିଫଳ ହୋଇଥିବାର ଜଣାପଡ଼ିଛି ।

# ଅକ୍ଷୟ ତୃତୀୟାର ଅନୁଚିନ୍ତା

ଅରୁଣ ଜେନା

ଆଜିର ପରିବର୍ତ୍ତିତ ପରିସ୍ଥିତିରେ ହେଉ ବା ସମୟର ତାଡ଼ନା କିମ୍ବା ବୈଶିକ ମହାମାରୀ ମାରାତ୍ମକ କରୋନାର କ୍ରୁର ପ୍ରହାର ହେଉ ଏବେ ଦେଶବ୍ୟାପୀ ବର୍ଷାଧିକ କାଳ ତାଲାବନ୍ଦ ଯୋଗୁଁ ପ୍ରବାସୀ ଶ୍ରମିକ ଦାଦନ, କର୍ମଚାରୀ ଫେରୁଛି ଆପଣାର ଗାଁ-ମାଆ ମାଟି- ବା ସାତପୁରୁଷର ଭିଟାମାଟିକୁ । କେବଳ ଆମ ରାଜ୍ୟ ଦେଶ ବା ଦୁନିଆରେ ନୁହେଁ କରୋନାର ଶକୁନ ଆଖି ମରଣଯନ୍ତା ଅବା କପଟପଶାରେ ହନ୍ତସନ୍ତ ମଣିଷ, ଶିଳ୍ପ ଅର୍ଥନୀତିରେ ସାମଗ୍ରୀକ ବିକାଶର ସ୍ୱପ୍ନ ଦେଖୁଥିବା ମତୁଆଲା ସଭ୍ୟ ସମାଜ ଏବେ ଆମ ସଂସ୍କୃତିର ମୂଳକଥାକୁ ଫେରିବାକୁ ବାଧ ହେଲାଣି ତାହା ଏହିପରି-

"କୃଷି ସିନା
ସଂସାରେ ସଭ୍ୟତାର ମୂଳ
କୃଷି ଏକା ସକଳ
ଜୀବିକାର ଚୂଳ
କୃଷି ଗୋପାଳନ ସମ
କହ କାହିଁ ସାଧୁପନ୍ଥା
କୋଟି ଜନେ ଯୋଗାଏ
ଯେ ବଞ୍ଚିବାର ଆସ୍ଥା ।"
ଅବା-
"ଚାଷ ନାହିଁ ଯାହାର,
ବାସ ନାହିଁ ତାହାର ।"

ସେଦିନ କବିଙ୍କର ଏହି ଉକ୍ତିକୁ ତର୍ଜମା କରି ତା'ର ବାର୍ତ୍ତା ଓ ପ୍ରାଣପ୍ରାଚୁର୍ଯ୍ୟକୁ ଏବେକାର ପରିପ୍ରେକ୍ଷୀରେ ଅତ୍ୟନ୍ତ ଯଥାର୍ଥ ବୋଲି କୁହାଯାଇପାରେ । ସଂପ୍ରତି ସମୟର ଏହି ବିଧ୍ୱଂସୀ ବିଶ୍ୱରୂପ ତଥା ମହାମାରୀ କରୋନାଜନିତ ପ୍ରତିଦିନ- ପ୍ରତି ମୁହୂର୍ତ୍ତରେ ଶତଶତ, ହଜାର ହଜାର ମଣିଷଙ୍କ ମୃତ୍ୟୁର ଖବର ଆମର ହୃଦୟ, ବିବେକ ଓ ଆତ୍ମାକୁ ଖିନ୍‌ଭିନ୍ କରି ଥରାଇ ଦେଉଛି । ଅଗଣିତ ଆତ୍ମୀୟଙ୍କ ଅବର୍ତ୍ତମାନରେ ଅନେକଙ୍କ ଆଖିରୁ ଅବ୍ୟକ୍ତ ଲହୁ ଓ ଲୁହର ଧାରାକୁ କିଏ ବା ଆଜି ଅନୁଭବ କରିପାରୁଛି ? ଶାସକ, ଶାସିତ ନା ସଭ୍ୟ ସମାଜ କି ଚିକିତ୍ସା ବିଜ୍ଞାନ- ସମସ୍ତେ ଆଜି ଏହି କରୋନା ମହାମାରୀର ଅଜଣା ଆତଙ୍କରେ ଆତଙ୍କିତ ଓ ଆଉ ଭୀତତ୍ରସ୍ତ । ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଆମର ତପୋବନ ସେବିତ ଋଷିପ୍ରାଣ ସଭ୍ୟତା, ସଂସ୍କୃତି, ପରମ୍ପରା ତଥା ଉତ୍କଳୀୟ ପର୍ବ ପର୍ବାଣୀର ଭାବଧାରା ଶତପ୍ରତିଶତ କୃଷିଭିତ୍ତିକ ସଂସ୍କୃତିକୁ କିଏ ବା ଅସ୍ୱୀକାର କରିପାରିବ ? ଏଇଥିପାଇଁ ଚାଷୀକୁଳର ଆଦ୍ୟପର୍ବ ଅକ୍ଷୟତୃତୀୟ, ରଜସଂକ୍ରାନ୍ତି ଗହ୍ମାପୂର୍ଣ୍ଣିମା, ଗର୍ଭଣା ସଂକ୍ରାନ୍ତି, ପୌଷପୂର୍ଣ୍ଣିମା (ପୁଷପୁନେଇ) ଓ ମକର ସଂକ୍ରାନ୍ତି ଆଦି ଗଣପର୍ବ ପାଳନ ଭିତରେ ଚାଷୀ ଓ ଚାଷର ସୁରକ୍ଷା ତଥା ମଣିଷ ସମାଜର ଚେତନା, ସଂସ୍କାର ଓ କୃଷିଭିତ୍ତିକ ଅର୍ଥନୀତିର ବିକାଶ କ୍ଷେତ୍ରରେ ରହିଛି ଅନେକ ଗାରିମାର ଗୌରବମୟ ଗାୟତ୍ରୀମନ୍ତ୍ର । ଏ କଥା ଭୁଲିଗଲେ ଚଳିବନି । ଆଜିର ହାଇଟେକ୍, ହ୍ୱାଟସ୍‌ଅପ୍, ମୋବାଇଲ, ୟୁଟ୍ୟୁବ୍, ଫେସବୁକ୍ ଓ କମ୍ପ୍ୟୁଟର ଦୁନିଆର କପଟତା ଭିତରେ ଛନ୍ଦି ହୋଇଯାଉଥିବା ଜନମାନସ, ଇଗଭର୍ଣ୍ଣର୍ସର ଇଚ୍ଛାର ଦାସ ସାଜିଥିବା ଶାସକ ଆଉ ଲାପଟପ୍ରର ଲାସ୍ୟମୟୀ ପ୍ରହେଳିକା ଭିତରେ ହଜିଯାଉଥିବା ଯୁବସମାଜ କେବେ କି ବୁଝିପାରିବ- ସୁଦୂର ପଲ୍ଲିଗାଁ- ମାଆ ମାଟିର ମମତା ! ଚାଷ-ବାସର କଥା ଆଉ ଗ୍ରାମ୍ୟ ଜୀବନର ଗାଥା ଭିତରେ ଭରି ରହିଥିବା ଅତୁଟ ପ୍ରାଣପ୍ରାଚୁର୍ଯ୍ୟର ଅସୀମ ଅଭିବ୍ୟକ୍ତି, ଆନ୍ତରିକତା, ଅକପଟ ସ୍ନେହ, ସଦିଚ୍ଛା ଓ ମାନବିକତାର ଅମୃତ ମହକ !

ଆମ ଚାଷୀକୁଳର ଆଦ୍ୟପର୍ବ, 'ଅକ୍ଷୟତୃତୀୟା' କଥା ଭାବିବସିଲେ ଆଖି ଆଗରେ ଭାସିଉଠେ ଗାଁ କୃଷକର ସେଇ ଅଙ୍କାବଙ୍କା ଗାଁ ଦାଣ୍ଡ, ଗୋହିରୀ ପାଟ ଅବା ନଦୀ ତଟର ବିଲପଠା । ହଳବଳଦ, ଲଙ୍ଗଳ, ଜୁଆଳି, ଧାନ ଟୋକେଇ, ସିନ୍ଦୂର, ଫୁଲ, ଚନ୍ଦନ, ଅଗୁର, ଶ୍ରୀଫଳ ତଥା ପୂଜା ସାମଗ୍ରୀ ଧରି ସକାଳୁ ସକାଳୁ ଗାଧୋଇ ପାଧୋଇ ନୂଆ ଲୁଗା ପିନ୍ଧି ଚାଷୀପୁଅ ବିଲକୁ ଯାଉଥିବାର ଏକ ବିରଳ ମନୋରମ ଦୃଶ୍ୟଟିଏ । ଅକ୍ଷୟ ତୃତୀୟା ଭରିଦେଇପାରେ ଓଡ଼ିଶାର ପୁରପଲ୍ଲୀରେ ବସବାସ କରୁଥିବା ୮୦% ଭାଗରୁ ଉର୍ଦ୍ଧ୍ୱ କୃଷିଜୀବି ପରିବାର ଏକ ନିଆରା, ନିରୋଳା ଭାବଚ୍ଛ୍ୱାସ । କ୍ଷେତ୍ରରେ ଚାଷକାମ ଆରମ୍ଭ କରିବାରେ ଅକ୍ଷୟ ତୃତୀୟା ହିଁ ପହିଲି ପାହାଚ । ତାକୁ ନ ଛୁଇଁଲେ- କୃଷି ମନ୍ଦିରର ଗମ୍ଭୀରା ଭିତରକୁ ଯାଇହେବନି । ତେଣୁ ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟାକୁ ଆମ ସଂସ୍କୃତି ଓ ଜନଜୀବନ ଅକ୍ଷୟ ତୃତୀୟାଭାବ ପାଳନ କରିଥାଏ ।

ଗବେଷକ ଓ ବିଶେଷଜ୍ଞମାନଙ୍କ ମତ ଯେ ପୃଥିବୀରେ ଆମ ରାଜ୍ୟର କୋରାପୁଟର ବଣପାହାଡ଼, ପର୍ବତଘେରା, ନଦୀ ଝରଣା ପରିବେଷ୍ଟିତ ମାଟିରେ ପ୍ରଥମ କରି ଧାନଚାଷର ଶୁଭାରମ୍ଭ ହୋଇଥିଲା- ଏ ମାଟିର ଆଦିମ ଅଧିବାସୀର ହଳଲଙ୍ଗଳରୁ । ଅକ୍ଷିତୃତୀୟ ମାନବ ସଭ୍ୟତାର ମୂଳ ଆଧାର ଚାଷକାର୍ଯ୍ୟ ଆରମ୍ଭ କରିବାର ଅନୁକୂଳପର୍ବ । ଏହିଦିନ ମା' ବସୁନ୍ଧରାକୁ ପୂଜା ଆରାଧନା କରି କୃଷକ ସାରା ବର୍ଷର ଫସଲ ଉତ୍ପନ୍ନ ପାଇଁ ଆଗଭର ହୋଇଥାଏ । ବିହନବୁଣାର ପହିଲି ପର୍ବ ହୋଇଥିବାରୁ କୃଷକବାପଡ଼ା (ଚାଷୀଭାଇ) ଏହିଦିନ ପ୍ରତ୍ୟୁଷର ମାହେନ୍ଦ୍ରବେଳାରେ କାନ୍ଧରେ ହଳଲଙ୍ଗଳ ଧରି ଯୋଚାବଳଦ ସହିତ ଶୁକ୍ଳବର୍ଣ୍ଣ ଧାନ ବିହନ ଓ ପୂଜାସାମଗ୍ରୀ ଆଦି ନେଇ ଅଖିମୁଠି ଧରି କିଆରୀକୁ ବାହାରିପଡ଼େ- ପଛରେ ଶୁଭୁଥାଏ- ତା' ଗୃହିଣୀର ଶୁଭଶଙ୍ଖ ହୁଳହୁଳି ଶବ୍ଦ ଯାହା ଗୃହକର୍ତ୍ତାର ଶୁଭମନାସୀ ତାକକୁ କ୍ଷେତକୁ ପଠାଇଥାଏ ତା'ର ସହଧର୍ମିଣୀ । ଆଉ ଠିକ୍ ଏହି ଅମୃତବେଳାରେ ପଲ୍ଲୀ ପ୍ରକୃତିର ସବୁଜକର୍ତ୍ତାର ଶୁଭମନାସୀ ତାକୁ କ୍ଷେତକୁ ପଠାଇଥାଏ ତା'ର ସହଧର୍ମିଣୀ । ଆଉ ଠିକ୍ ଏହି ଅମୃତବେଳାରେ ପଲ୍ଲୀ ପ୍ରକୃତିର ସବୁଜଲତା ଉହାଡ଼ରୁ କିବା ଆମ୍ବଡାଳ ପତ୍ର ଗହଳରୁ ଶୁଭିଆସେ କୋଇଲିର କୁହୁକୁ ମଧୁର ସ୍ୱନ, କୁମ୍ଭାଟୁଆର କୁହାଟ ରାବ ସାଙ୍ଗକୁ ବଣି ବା ହଳଦୀବସନ୍ତର ମଧୁର କାକଳି- କିବା ନାନାଜାତି ପକ୍ଷୀର କିଚିରିମିଚିରି ଶବ୍ଦ- ପରିବେଶକୁ ଅଧିକ ଜୀବନ୍ତ କରିଥାଏ । କିଆରୀରେ ପହଞ୍ଚି କୃଷକ ତା' କ୍ଷେତର ଐଶାନ୍ୟ କୋଣରେ ମାଟିକୁ ଗୁଣ୍ଡକରି ଗୋବରପାଣି ଛିଞ୍ଚି, ଧୂପ, ଦୀପ, ଫୁଲ ଚନ୍ଦନ ଦେଇ ନଡ଼ିଆ ଭାଙ୍ଗି ଧରିତ୍ରୀ ମାଆର ପୂଜା ଆରାଧନା କରେ । ମା' ବସୁମତୀକୁ ଭୂମିଷ୍ଠ ପ୍ରଣାମ ଜଣାଇ- ସୂର୍ଯ୍ୟ ନମସ୍କାରାନ୍ତ ଅଖିମୁଠି ବୁଣି ଚାଷୀ ବିଚରା ନିବେଦନ ଜଣାଏ- ଗୁହାରୀ କରେ- "ମାଆ ଲୋ, କରୁଣାମୟୀ ଧରଣୀମାତା ! ମୋର ବିହନଗଣ୍ଡାକ ଯେମିତି କ୍ଷୟ ନହେଉ । ସାରା ବର୍ଷର ଫସଲ ମୋତେ ମିଳୁ । ତୁ ଦୟା କଲେ ମା' ଦୁନିଆ ମୁହଁରେ ଆହାର ଦେବାକୁ ଏ ଅକିଞ୍ଚନ ସକ୍ଷମ ହେବ ।" କେବଳ ଯେଯ ଏହିଦିନ ଧାନବିହନ ବୁଣାଯାଏ, ତାହା ନୁହେଁ- ବିଭିନ୍ନ ପ୍ରକାର ପନିପରିବା ଓ ଚାରାଗଛ ଲଗାଇଲେ ତାହା କେବେ କ୍ଷୟ ହୁଏନାହିଁ ବୋଲି କୃଷକର ବିଶ୍ୱାସ । ମାଟି ଉପରେ ଚାଷକାର୍ଯ୍ୟ ଆରମ୍ଭ ଲାଗି ସବୁଠାରୁ ଶୁଭ ସଫଳ ଓ ଶ୍ରେଷ୍ଠଦିନ ଭାବେ ଏହା ପରିଗଣିତ । କେବଳ ଚାଷକାର୍ଯ୍ୟ ନୁହେଁ- ଏହିଦିନ ଗୃହପ୍ରବେଶ, ଗୃହ ପ୍ରତିଷ୍ଠା ପାଇଁ ଶୁଭଦେବା, ଦୂରଯାତ୍ରାରମ୍ଭ, ତୁଳସୀ ପ୍ରତିଷ୍ଠା, ବିଦ୍ୟାରମ୍ଭ ଓ ବ୍ୟବସାୟ ଆଦି ଆରମ୍ଭ କରିବାପାଇଁ ଏହାକୁ ଶୁଭଦିନ ଭାବେ ଗଣାଯାଏ । ଏତଦ୍‌ଭିନ୍ନ ଭକ୍ତଦିନ ମଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚନ୍ଦନଯାତ୍ରାର ଶୁଭାରମ୍ଭ ସାଂଗକୁ ପବିତ୍ର ରଥ ନିର୍ମାଣ କାର୍ଯ୍ୟର ମଧ ଅନୁକୂଳ ହୋଇଥାଏ । ଅକ୍ଷୟ ତୃତୀୟାର ପ୍ରକୃତ ମହାତ୍ମ୍ୟକୁ ବୁଜି ତା'ର ସାରତତ୍ତ୍ୱକୁ ହୃଦୟଙ୍ଗମ କରି ଯଦି କାର୍ଯ୍ୟ କରାଯାଏ ତେବେ ଚାଷୀକୁଳର ପେଶା ଓ ବେଉସାକୁ ଆମର ସରକାର, ଶାସନ ଏବଂ ପ୍ରଶାସନ ଯଦି ଚାଷୀ ଓ ଚାଷ ସମସ୍ୟାର ସମାଧାନ ପାଇଁ ଅଗ୍ରାଧିକାର ଦିଅନ୍ତେ ତେବେ ଏ ଦେଶରେ ଅନେକ ହିତ ସାଧିତ ହୁଅନ୍ତା । ଆମ ସ୍ୱାଧୀନତା ପରଠୁଁ ଏଯାବତ୍ ଶିଳ୍ପଜାତ ଦ୍ରବ୍ୟର ଆନୁପାତିକ ମୂଲ୍ୟ ବୃଦ୍ଧି ଭଳି କୃଷିଜାତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ହୋଇଥାନ୍ତା- ତେବେ ଚାଷୀଙ୍କୁ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ମିଳିପାରନ୍ତା । ଏ କ୍ଷେତ୍ରରେ ସ୍ୱାମୀନାଥନ କମିଶନର ସୁପାରିଶକୁ କାର୍ଯ୍ୟକାରୀ କରିବା ଏକାନ୍ତ ବିଧେୟ । କାରଣ ଶିଳ୍ପଜାତଦ୍ରବ୍ୟର ମୂଲ୍ୟ ୧୦୦% ବଢ଼ିଥିବାବେଳେ କୃଷିଜାତ ଦ୍ରବ୍ୟର ମୂଲ୍ୟ ମାତ୍ର ୬ ପ୍ରତିଶତ ବୃଦ୍ଧି ଘଟିଛି । ଚାଷୀ ସମସ୍ୟାର ସମାଧାନ ଏବଂ ତାକୁ ତା'ର ହକ୍ ମିଳୁନଥିବାରୁ ଋଣଯନ୍ତାର ପଡ଼ି ବିଚରା ଚାଷୀକୂଳ ଆଜି ହତାଶ ହୋଇ ଆତ୍ମହତ୍ୟା ରୂପକ କରୁଣ ଦୁଃଖଦ ପନ୍ଥାକୁ ଆପଣେଇ ନଥାନ୍ତା । ରାଜ୍ୟ ଓ ଦେଶର ଏବର ପରିସ୍ଥିତିରୁ ଚାଷୀଭାଇ କିନ୍ତୁ ବୁଝିସାରିଲାଣି ଯେ ତା'ର ପାଳକ ଆଉ ସ୍ୱର୍ଗର ଇନ୍ଦ୍ର ନୁହେଁ, ତା'ର ଇନ୍ଦ୍ର, ଧାତା, ବିଧାତା, କର୍ତ୍ତା, ଯମମାନେ ବସିଛନ୍ତି ନୀତି ନିର୍ଦ୍ଧାରଣ କେନ୍ଦ୍ର ରାଜଧାନୀ, ଭୁବନେଶ୍ୱର-ଦିଲ୍ଲୀ ଅବା ବିଶ୍ୱବ୍ୟାଙ୍କ୍ କି ଆଇ.ଏମ୍.ଏଫ୍ (ଆନ୍ତର୍ଜାତିକ ମୁଦ୍ରାସଂସ୍ଥା)ର କାର୍ଯ୍ୟାଳୟ ନ୍ୟୁୟର୍କ ବା ଲଣ୍ଡନରେ । ସେ ବିଚରା ସଚ୍ଚି- ଶତଲମ୍ପଟରୂପୀ ଇନ୍ଦ୍ର- ଜାତୀୟ ଓ ଆନ୍ତର୍ଜାତୀୟ ସଂସ୍ଥାମାନେ ଚାଷୀର ସ୍ୱାବଲମ୍ବୀ ଅର୍ଥନୀତିକୁ ଧୂଳିସାତ୍ କରିବା ସାଂଗକୁ ସ୍ୱାଧୀନଭାବେ ବଞ୍ଚିବାର ତା'ର ସମସ୍ତ ପ୍ରକୃତିଦତ୍ତ ମୌଳିକ ଆଧାର- ଜମି, ଜଳ, ଜଙ୍ଗଲ, ପ୍ରକୃତି, ପରିବେଶ ତଥା ବିଭୁଦତ୍ତ ସଂପତ୍ତିକୁ ଲୁଟ୍ କରିବାରେ ବ୍ୟସ୍ତ । ଝିଣ୍ଟିକା ମାରି ବଣି ପୋଷିବାର ନୀତିକୁ ପରିହାର କରି- 'ବହୁଜନ ହିତାୟ- ବହୁଜନ ସୁଖାୟ'ର ବାର୍ତ୍ତା ବାଣ୍ଟୁଥିବା- ଦୁନିଆର ଅନ୍ନଦାତା-ଜନମାରଣ/ ଜନବିରୋଧୀ ପ୍ରକ୍ରିୟା ଏବେ ଆରମ୍ଭ ହୋଇଛି- ତା' ବିରୋଧରେ ଦେଶର ଚାଷୀକୁଳ ଆଜି ଏକତ୍ରିତ, ସଂଗଠିତ ଓ ସଂଗ୍ରାମରତ । ଭାତ ଓ ଭୋଟର ମାଲିକ- ଚାଷୀମେଳିର ରଣହୁଙ୍କାର- ତା' ପ୍ରାଣର ଚେତାବନୀ କହେ- "ଯାହା ଆଜି ସମୟର କଷଟିରେ ପ୍ରମାଣସିଦ୍ଧ- ତାହା "କୃଷି ଅର୍ଥନୀତି- ଚିରକାଳ- ସାର୍ବଜନୀନ, ପ୍ରକୃତି ଓ ପରିବେଶର ସହାୟକ- ଜୀବଜଗତର ରକ୍ଷକ- ତଥାକଥିତ ଶିଳ୍ପ ଅର୍ଥନୀତି- ସ୍ୱଳ୍ପକାଳ, ସର୍ବଗ୍ରାସୀ ପ୍ରକୃତି ଓ ପରିବେଶର ବିନାଶକ- ଜୀବଜଗତର ଘାତକ ।" କଥାରେ ଅଛି- 'ଚାଷ ଲକ୍ଷେ ଜୀବ ପୋଷା- କୋଟିପତି, ଶିଳ୍ପପତି ଲକ୍ଷେ ଜନ ଶୋଷା ।' ସୁତରାଂ ସମୟର ଚେତାବନୀ କହେ-

ଚାଷ ଓ ଚାଷୀକୁ କରନା
ଭାଇ ଅଣଦେଖା-
ଦୁନିଆର ପିଠି ଓ
ପେଟକୁ ରଖନା ଭୁଖା,
"ଚାଷୀ ବଞ୍ଚାଅ- ଚାଷ ବଞ୍ଚାଅ, ଦେଶ ବଞ୍ଚାଅ"
ବିଦ୍ରୋହର ଆଜି ଆସିଛି ଆହ୍ୱାନ-
କରନାହିଁ
ତାରେ ଅଣଦେଖା ।

ଅକ୍ଷି ତୃତୀୟାର ଏହାହିଁ ହେଉ ଅନୁଚିନ୍ତା- କୋଟି ପ୍ରାଣେ ଭରିଦେଉ- ଚାଷୀ ଚାଷ ସୁରକ୍ଷାର ବିପୁଳ ବିତାନ ।

+ସଭାପତି, ଚାଷୀ ଏକତା ମଞ୍ଚ, ବାଲେଶ୍ୱର
ମୋ: ୯୪୩୭୨୩୧୫୦୪



ଜୟଶ୍ରୀ ପଟ୍ଟନାୟକ

# ବୈଶାଖ ଶୁକ୍ଳ ତୃତୀୟା

ଓଡିଶାର ଜନ ଜୀବନରେ ପ୍ରତ୍ୟେକ ମାସର ବୈଶିଷ୍ଟ୍ୟ ଥିଲେବି ଆ, କା, ମା ବୈ ରୁ ପ୍ରମାଣିତ ହୁଏ ଯେ ଆଷାଢ, କାର୍ତ୍ତିକ, ମାଘ ଓ ବୈଶାଖ ବିଶେଷ ପୁଣ୍ୟମାସ ଭାବରେ ଗଣ୍ୟ । ଏଥି ମଧ୍ୟରୁ ବୈଶାଖ ମାସର ଶୁକ୍ଳପକ୍ଷ ତୃତୀୟା ଦିବସଟି ଅକ୍ଷୟ ତୃତୀୟା ଭାବରେ ପ୍ରସିଦ୍ଧ । ଶାସ୍ତ୍ର, ପୁରାଣ, ଜ୍ୟୋତିର୍ବିଜ୍ଞାନ, ବିଜ୍ଞାନ ତଥା ବାସ୍ତୁ ଶାସ୍ତ୍ରଙ୍କ ମତରେ ଏ ଦିବସରେ କରାଯାଉଥିବା କୌଣସି ପୁଣ୍ୟକାମ ଓ ସମସ୍ତ ସଂକଳ୍ପର କେବେ କ୍ଷୟ ହୁଏନି । ଆରମ୍ଭ କରାଯାଉଥିବା ସମସ୍ତ କାର୍ଯ୍ୟ ସର୍ବଶୁଭରେ ସଂପାଦିତ ହୋଇ ପୂର୍ଣ୍ଣତା ପ୍ରାପ୍ତ କରିଥାଏ । ବୈଶାଖ ମାସର ଶୁକ୍ଳପକ୍ଷ ତୃତୀୟା କୃତିକା ଓ ରୋହିଣୀ ନକ୍ଷତ୍ର ଯୁକ୍ତ ହୋଇ ଅକ୍ଷୟ ତୃତୀୟା ନାମରେ ନାମିତ ହୁଏ । କୁହାଯାଏ ଯେ ଏହିଦିନ ସତ୍ୟଯୁଗର ଆରମ୍ଭ ହୋଇଥିଲା । ଅକ୍ଷୟ ଅର୍ଥାତ୍ ନାସ୍ତି କ୍ଷୟୋ ଯସ୍ୟ । ଅକ୍ଷୟ ତୃତୀୟା ଏକ ପୁଣ୍ୟ ଦିବସ ହୋଇଥିବାରୁ ଏହି ଦିନ ଯେଉଁ କାର୍ଯ୍ୟ କରାଯାଏ ତାହା ନିଷ୍ଫଳ ଯାଏନାହିଁ । ଅକ୍ଷୟ ତୃତୀୟାକୁ ନାମାନ୍ତରେ 'ମନୋରଥ ତୃତୀୟା'ବୋଲି କୁହାଯାଏ । ବିଶେଷ ଫଳ ପ୍ରାପ୍ତି ପାଇଁ ମନୋରଥ ରଖି ଏ ଦିନ କାର୍ଯ୍ୟ ଆରମ୍ଭ କଲେ ତାହା ପୂର୍ଣ୍ଣ ହୁଏ । ଏହିଦିନ ବିଷ୍ଣୁଙ୍କର ଷଷ୍ଠ ଅବତାର ଭଗବାନ ପର୍ଶୁରାମ ଜନ୍ମ ହୋଇଥିଲେ । ଭଗବାନ ପର୍ଶୁରାମ ମହର୍ଷି ଜମଦଗ୍ନି ଓ ମାତା ରେଣୁକା ଦେବୀଙ୍କ ପୁଅ । ଭଗବାନ ପର୍ଶୁରାମ ଅକ୍ଷୟ ଅମର ଅଟନ୍ତି । ତେଣୁ ଏହିଦିନ ବିଷ୍ଣୁଙ୍କର ଉପାସନା ସହ ପର୍ଶୁରାମଙ୍କୁ ମଧ୍ୟ ପୂଜା କରାଯାଏ । ଯାହା ଶୁଭକାମ କଲେ ନିଷ୍ଫଳ ଯାଏନାହିଁ ବୋଲି କୁହାଯାଏ । ଯେଉଁ ତିଥିର ସବୁ ସମୟରେ ଶୁଭକାର୍ଯ୍ୟ ବା ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନ କରିହେବ ଏବଂ କୈଣସି ସମୟକୁ ବିବେଚନା କରାଯିବନାହିଁ ତାହାକୁ ଆବୁଝା ମୁହୂର୍ତ କିମ୍ବା ସ୍ୱୟଂ ସିଦ୍ଧ ମୁହୂର୍ତ ବୋଲି କୁହାଯାଏ । ଏହି ମୁହୂର୍ତ ହେଉଛି ପବିତ୍ର ମୁହୂର୍ତ । ଏହି ଦିନ ଦାନଧର୍ମ ଏବଂ ଶୁଭ କାର୍ଯ୍ୟ କରିବା ଦ୍ୱାରା ଅକ୍ଷୟ ଫଳ ବା ସୌଭାଗ୍ୟ ପ୍ରାପ୍ତି ହୁଏ । ଏହିଦିନ ସୂର୍ଯ୍ୟ ଓ ଚନ୍ଦ୍ର ଏକ ରାଶିରେ ରହିଥାଆନ୍ତି । ଏହିଦିନ ମାତା ଗଙ୍ଗାଦେବୀ ଧରାପୃଷ୍ଠରେ ଅବତରଣ କରିଥିଲେ । ଏହିଦିନ ସତ୍ୟ ଯୁଗ ଏବଂ ତ୍ରେତୟା ଯୁଗର ଆରମ୍ଭ ହୋଇଥିଲା । ଏହିଦିନ ପବିତ୍ର ନଦୀ ମାନଙ୍କରେ ସ୍ନାନ କରି ଦାନଧର୍ମ କରାଯାଏ । ଏହିଦିନ ଭଗବାନ ବିଷ୍ଣୁ ଏବଂ ମାତା ଲକ୍ଷ୍ମୀଙ୍କର ବିଶେଷ ଉପାସନା ସାରା ଜୀବନରେ ସୁଖ ସମୃଦ୍ଧି ଏବଂ ଅକ୍ଷୟ ଫଳ ପ୍ରାପ୍ତି ହୋଇଥାଏ । ଏହିଦିନ ଚାରିଧାମ ମଧ୍ୟରୁ ବଦ୍ରିନାଥ ମନ୍ଦିରର କବାଟ ଖୋଲା ରହିଥାଏ । ମହର୍ଷି ବେଦବ୍ୟାସ ମହାଭାରତ ରଚନା ଆରମ୍ଭ କରିଥିଲେ । ବୃନ୍ଦାବନର ବାଙ୍କବିହାରୀ ବିଗ୍ରହ ଚରଣ ଦର୍ଶନ ବର୍ଷକୁ ଥରେ କେବଳ ଅକ୍ଷୟ ତୃତୀୟା ଦିନ ହୋଇଥାଏ । ଏହି ଦିନ ଗୀତଗୋବିନ୍ଦର ରଚୟିତା ଶ୍ରୀଜୟଦେବଙ୍କର ଜନ୍ମ ପ୍ରାଚୀ ଅବବାହିକା ସ୍ଥିତ କେନ୍ଦୁବିଲ୍ୱ ଗ୍ରାମରେ ହୋଇଥିଲା । ତୁଳସୀ କ୍ଷେତ୍ର କେନ୍ଦ୍ରାପଡାରେ ମା ରେବତୀ ଓ ବଡ ଠାକୁର ବଳରାମଙ୍କର ବିବାହ ହୋଇଥିଲା । ତେଣୁ ପ୍ରତି କାର୍ଯ୍ୟର ଗୋଟିଏ ଶୁଭ ଅନୁକୂଳ ପାଇଁ ଆମେ ସର୍ବଦା ଖୋଜିଥାଉ ଏକ ଅନୁକୂଳ ବାତାବରଣ ସେଦିନର ତିଥ ଓ ନକ୍ଷତ୍ର କିନ୍ତୁ ଅକ୍ଷୟ ତୃତୀୟା ତିଥି ପାଇଁ ଲୋଡାନାହି ଦେଖିବାକୁ କିଛି ଶୁଭ ମୁହୂର୍ତ । ସେହିଦିନ ସୂର୍ଯ୍ୟ ଉଦୟରୁ ଅସ୍ତ ଏବଂ ସୂର୍ଯ୍ୟାସ୍ତରୁ ସୂର୍ଯୋଦୟ ଯାଏଁ ଥାଏ ଶୁଭ ସମୟ । ତେଣୁ ନାମକରଣ, ଗୃହ ପ୍ରତିଷ୍ଠା, ବିବାହ, ବ୍ରତଘର ଦେବତା ପ୍ରତିଷ୍ଠା, ଜଳାଶୟ ପ୍ରତିଷ୍ଠା , ଦୀକ୍ଷାଗ୍ରହଣ. ବିପଣି ଆରମ୍ଭ, ନୂତନ ଗାଡିକ୍ରୟ,ନୂତନ ବ୍ୟବସାୟ, ହଳପ୍ରବାହ, ଚାଷବାସ ଅନୁକୂଳ, ବୀଜ ବପନ ସମସ୍ତ କାର୍ଯ୍ୟର ଶୁଭ ଅନୁକୂଳ କରିବାର ସୁନ୍ଦର ଦିବସ ହେଉଛି ଅକ୍ଷୟ ତୃତୀୟା କାରଣ ଏ ତିଥିର କ୍ଷୟ ନାହିଁ ଯେମିତି କୌଣସି କାର୍ଯ୍ୟ ଅନୁକୂଳ କଲେ ତାହା ନିଷ୍ଫଳ ଯାଏନାହିଁ ବୋଲି ଶାସ୍ତ୍ର ସମ୍ମତ । ଏହିଦିନ ସୁନାରୁପା କିଣିବା ଦ୍ୱାରା ଗୃହରେ ସୁଖ ସମୃଦ୍ଧି ବୃଦ୍ଧି ହୁଏ ଏବଂ ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ବୋଲି ପ୍ରାୟ ପ୍ରତ୍ୟେକ ଘରେ ନୂତନ ସ୍ୱର୍ଣ୍ଣ ବସ୍ତୁଟିଏ ଘରକୁ କିଣି ଆଣିବାର ପ୍ରବାଦ ଅଛି । ଏହିଦିନ କୁବେର ଦେବୀ ଲକ୍ଷ୍ମୀଙ୍କୁ ପୂଜା କରିଥିଲେ ଏବଂ ତାଙ୍କ କୃପାରୁ କୋଷାଧକ୍ଷ ଭାବରେ କାର୍ଯ୍ୟ ନିର୍ବାହ କଲେ । ଏହି ଦିନ ଦେବୀ ଅନ୍ନପୂର୍ଣ୍ଣା ଜନ୍ମ ହୋଇଥିଲେ ଏହିଦିନ ଭଗବାନ କୃଷ୍ଣ ନିର୍ବାସନରେ ଥିବା ପାଣ୍ଡବଙ୍କୁ ଅକ୍ଷୟ ପାତ୍ର ଦାନ କରିଥିଲେ ଯାହାସେମାନଙ୍କୁ କେବେ ଭୋକିଲା ରଖିବ ନାହିଁ । ଏହିଦିନ ଜୈନଧର୍ମରେ ଆଦିନାଥଙ୍କୁ ସ୍ମରଣ କରିବା ପାଇଁ ପାଳନ କରାଯାଏ ।

ବଂଚିବାପାଇଁ ଖାଦ୍ୟ ଆବଶ୍ୟକ । କୃଷି ଆମ ଜନ ଜୀବନକୁ ସମୃଦ୍ଧ କରିଥାଏ । ଓଡିଶାର ଲୋକେ କୃଷି ଉପରେ ନିର୍ଭରଶୀଳ । କୃଷି କେବଳ ଓଡିଶାର ଗ୍ରାମ୍ୟ ଜୀବନକୁ ପରିପୃଷ୍ଟ କରି ନ ଥାଏ , ଏହା ସହରୀ ଲୋକଙ୍କ ଖାଦ୍ୟପ୍ରାଣକୁ ମଧ୍ୟ ପ୍ରଭାବିତ କରିଥାଏ । ଓଡିଆ ମାଟିର ଅନୁକୂଳ ତିଥି ହେଉଛି ଅକ୍ଷୟ ତୃତୀୟା । ବର୍ଷ ବର୍ଷ ଧରି ମରୁଡି,ବାତ୍ୟା, ବନ୍ୟା, ଭୂମିକମ୍ପ ଆଦି ପ୍ରାକୃତିକ ବିପର୍ଯ୍ୟୟ ଓ ବନ୍ୟ ପଶୁ ମାନଙ୍କର ଅତ୍ୟାଚାର ସହି ମଧ୍ୟ ଚାଷୀ ତାର ଜୀବିକା ହରେଇନି । କୃଷି ପାଇଁ କୃଷି ଉପକରଣ ହଳ, ଲଙ୍ଗଳ , ବିହନର ଶୁଭ ଅନୁକୂଳ ପାଇଁ ସେ ଲୋଡେ ବସୁଧା ମାତା, ଲକ୍ଷ୍ମୀ ,ସୂର୍ଯ୍ୟ ନାରାୟଣ ଓ ବର୍ଷା ପାଇଁ ଇନ୍ଦ୍ରଦେବଙ୍କ ଆଶିର୍ବାଦ । କୃଷକର ଆଦ୍ୟ କୃଷିପର୍ବ ଅକ୍ଷୟ ତୃତୀୟାରେ, ଅକ୍ଷିମୁଠି ଅନୁକୂଳ କରାଯାଏ । ଏହିଦିନ କୃଷକ ସ୍ନାନପରେ ନୂଆ ଧଳାଲୁଗା ପିନ୍ଧି ନୂଆ ଗାମୁଛା ମୁଣ୍ଡରେ ଭିଡି ଧାନ ବିହନ ଗୌଣୀକୁ ଢାଳି ଉଛୁଳି ପଡୁଥିବା ଗୌଣୀକୁ ବେତୁଲିରେ ରଖି ଶ୍ୱେତବସ୍ତ୍ରରେ ଢାଙ୍କି ବିଲକୁ ନିଆଯାଏ । କୃଷି ସ୍ଥଳକୁ ଗୋବରରେ ଲିପି ଝୋଟି ମୁରୁଜ ପକାଇ ଲକ୍ଷ୍ମୀ ପାଦ ଆଦି ପକାଇ ପବିତ୍ରତାର ସହିତ ବିହନ ଜମିକୁ ଯିବା ପୂର୍ବରୁ ନୂଆ ଗୌଣୀ ବେତୁଲି, ଖତ ନିମନ୍ତେ ଉଦ୍ଦିଷ୍ଟ ନୂଆ ଟୋକେଇ ସମସ୍ତ କୃଷି ଉପକରଣ ହଳ, ଲଙ୍ଗଳ, କୋଡି, କୋଦାଳ , କାଙ୍କ, ଦା ଅଦି ପରିଷ୍କାର କରି ଧୋଇ ହଳଦୀ, ଚନ୍ଦନ ସିନ୍ଦୂର ଲଗାଇ ଶଙ୍ଖ ହୁଳହୁଳି ସହିତ ନଡିଆ ବାଡେଇ ପାଣି କ୍ଷେତ ସାରା ଛିଂଚି କଦଳୀ , ତାଳ, ଖଜୁରୀ କୋଳି ଛେନାଗୁଡ ଆଦି ଭୋଗରାଗ କରି , କଂଚାକ୍ଷୀରର ଅର୍ଘ୍ୟ ପ୍ରଦାନ କରନ୍ତି ମୁଣ୍ଡ ନୁଆଇଁ ଇଷ୍ଟଦେବ, ବସୁଧାମାତା, ଲକ୍ଷୀମାତା, ଇନ୍ଦ୍ରଦେବତା, ବରୁଣଦେବତା, ସୂର୍ଯ୍ୟ ଦେବତା ଆଦିଙ୍କୁ ପ୍ରଣାମ କରି ସେ ବର୍ଷର କୃଷି ଓ ଭଲ ଫସଲ ହେବାର କାମନା କରି ପ୍ରାର୍ଥନା କରିଥାନ୍ତି । ଦେବତାଙ୍କୁ ସ୍ମରଣ କରି ଅକ୍ଷି ତିନି ମୁଠି ନେଇ କାଙ୍କ କୋଦାଳରେ ମାଟି ଖୁରୁସେଇ ଖତ ପକାଇ ବୀଜ ବପନ କରେ । କ୍ଷେତରେ ଭୋଗ ଲାଗିଥିବା ପ୍ରସାଦକୁ ପିଲାଛୁଆଙ୍କୁ ବାଂଟି ଦିଅନ୍ତି ପିଠାପଣା କରି ଖାଇପିଇ ଅକ୍ଷୟ ତୃତୀୟାକୁ ଶ୍ରଦ୍ଧାରେ ପାଳନ କରନ୍ତି । ଓଡିଶାରେ ଋତୁ ଅନୁଯାୟୀ ଋତୁ ଜାତ ଦ୍ରବ୍ୟକୁ ନେଇ ପରିବେଶ ଅନୁକୂଳ ଉତ୍ସବ ମନେଇବା ବହୁ ପୁରାତନ ପରମ୍ପରା ।

ପବିତ୍ର ଅକ୍ଷୟ ତୃତୀୟା ଦିନଠାରୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାର୍ଯ୍ୟ ନିର୍ମାଣ ଆରମ୍ଭ ହୋଇଥାଏ ବଡ଼ଦାଣ୍ଡର ରଥଖଳାରେ । ଯଦିଓ ବସନ୍ତ ପଂଚମୀରେ ଶୁଭ ଅନୁକୂଳ ହୋଇଥାଏ କିନ୍ତୁ ରଥନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତିନିଠାକୁରଙ୍କର ଅକ୍ଷୟ ତୃତୀୟାର ଅନୁକୂଳ ଲଗନରେ । ଏହିଦିନ ମଧ୍ୟ ଆରମ୍ଭ ହୋଇଥାଏ ପ୍ରଭୁଙ୍କର ବାରମାସରେ ଅନୁଷ୍ଠିତ ହୋଉଥିବା ବାରଟି ଯାତ୍ରା ମଧ୍ୟରୁ ଆଦ୍ୟ ଯାତ୍ରା ଚନ୍ଦନ ଯାତ୍ରା । ଜଗନ୍ନାଥଙ୍କୁ ନେଇ ଆମର ପରିଚୟ ବିଶ୍ୱ ଦରବାରରେ । ଜଗନ୍ନାଥଙ୍କ ବିଭିନ୍ନ ଯାନିଯାତ୍ରା, ପର୍ବପର୍ବାଣିରେ ବାରମାସରେ ଅନୁଷ୍ଠିତ ହୁଏ ତେର ଯାତ୍ରା, ସତେଇଶ ଉପଯାତ୍ରା ଏବଂ ଶତାଧିକ ପର୍ବପର୍ବାଣି । ତନ୍ମଧ୍ୟରୁ ଚନ୍ଦନ ପର୍ବ ବା ଚନ୍ଦନ ଯାତ୍ରା ଅନ୍ୟତମ । ଓଡିଶାର ପୁରପଲ୍ଲୀରେ ଥିବା ମନ୍ଦିର ମାନଙ୍କରେ ଯଥା ରଘୁନାଥ, ଲିଙ୍ଗରାଜ , ଶିବ, ଗୋପିନାଥ, ନୃସିଂହ ଓ ଅନ୍ୟାନ୍ୟ ମନ୍ଦିର ମାନଙ୍କରେ ମଧ୍ୟ ୨୧ ଦିନ ବ୍ୟାପି ଚନ୍ଦନ ଯାତ୍ରା ପ୍ରବଳ ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ଅନୁଷ୍ଠିତ ହୁଏ । । କିନ୍ତୁ ଶ୍ରୀମନ୍ଦିରରେ ଏହା ୪୨ ଦିନ ବ୍ୟାପି ଅନୁଷ୍ଠିତ ହୁଏ । ଏହି ଯାତ୍ରା ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇ ଶେଷ ହୁଏ ସ୍ନାନ ଯାତ୍ରାରେ । ଅକ୍ଷୟ ତୃତୀୟାରେ ପ୍ରଭୁଙ୍କର ହୁଏ ଚନ୍ଦନ ବେଶ । ଠାକୁରଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରେ ଚନ୍ଦନ ଯାତ୍ରା ହେଉଛି ପ୍ରଥମ ଯାତ୍ରା । ଏହି ଅକ୍ଷୟ ଯାତ୍ରା ଦିନ ଆରମ୍ଭ ହୁଏ ମହାପ୍ରଭୁଙ୍କର ୨୧ ଦିନ ଧରି ବାହାର ଚନ୍ଦନ ଯାତ୍ରା ଏବଂ ଅନ୍ୟ ୨୧ ଦିନ ଭିତର ଚନ୍ଦନ ଯାତ୍ରା । ବାହାର ଚନ୍ଦନରେ ଶ୍ରୀଜଗନ୍ନାଥଙ୍କର ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ ଓ ଲକ୍ଷ୍ମୀ ସରସ୍ୱତୀଙ୍କ ସହିତ ନରେନ୍ଦ୍ରକୁ ବିଜେ କରନ୍ତି ଚାପ ଖେଳିବାକୁ । ଶ୍ରୀମନ୍ଦିରରୁ ନରେନ୍ଦ୍ର ଯାଏଁ ଠାକୁରଙ୍କର ଜୟଘୋଷରେ ଗଗନ ପବନ ପ୍ରକମ୍ପିତ ହୁଏ । ନରେନ୍ଦ୍ର ଯାତ୍ରା ସମୟରେ ଖୋଳ, କରତାଳ, ଭେରୀ, ତୁରୀ ନିନାଦରେ ନିଳାଚଳ ଧାମ ମୁଖରିତ ହୋଇଉଠେ । ରାସ୍ତାରେ ଚନ୍ଦନ ଛିଟା ଓ ସୁବାସିତ ଜଳରେ ଭକ୍ତ ମାନଙ୍କର ବସ୍ତ୍ର ଓ ହୃଦୟ ଆର୍ଦ୍ର ହୋଇଯାଏ । ଜୟଦେବଙ୍କର ଗୀତଗୋବିନ୍ଦ ପାଠ କରାଯାଏ । ମଣିବିମାନରେ ଯାତ୍ରା କରନ୍ତି ଶ୍ରୀ ବିଗ୍ରହ ମାନେ ତାଙ୍କ ସହିତ ପଂଚୁପାଣ୍ଡବ ବା ଶ୍ରୀମନ୍ଦିର ଚତୁପାର୍ଶ୍ୱରେ ଥିବା ପଂଚ ଶିବ ଲୋକନାଥ, ଯମେଶ୍ୱର, ମାର୍କଣ୍ଡେୟ, କପାଳ ମୋଚନ , ନୀଳକଣ୍ଠ ଯାତ୍ରା କରିଥାନ୍ତି ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ ।

**(ଅବଶିଷ୍ଟାଂଶ ପୃଷ୍ଠା ୭ରେ)**



ମାଙ୍ଗଳିକା ମହାପାତ୍ର

# ଅକ୍ଷି ତୃତୀୟା

ବୈଶାଖ ଶୁକ୍ଳପକ୍ଷ ତୃତୀୟା ତିଥି ଅକ୍ଷି ତୃତୀୟା ; ଅକ୍ଷୟ ତୃତୀୟା ଭାବରେ ପ୍ରସିଦ୍ଧ । ଏହା ଓଡିଆ ମାନଙ୍କର ଏକ ପ୍ରମୁଖ ପର୍ବ । ହିନ୍ଦୁ ଧର୍ମରେ ଏହା ବହୁ ପ୍ରାଚୀନ କାଳରୁ ପାଳନ ହୋଇ ଆସୁଛି । ପୌରାଣିକ ଦୃଷ୍ଟି କୋଣରୁ ଏ ଦିନର ମହ ୍ୱ ଯଥେଷ୍ଟ ଅଧିକ । ଏହି ଦିନ କୌଣସି କାର୍ଯ୍ୟ ଆରମ୍ଭ କଲେ ତାହା କ୍ଷୟ ହୁଏ ନାହିଁ ଓ ଅକ୍ଷୁର୍ଣ୍ଣ ରହିଥାଏ । ଯେ କୌଣସି ଶୁଭ କାର୍ଯ୍ୟ ଏହି ଦିନଠାରୁ ଅନୁକୂଳ କଲେ ଶୁଭପ୍ରାପ୍ତି ହୁଏ ବୋଲି ଯୁଗ ଯୁଗ ଧରି ଲୋକ ବିଶ୍ୱାସ ରହି ଆସିଛି । କୃଷି କାର୍ଯ୍ୟ ଅନୁକୂଳ , ସନ୍ତାନ ସନ୍ତତିଙ୍କ ମାଙ୍ଗଳିକ ନିର୍ବନ୍ଧ କାର୍ଯ୍ୟ , ନୂତନ ଗୃହ ନିର୍ମାଣର ଶୁଭାରମ୍ଭ , ପୁଷ୍କରିଣୀ ଓ କୂପ ଖନନ ଆଦି କାର୍ଯ୍ୟ ଏହି ପବିତ୍ର ତିଥିରୁ ଆରମ୍ଭ କଲେ ଶୁଭ ଫଳ ମିଳେ ବୋଲି ଲୋକ ମାନଙ୍କର ଦୃଢ଼ ବିଶ୍ୱାସ ରହିଛି ।

ଅକ୍ଷୟ ତୃତୀୟା ହେଉଛି ଚାଷୀ ମାନଙ୍କର ଗୌରବର ଦିନ । ଓଡ଼ିଶା ହେଉଛି ଏକ କୃଷି ପ୍ରଧାନ ରାଜ୍ୟ । ଓଡ଼ିଶା ସରକାର ଅକ୍ଷୟ ତୃତୀୟାକୁ 'କୃଷକ ଦିବସ'ର ମାନ୍ୟତା ଦେଇ ରାଜ୍ୟଠାରୁ ବ୍ଲକ ସ୍ତର ପର୍ଯ୍ୟନ୍ତ ପାଳନ କରୁଥିବା ଆନନ୍ଦର ବିଷୟ । କୃଷକମାନେ ଏହି ତିଥିରେ ଧାନପବୁଣା ଆରମ୍ଭ କରନ୍ତି । ହାତମୁଠାରେ ଧରି ବୁଣାଯିବା ବିହନ ଧାନକୁ 'ଅଖିମୁଠି ' କୁହାଯାଏ । ଚାଷୀ ନିଜ ସ୍ତ୍ରୀ ହାତରୁ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନ ପୂର୍ଣ୍ଣ ନୂଆ ଗଉଣୀକୁ ଶଙ୍ଖ ହୁଳହୁଳି ଧ୍ୱନି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠା ନେଇ ହଳ ଲଙ୍ଗଳ ଧରି କ୍ଷେତକୁ ଯାଏ । ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗ ଦେଇ ଉକ୍ତ ନୈବେଦ୍ୟ କିଆରୀର ଇଶାନ କୋଣରେ ପୋତି ହଳ ବୁଲାଏ ଓ ମୁଠା ମୁଠା ବିହନ କିଆରୀରେ ବୁଣେ । ଏହି ଦିନ କୃଷକ ତା ଜମିରେ ବୀଜ ବପନ କରି ଭରପୂର ଅମଳର ଆଶା କରିଥାଏ । ଏହି ପର୍ବରେ ବଳଦ ମାନଙ୍କୁ ନଦୀ କି ପୋଖରୀରେ ଗାଧେଇ ଦେଇ ସେମାନଙ୍କ ଶିଙ୍ଗରେ ରଙ୍ଗ ବୋଳାଯାଏ । ସେମାନଙ୍କ ଶରୀରରେ ରଙ୍ଗ ବେରଙ୍ଗର ଅଳଙ୍କାର ଓ ସୁନ୍ଦର କପଡା ପିନ୍ଧାଯାଏ । ବଳଦଙ୍କୁ ସଜାଇ କୃଷକ ମାନେ ପୂଜା କରନ୍ତି ।

ଏହି ଦିନ ଓଡିଆ ଜାତିର ଆଧାତ୍ମିକତାର ପ୍ରତୀକ ମହାପ୍ରଭୁ ଶ୍ରଜଗନ୍ନାଥଙ୍କ ରଥ ତିଆରି କାର୍ଯ୍ୟ ଅନୁକୂଳ ହୋଇଥାଏ । ଅକ୍ଷୟ ତୃତୀୟା ତିଥିରେ ଅକ୍ଷି ପୂଜା ହେବାପରେ ବିଶ୍ୱକର୍ମା ଓ ତାଙ୍କର ସହଯୋଗୀଗଣ ରଥ ନିର୍ମାଣ କାର୍ଯ୍ୟରେ ନିବୃତ ରୁହନ୍ତି । ଏହି ଦିନ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ମଧ ଆରମ୍ଭ ହୁଏ ।

ଅକ୍ଷିତୃତୀୟା ଗୀତ ଗୋବିନ୍ଦ ରଚୟିତା ଶ୍ରୀ ଜୟଦେବଙ୍କ ପବିତ୍ର ଜନ୍ମ ଦିବସ ଓ ଭଗବାନ୍ ପର୍ଶୁରାମଙ୍କ ଆବିର୍ଭାବର ଦିନ । ବହୁ ସ୍ମରଣୀୟ ଘଟଣାବଳୀର ସମାହାର ଅକ୍ଷୟ ତୃତୀୟା । ଏହିଦିନ ସଧବା ସ୍ତ୍ରୀ ମାନେ ଷଠୀ ବୁଢ଼ୀ ପୂଜା କରନ୍ତି । ବଳଦେବ ଜୀଉ ମନ୍ଦିରରେ କୃଷିର ଆରାଧ ଦ୍ୱେତା ହଳାୟୁଧ ବଳରାମ ଓ ରେବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ । ଏହିଦିନ ମା' ଅନ୍ନପୂର୍ଣ୍ଣାଙ୍କ ଜୟନ୍ତୀ ପାଳିତ ହୁଏ । ଅକ୍ଷିତୃତୀୟା ତିଥିରେ ଶ୍ରୀକୃଷ୍ଣ ବାଲ୍ୟ ବନ୍ଧୁ ସୁଦାମାଙ୍କୁ ଭେଟି ତାଙ୍କ ଦାରିଦ୍ର୍ୟ ର ଅନ୍ତ ଘଟାଇ ଥିଲେ । ବହୁ କମ୍ ସମୟ ଖୋଲା ଯାଉଥିବା ବଦ୍ରିନାଥ ଧାମ ଏହି ଦିନ ଖୋଲା ଯାଉଥିବା ବିଧି ରହିଛି ।

ଏହି ତିଥିରେ ମହର୍ଷି ବେଦବ୍ୟାସ ଗଣେଶଙ୍କ ସହାୟତାରେ ମହାକାବ୍ୟ 'ମହାଭାରତ' ର ରଚନା ଆରମ୍ଭ କରିଥିଲେ । କୁବେରଙ୍କୁ ଏହି ଅବସରରେ ସାଗର ଓ ଧନ ଧାନ୍ୟର ତ ୍ୱାବଧାରକ ରୂପେ ମନୋନୀତ କରା ଯାଇଥିଲା । ଏହି ଦିନଟିକୁ ଜୈନ୍ୟ ମତାବଲମ୍ବୀ ମାନେ ପ୍ରଥମ ତୀର୍ଥଙ୍କର'ଆଦିନାଥ'ଙ୍କ ନିର୍ବାଣ ପ୍ରାପ୍ତି ଦିବସ ରୂପେ ବିବେଚନା କରନ୍ତି ଓ ସାରା ଦିନ ଉପବାସ କରନ୍ତି ।

ଏକ କିମ୍ବଦନ୍ତୀ ଅନୁସାରେ ଜନକ ରାଜା ଏହି ତିଥିରେ ଭୂମି ଓ ଶସ୍ୟ ପୂଜାକରି ଧାନ ବୁଣିଥିଲେ । ଭୂମି କର୍ଷଣ ବେଳେ ସେ ସୀତାଙ୍କୁ ପାଇଥିଲେ । ଏଣୁ ସୀତାଙ୍କୁ ବୀଜ ଦାତ୍ରୀ କୁହାଯାଏ । ଜୀବ ଜଗତ ନିମନ୍ତେ ଅକ୍ଷୟ ଶସ୍ୟ ପ୍ରଦାନ କରିବାପାଇଁ ତାଙ୍କର ଜନ୍ମ ହୋଇଥିଲା । ଏହି ଦିନକୁ ମଧ ସତ୍ୟ ଯୁଗର ପ୍ରାରମ୍ଭ ଦିବସ ରୂପେ ବିବେଚନା କରାଯାଏ ।

ଆଉ ଏକ କିମ୍ବଦନ୍ତୀ ମଧ ରହିଛି । ଏହି ଦିନରେ ବସୁନ୍ଧରାର କୃଷି କର୍ମକୁ ସୁଦୃଢ କରିବା ନିମନ୍ତେ ସ୍ୱର୍ଗର ଗଙ୍ଗା ମ ୍ୟକୁ ଓହ୍ଲାଇଥିଲେ । ଅକ୍ଷୟ ତୃତୀୟାରେ ବିଷ୍ଣୁଙ୍କୁ ଯବଧାନ ଅର୍ପଣ କରାଯାଏ । ଏହି ଅବସରରେ ମାଆ ମାନେ ପିଲାଙ୍କ ମଙ୍ଗଳ କାମନା କରି ଷଠୀଦେବୀଙ୍କ ମୃଣ୍ମୟ ପ୍ରତିମା ଗଢ଼ି ପୂଜା କରନ୍ତି । ଏହି ପର୍ବ ଅକ୍ଷୟ ଓ ଅମରତ୍ୱ ର ପ୍ରତୀକ ଏଂ ସକଳ ଶୁଭ ଅନୁଷ୍ଠାନ ପାଇଁ ପବିତ୍ରତମ ତିଥି ।

ଆଜି ଚାଷୀକୂଳ ବହୁ ଝଡ଼ଝଞ୍ଜାର ସମ୍ମୁଖୀନ । ବିଶ୍ୱ ତାପମାନ ବୃଦ୍ଧି କାରଣରୁ ପାଣିପାଗରେ ଘୋର ପରିବ ି ନ । ମୌସୁମୀ ବର୍ଷାର ଆଗମନରେ ଅନିୟମିତ ବର୍ଷା ହେବା କାରଣରୁ ସଠିକ୍ ସମୟରେ ଚାଷ କାର୍ଯ୍ୟ ସମ୍ପାଦିତ ହୋଇପାରୁନାହିଁ । ଦେଶ ସ୍ୱାଧୀନତାର ୭୧ ବର୍ଷ ପୂରିଥିଲେ ମଧ ଅଦ୍ୟାବଧି ରାଜ୍ୟରେ ସମସ୍ତ ଜମିକୁ ଜଳସେଚନର ସୁବିଧା ପ୍ରଦାନ କରା ଯାଇପାରିନାହିଁ । ଆଜି ଓଡ଼ିଶାର ଜୀବନଧାରା'ମହାନଦୀ' ସଂକଟର ସମ୍ମୁଖୀନ । କିଛି ଚାଷୀ ଋଣଭାର ଓ ଫସଲର ଅଭାବୀ ବିକ୍ରି କାରଣରୁ ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି । ସେଥିଲାଗି ରାଜ୍ୟ ସରକାର ଉନ୍ନତ କୃଷିନୀତି ପ୍ରଣୟନ କରି ଚାଷୀ କଲ୍ୟାଣ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ।

ପରିଶେଷରେ ଶ୍ରୀ ଜଗନ୍ନାଥଙ୍କ ଜ୍ୟେଷ୍ଠ ଭ୍ରାତା ଶ୍ରୀ ଶ୍ରୀ ବଳଦେବ ଜୀଉ ବା ହଳଧର ଯିଏ କି କୃଷି ଓ କୃଷକର ପ୍ରତୀକ, ତାଙ୍କର ସନ୍ତକ କୃଷିକୁ ଗୁରୁତ୍ୱ ପ୍ରଦାନ କରାଯିବା ଆବଶ୍ୟକ । ଏବେ ସାରା ବିଶ୍ୱରେ କରୋନା ପ୍ରଭାବରୁ କୃଷିରେ ଅତ୍ୟନ୍ତ ବ୍ୟାଘାତ ସୃଷ୍ଟି ହୋଇଛି । ଆସନ୍ତା କୃଷି ବର୍ଷରେ ପ୍ରକୃତି ମାତାର ଆଶୀର୍ବାଦରୁ ମୋ ରାଜ୍ୟର ଚାଷୀ ଭାଇମାନେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ର ସମ୍ମୁଖିନ ନ ହୋଇ ଉପଯୁକ୍ତ ଫସଲ ଅମଳ କରନ୍ତୁ ଓ ସେମାନଙ୍କ ପରିବାରରେ ହସ ଫୁଟି ଉଠୁ , ପବିତ୍ର 'ଅକ୍ଷୟ ତୃତୀୟା' ବା 'କୃଷକ ଦିବସ' ଅବସରରେ ଏତିକି କାମନା କରି 'ମା ଜଗତଜନନୀ' ଓ 'ଶ୍ରୀ ଜଗନ୍ନାଥଙ୍କ' ନିକଟରେ ବିନମ୍ର ପ୍ରଣତି ଜଣାଉଛି ।

+ପ୍ଲଟ ନଂ ୩୫୩ , ପ୍ରଶାନ୍ତି ବିହାର
କିଟ୍ ବିଶ୍ୱବିଦ୍ୟାଳୟ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୧୫ ମଇ ୨୦୨୧, ଶନିବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜୀବନ ଜିବୀକା....

ଏଇମାତ୍ର କିଛିଦିନ ପୂର୍ବେ ସୋସିଆଲ ମିଡିଆରେ ଦେଖିବାକୁ ମିଳିଥିଲା ଆମ ରାଜ୍ୟ ସରକାରଙ୍କର ଜଣେ ପଦସ୍ଥ ଅଧିକାରୀଙ୍କ ମାନବିକତା ପ୍ରଦର୍ଶନର ଦୃଶ୍ୟ। ଲକ୍‌ଡାଉନର କୋହଳ ସମୟ ସୀମା ଅତିକ୍ରାନ୍ତ ହେବାକୁ ବସିଥିବାବେଳେ ରାସ୍ତାକଡ଼ରେ ଶାଗ ବିକ୍ରି କରୁଥିବା ଜଣେ ବୟସ୍କ ବ୍ୟକ୍ତି ଶାଗ କେତେ ବିଡ଼ା ଧରି ତଥାପି ବସି ରହିଥିଲେ। ରାସ୍ତାଘାଟ ଆପାତତଃ ଜନଶୂନ୍ୟ ହୋଇ ପଡ଼ିଥିଲା; ତାଙ୍କ ଶାଗ ନେବାକୁ କେହି ଗରାଖ ଆସୁନଥିଲେ। ଆଉ ସେହି ବ୍ୟକ୍ତି ଜଣକ ଘରକୁ ବି ଫେରି ପାରୁନଥିଲେ। ଶାଗ ବିକ୍ରି ନହେଲେ ସେ ପଇସା ପାଇବେ କେଉଁଠୁ; ଘରକୁ ଯାଇ ଖାଇବେ ବା କ'ଣ ? ଅପରପକ୍ଷରେ ଅଫିସରଙ୍କର କର୍ତ୍ତବ୍ୟ ମଧ୍ୟ ସମସ୍ତଙ୍କୁ ଘରକୁ ଫେରାଇ ଦେବା। ସେ ଅନୁଭବ କରି ପାରିଥିଲେ ଗାଁ ଗହଳିରେ ଛୋଟମୋଟ କାମ ବା ବ୍ୟବସାୟ କରୁଥିବା ଲୋକମାନଙ୍କ ଦୁଃଖ। ତେଣୁ ସେ ବୟସ୍କ ବ୍ୟକ୍ତିଙ୍କଠାରୁ ସବୁଯାକ ଶାଗ କିଣି ନେଇଥିଲେ ଏବଂ ବ୍ୟକ୍ତିଜଣକ ତା' ପରେ ଶାନ୍ତି ମନରେ ଘରକୁ ଫେରି ପାରିଥିଲେ। କରୋନା ମହାମାରୀର ସଂକ୍ରମଣକୁ ରୋକିବା ନିମନ୍ତେ ଜାରି କରାଯାଉଥିବା ଲକ୍‌ଡାଉନ୍, ସଟ୍‌ଡାଉନ ଇତ୍ୟାଦି ସମୟରେ ଏହା ହେଉଛି ଏକ ବାସ୍ତବ କରୁଣ ଚିତ୍ର, ଯାହାକୁ ସରକାରୀ ଅନୁକମ୍ପାର ଯେତେ ବ୍ୟବସ୍ଥା କରାଗଲେ ସୁଦ୍ଧା କ୍ୱଚିତ୍ ଏଡ଼ାଇ ଦେଇହେବ। ଲକ୍‌ଡାଉନ୍ ବା ଏମିତିକି ଆଂଶିକ ଲକ୍‌ଡାଉନ୍ ଲୋକମାନଙ୍କର ସ୍ୱଚ୍ଛନ୍ଦରେ ଚଳପ୍ରଚଳ ହେବାର ଧାରା ଉପରେ ପ୍ରତିବନ୍ଧ ଲଗାଇ ଦେଇଥାଏ ଏବଂ ତଦ୍ୱାରା ସେମାନଙ୍କର କାମଧନ୍ଦା ଓ ରୋଜଗାର ପ୍ରଭାବିତ ହୋଇଥାଏ। ନିକଟରେ କରାଯାଇଥିବା ଏକ ଅଧ୍ୟୟନ ଚଳପ୍ରଚଳ ହେବା ଉପରେ କଟକଣା ଏବଂ ଆୟରେ କ୍ଷତି ଘଟିବା ମଧ୍ୟରେ କିପରି ସମ୍ପର୍କ ରହିଛି, ସେ ସମ୍ବନ୍ଧରେ ବେଶ୍ କେତେକ ତଥ୍ୟ ପ୍ରକାଶ କରିଛି। ଉଦାହରଣ ସ୍ୱରୂପ, ଗତବର୍ଷ ଦେଶର ରାଜଧାନୀ ଦିଲ୍ଲୀରେ ଜାରି କରାଯାଇଥିବା ଲକ୍‌ଡାଉନ୍ ସମୟରେ ଲୋକମାନଙ୍କର ଚଳପ୍ରଚଳ ହେବାର ହାର ୫୦ ପ୍ରତିଶତ କମିଗଲା। ଚଳପ୍ରଚଳରେ ଏହି ୫୦ ପ୍ରତିଶତ ହ୍ରାସ ସେମାନଙ୍କ ଆୟକୁ ୩୯ ପ୍ରତିଶତ କମାଇ ଦେଇଥିଲା। ଆୟ ବା ରୋଜଗାର କମିଗଲେ ଲୋକମାନେ ସେମାନଙ୍କ ସଂଚିତ ଅର୍ଥରେ ଦୈନନ୍ଦିନ ଜୀବନ ନିର୍ବାହ କରିଥାନ୍ତି ନଚେତ୍ ଧାର କରଜ କରିଥାନ୍ତି ବା ସରକାରଙ୍କ ଦ୍ୱାରା ପ୍ରଦତ୍ତ ଆର୍ଥିକ ସାହାଯ୍ୟ ଗ୍ରହଣ କରି ଚଳିଥାନ୍ତି। ତେବେ ଅତି ଗରିବ ଏବଂ ଆର୍ଥିକ ଦୃଷ୍ଟିରୁ ସମାଜର ଅତି ଦୁର୍ବଳ ଓ ଅସୁରକ୍ଷିତ ବର୍ଗର ଲୋକମାନେ କ୍ୱଚିତ୍ କିଛି ସଂଚୟ କରିପାରିଥାନ୍ତି ଯାହା ଉପରେ ନିର୍ଭର କରି ସେମାନେ ଚଳିପାରିବେ। ମହାମାରୀ ସମୟରେ ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସିଧାସଳଖ ସାହାଯ୍ୟ ଏମାନଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ଭଳି ହୋଇଛି; ଯାହାର ପରିମାଣ ଦେଶରେ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ମାତ୍ର ୨.୨ ପ୍ରତିଶତ। ପରନ୍ତୁ, ତୁଳନାତ୍ମକ ଭାବରେ ବ୍ରାଜିଲ ସରକାର ପ୍ରଦାନ କରିଛନ୍ତି ତାଙ୍କ ଜିଡିପିର ୧୨ ପ୍ରତିଶତ। ଏଣୁ ସଂଚୟ ବା ପ୍ରତ୍ୟକ୍ଷ ସରକାରୀ ସହାୟତା ବିନା ଗରିବ ଲୋକମାନଙ୍କୁ ବଂଚି ରହିବା ନିମନ୍ତେ ଧାର କରଜ କରି ବା ଓଳିଏ ଖାଇ ଓଳିଏ ଉପାସ ରହି ଦିନ କାଟିବାକୁ ପଡ଼ିଥିଲା। ଅଧ୍ୟୟନରୁ ଜଣାପଡ଼ିଛି ଯେ ଏହି ଉଧାର ବା କରଜ କରିବାର ପରିମାଣ ୧୨ ହଜାର ଟଙ୍କାରୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ହୋଇଥିଲା ଯାହାର ଅଧିକାଂଶ ଭାଗ ଏବେ ସୁଦ୍ଧା ଲୋକମାନେ ଶୁଝିବାରେ ସମର୍ଥ ହୋଇନାହାନ୍ତି। ଦେଶର ଶ୍ରମିକ ଶ୍ରେଣୀର ସିଂହ ଭାଗ ଲୋକ ଅସଂଗଠିତ କ୍ଷେତ୍ରରେ କାମ କରି ଜୀବନ ନିର୍ବାହ କରୁଥିବା ବେଳେ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଶ୍ରେଣୀର ଉଦ୍ୟୋଗ କ୍ଷେତ୍ରରେ କାମ କରୁଥିବା ଲୋକମାନେ ସେମାନଙ୍କର କାମଧନ୍ଦା ହରାଇବା ଯୋଗୁଁ ସେମାନଙ୍କ ଆୟ ବା ଉପାର୍ଜନରେ ହ୍ରାସ ଘଟିଛି। ଗତବର୍ଷ ଆକଳନ କରାଯାଇଥିଲା ଯେ ବନ୍ଦ ହୋଇ ଯାଇଥିବା ପ୍ରତି ତିନିଗୋଟି ଏମ୍‌ଏସ୍‌ଏମ୍‌ଇ ମଧ୍ୟରୁ ଗୋଟିଏ ସବୁଦିନ ପାଇଁ ବ୍ୟବସାୟ କ୍ଷେତ୍ରରୁ ବାହାରି ଯାଇଥିଲା। ୨୦୨୧ ଜାନୁଆରୀରୁ ୨୦୨୧ ଏପ୍ରିଲ ମାସ ମଧ୍ୟରେ ସମଗ୍ର ଦେଶରେ ୯୯ଲକ୍ଷ ଶ୍ରମିକ କାମଧନ୍ଦା ହରାଇ ବେକାର ହୋଇ ଯାଇଛନ୍ତି।




### ଅକ୍ଷୟ ତୃତୀୟା...

**କୁମୁଦ ଚନ୍ଦ୍ର ନାଗ**

ବୈଶାଖ ମାସ ଶୁକ୍ଳ ପକ୍ଷ
ତୃତୀୟା ଦିନ
ମହା ଆଡ଼ମ୍ବରରେ
ଅକ୍ଷୟ ତୃତୀୟା ହୁଏ ପାଳନ ।

ଅକ୍ଷୟ ତୃତୀୟା ତିଥିରେ
ଦାନ କଲେ ଜଳ
ସେ ବ୍ୟକ୍ତିଙ୍କୁ ମିଳେ ପୁଣ୍ୟ ଫଳ ।

ଧର୍ମର ଜୟ ସଦା ଅଧର୍ମର ବିନାଶ
ମହାଭାରତ ଯୁଦ୍ଧ ଆଜ ଦିନେ
ହୋଇଥିଲା ଶେଷ ।

ପର୍ଶୁରାମ ଭଗବାନଙ୍କ
ଆଜି ଜନ୍ମ ଦିନ
ଆଜି ଦିନଠାରୁ ଶ୍ରୀକ୍ଷେତ୍ରରେ
ଆରମ୍ଭ ଯାତ୍ରା ଚନ୍ଦନ ।

ଏହି ତିଥିରେ ଶ୍ରୀଜୀଉଙ୍କର
ରଥ ପାଇଁ ହୁଏ ଅନୁକୂଳ
ଅକ୍ଷୟ ତୃତୀୟାରେ ଶୁଭ କାର୍ଯ୍ୟ
କଲେ ହୁଏ ସଫଳ ।

ଗୃହନିର୍ମାଣ, ବିବାହ, ନିର୍ବନ୍ଧ
ଶୁଭକର୍ମ ହୁଏ ଅନୁଷ୍ଠିତ
ଶଙ୍ଖ, ହୁଳହୁଳିରେ
କ୍ଷେତ ହୁଏ ପ୍ରକମ୍ପିତ ।

ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗ ଦେଇ
ଭକ୍ତିର ସହ ଭଗବାନଙ୍କୁ
ସ୍ମରଣ କରି ଚାଷି ଭାଇ ।

ନୂଆ ଗଉଣିରେ ଧରି
ବିହନ, ବୋଲି ଧାନରେ
ହଳଦୀ,ସିନ୍ଦୂର,ଚନ୍ଦନ
ମହା ଆନନ୍ଦରେ ମାଟିରେ
ପକାଏ ଧାନ ।

ଅକ୍ଷୟ ତୃତୀୟା ଆଣି ଦିଏ
ନବ ଉନ୍ମାଦନା
ଚାଷି ଭାଇଙ୍କର ମନରେ
ନାନା ଭାବନା ।

କେତେ ପରିଶ୍ରମେ କରେ ଉତ୍ପାଦନ
ପନିପରିବା, ଗହମ, ମକା, ଧାନ ।

ଖରା, ବରଷା ହେଉ ଅବା
ଶୀତ, କରି ଚାଷ
ସଭିଏଁଙ୍କୁ ଯୋଗାଇଦିଏ
ଖାଦ୍ୟ ବାର ମାସ ।

ଖାଦ୍ୟ ଯୋଗାଇବାରେ ତୁମେ ଚାଷି
ଭାଇ ବିଶ୍ୱରେ ବନ୍ଦିତ
ଅକ୍ଷୟ ତୃତୀୟା ଅବସରରେ,
ସମସ୍ତ ଚାଷି ଭାଇଙ୍କୁ
ମୁଁ ଯୋଡୁଛି ହାତ ।

+ସନ୍ଧିକୁଲିଆରୀ, ଧର୍ମଗଡ଼,
କଳାହାଣ୍ଡି

# ଶ୍ରୀମନ୍ଦିରରେ ଅକ୍ଷୟ ତୃତୀୟା ଏବଂ ଚନ୍ଦନ ଯାତ୍ରା



**ବିଦ୍ୟୁତ ଲତା ପଣ୍ଡା**

ବୈଶାଖମାସ ଶୁକ୍ଳପକ୍ଷ ତୃତୀୟା ତିଥିକୁ ଅକ୍ଷୟ ତୃତୀୟା, ଅକ୍ଷି ତୃତୀୟା ଏବଂ ଅକ୍ଷିମୁଠି ତିଥିବୋଲି ଅଭିହିତ କରାଯାଏ । ସାଧାରଣତଃ ବ୍ରତ ଓ ପର୍ବପର୍ବାଣୀରେ ତୃତୀୟା ତିଥିର ସ୍ୱତନ୍ତ୍ର ମହତ୍ୱ ଅଛି । ଏହି ଦିନ ସ୍ନାନ, ହୋମ, ଦାନ, ଜପ, ତପ ଆଦି ପୁଣ୍ୟକର୍ମ କଲେ ପୁଣ୍ୟ ବଳବତ୍ତର ରହେ ବୋଲି ଶାସ୍ତ୍ର କହନ୍ତି । କିଛି ବି କ୍ଷୟ ହେଉ ନଥିବାରୁ ଏହାକୁ ଅକ୍ଷୟ ତୃତୀୟା ବୋଲି କୁହାଯାଏ । ଏହି ତିଥିର ମାହାତ୍ମ୍ୟ ବିଷୟରେ ଭବିଷ୍ୟପୁରାଣ, ବିଷ୍ଣୁଧର୍ମସୂତ୍ର, ମତ୍ସ୍ୟପୁରାଣ, ନାରଦପୁରାଣ ପ୍ରମୁଖରେ ବର୍ଣ୍ଣନା ଦେଖିବାକୁ ମିଳେ । ଅକ୍ଷୟ ତୃତୀୟା ଯଦି ଶ୍ରବଣା ନକ୍ଷତ୍ର ଓ ବୁଧବାର ହୋଇଥାଏ, ତେବେ ତାହା ଦାନ,ଜପ ଓ ତପ କରିବା ଲାଗି ଏକ ପ୍ରକୃଷ୍ଟ ସମୟ ବୋଲି ଧବଳ ସଂଗ୍ରାହ ଗ୍ରନ୍ଥରେ ଉଲ୍ଲେଖ ଅଛି । ଏହିଦିନ ଯଦି କୃତିକା କିମ୍ବା ରୋହିଣୀ ନକ୍ଷତ୍ର ଯୁକ୍ତ ହୋଇଥାଏ ତାହା ମହାପୁଣ୍ୟ ଦିବସ ବୋଲି ବିଷ୍ଣୁଧର୍ମୋତ୍ତର ଏବଂ ସ୍କନ୍ଦପୁରାଣ କହନ୍ତି । ଏହି ଦିବସରେ ଲକ୍ଷ୍ମୀନାରାୟଣଙ୍କୁ ପୂଜା କଲେ ବିଶେଷ ଲାଭ ହୁଏ ବୋଲି ଭବିଷ୍ୟାତ ପୁରାଣ ମତ ଦିଅନ୍ତି । ଏହି ଦିନ ଶ୍ରୀବିଷ୍ଣୁଙ୍କୁ ଅକ୍ଷତରେ ପୂଜା କରାଯିବା ବିଧାନ ଥିବାରୁ ଏହି ତିଥିକୁ ଅକ୍ଷୟ ତୃତୀୟା କୁହାଯାଏ ବୋଲି କୁର୍ମପୁରାଣ କହନ୍ତି । ଅକ୍ଷତୈଃ ପୂଜ୍ୟତେ ବିଷ୍ଣୁସ୍ତେନ ସକ୍ଷୟା ସ୍ମୃତା, ଅକ୍ଷତୈସ୍ତ ନରାଃସ୍ନାତା ବିଷ୍ଣୋଦତା ତଥାକ୍ଷତାମ୍ । (୬୫/୪)

ଶ୍ରୀବିଷ୍ଣୁଙ୍କ ଅବତାର ସ୍ୱରୂପ ନରନାରାୟଣ, ହୟଗ୍ରୀବ ଓ ପର୍ଶୁରାମଙ୍କ ଜନ୍ମଦିବସ ରୂପେ ଅକ୍ଷୟତୃତୀୟାକୁ ଗ୍ରହଣ କରାଯାଏ । ଗଙ୍ଗାସ୍ନାନ ନିମନ୍ତେ ଏହି ଦିନଟି ଅତୀବ ପୁଣ୍ୟକାରୀ କାରଣ ଗଙ୍ଗା ଏହି ଦିନ ମର୍ତ୍ତ୍ୟାବତରଣ କରିଥିଲେ । ଏହି ଦିନ ମଧ କୃଷିଦେବତା ବଳଦେବଙ୍କର ଦେବୀ ରେବତୀଙ୍କ ସହିତ ବିବାହୋତ୍ସବ ପାଳିତ ହୁଏ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚନ୍ଦନ ଯାତ୍ରା ଆରମ୍ଭ ହୋଇଥାଏ । ଗୀତଗୋବିନ୍ଦର ରଚୟିତା ଜୟଦେବଙ୍କର ଏହି ଦିନ ଜନ୍ମ ତିଥି ହୋଇଥିବାରୁ ତାଙ୍କର ଜନ୍ମ ଦିବସ ମଧ ପାଳନ କରାଯାଏ । ପୌରାଣିକ ମହତ୍ତ୍ୱ ଦୃଷ୍ଟିରୁ ଏହିଦିନ ପଞ୍ଚୁପାଣ୍ଡବଙ୍କର ଅଜ୍ଞାତବାସ ଶେଷ ହୋଇଥିଲା । ଶ୍ରୀମନ୍ଦିରରେ ଅକ୍ଷୟ ତୃତୀୟା ମହାଡ଼ମ୍ବରରେ ପାଳିତ ହୋଇଥାଏ । ଭକ୍ତର ମନ ଅନୁସାରେ ଭଗବାନଙ୍କର ସମସ୍ତ ଲୀଳା ଅନୁଷ୍ଠିତ ହୋଇଥାଏ । ବୈଶାଖ ମାସର ଅନୁଷ୍ଠିତ ହେଉଥିବା ଚନ୍ଦନଯାତ୍ରା ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥାଏ । ଅସହ୍ୟ ଖରାର ଦାଉରୁ ରକ୍ଷା ପାଇବା ପାଇଁ ମନୁଷ୍ୟ ଭଳି ଭଗବାନ ଆଚରଣ କରୁଥିବାରୁ ଏହି ଯାତ୍ରାର ବ୍ୟବସ୍ଥା ହୋଇଥିବା ଅନୁମାନ କରାଯାଏ । ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ ଚନ୍ଦନଯାତ୍ରା ଏହି ଦିବସରୁ ଆରମ୍ଭ ହୋଇ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ବୈଶାଖ ଶୁକ୍ଳତୃତୀୟା ଠାରୁ ୨୧ଦିନ ଶ୍ରୀମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ ମଣ୍ଡିତ ମଣିବିମାନରେ, ରାମ ଓ କୃଷ୍ଣ ସୁସଜ୍ଜିତ ପାଲିଙ୍କିରେ ପଞ୍ଚପାଣ୍ଡବ ପଞ୍ଚଶମ୍ଭୁଙ୍କ ସହ ନରେନ୍ଦ୍ର ପୁଷ୍କରିଣୀକୁ ନୌବିହାର ନିମନ୍ତେ ଯାତ୍ରା କରୁଥିବାରୁ ଏହି ଦିନମାନଙ୍କର ଉତ୍ସବକୁ ସାଧାରଣତଃ ଚନ୍ଦନଯାତ୍ରା ବୋଲି କୁହା ଯାଇଥାଏ । ଏହିଯାତ୍ରା ଅନେକଦିନ ପର୍ଯ୍ୟନ୍ତ ଚାଲୁଥିଲେ ମଧ ଅକ୍ଷୟ ତୃତୀୟା ତିଥି ଏହି ଯାତ୍ରାର ମୁଖ୍ୟ ତିଥି ଏବଂ ଏହି ତିଥି ଦିବସକୁ ନେଇ ଯାତ୍ରାର ଅବଶିଷ୍ଟ ଦିବସ ଗୁଡ଼ିକ ଗଣନା କରା ଯାଇଥାଏ । ଅକ୍ଷୟ ତୃତୀୟା ତିଥିରେ ପୂର୍ବ ଦ୍ୱିତୀୟା ଦିନ ଶ୍ରୀଜୀଉଙ୍କର ରାତ୍ର ଚନ୍ଦନଲାଗି ବଢ଼ିବା ପରେ ଭୋଗମଣ୍ଡପ ଗୃହରେ ନିର୍ଦ୍ଦିଷ୍ଟ ପରିମାଣର ଚନ୍ଦନ, ଚେମେଡ଼ି, ପତନୀଫୁଲ ଓ ଚନ୍ଦନାଦି ଦ୍ୱାରା ସିସଂସ୍କୃତ ହୋଇ ବିଧି ପୂର୍ବକ ଅଧିବାସିତ ହେବାପରେ ଭୋଗମଣ୍ଡପ ଦ୍ୱାରମାନ ମୁଦ କରାଯାଇ ଅବଶିଷ୍ଟ ଦେବନୀତି ବଢେ ।

ଅକ୍ଷୟ ତୃତୀୟାଦିନ ସକାଳ ଧୂପ ସରି ତିନିବାଡ଼ରେ ମୈଲମ ହୋଇ ମହାସ୍ନାନ ବଢିବା ପରେ ପୂର୍ବଦିନ ଅଧିବାସିତ ହୋଇଥିବା ଚନ୍ଦନ ପିଙ୍ଗଣ ଓ ପରିଖ ଗୁଡ଼ିକ ଘଣ୍ଟ, ଛତା, କାହାଳାଦି ସହ ସାଡ଼ମ୍ବରେ ତିନିଥର ବଡ଼ ଦେଉଳକୁ ପ୍ରଦକ୍ଷିଣ କରାଇ ଭିତର ସିଂହାସନ ଉପରେ ତିନିବାଡ଼ର ସାଜାଇ ରଖାଯାଏ ଓ ପରେ ଧୋପଖାଳ ହୋଇ ଶୀତଳ ଭୋଗ ବଢେ । ମାତ୍ର ଅନ୍ୟାନ ଭୋଗପରି ଏହି ଭୋଗରେ ଟେରା ପଡ଼େ ନାହିଁ । ଭୋଗ ସରିଲେ ଶ୍ରୀଜୀଉଙ୍କର ଅଳକା, ଚଉସରା, ଚୂଳ ଓ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢିବା ପରେ ମଧାହ୍ନ ଧୂପ ରୋଷଘରୁ ସାଡ଼ମ୍ବରରେ ଅଣାଯାଏ । ପ୍ରସାଦ ଲାଗି ହୁଏ । ଦକ୍ଷିଣ ଘରେ ଚନ୍ଦନ ସର୍ବାଙ୍ଗ ବଢି ଭୋଗ ସରିବା ପରେ ରାମକୃଷ୍ଣ ଓ ମଦନମୋହନ ସିଂହାସନକୁ ବିଜେ କରନ୍ତି ଓ ମଧାହ୍ନ ଧୂପ ବଢେ ଏବଂ ତିନି ବାଡ଼ରେ ବନ୍ଦାପନା ହୁଏ । ବିଜେ ପ୍ରତିମାମାନଙ୍କୁ ଆଜ୍ଞାମାଳ ଦେବା ପରେ ମୁକ୍ତିମଣ୍ଡପ ଆଗରେ ରଖାଯାଇଥିବା ପାଲିଙ୍କିକୁ ରାମକୃଷ୍ଣ ଓ ମଣ୍ଡିତମଣି ବିମାନକୁ ଲକ୍ଷ୍ମୀ, ସରସ୍ୱତୀ ଓ ମଦନମୋହନ ବିଜେ କରିବା ପରେ ମାଳଫୁଲ ଲାଗିବଢେ । ବିଜେ କାହାଳି ବାଜିଲେ ଘଣ୍ଟ, ଛତା, କାହାଳାଦି ପଟୁଆରରେ ମନ୍ଦିର ମଧରୁ ଚନ୍ଦନ ମଣ୍ଡପ ଉଦ୍ଦେଶ୍ୟରେ ଯାତ୍ରା କରନ୍ତି । ସିଂହଦ୍ୱାରଠାରେ ହାତୀ, ଛତି, ଭଜନ ଓ କୀର୍ତ୍ତନର ଅପୂର୍ବ ସମାବେଶରେ ଶ୍ରୀଯମେଶ୍ୱର, ଶ୍ରୀମାର୍କଣ୍ଡେୟ , ଶ୍ରୀଲୋକନାଥ, ଶ୍ରୀକପାଳମୋଚନ ଓ ଶ୍ରୀନୀଳକଣ୍ଠ ଏହି ପଞ୍ଚଶମ୍ଭୁଙ୍କର ବିଜେ ପ୍ରତିମାମାସ୍ନେଜନିଜ ବିମାନରେ ଏହାଙ୍କ ସହିତ ଯୋଗଦେଇ ନରେନ୍ଦ୍ର ପୁଷ୍କରିଣୀ ଦିଗରେ ଯାତ୍ରାର ଶୋଭାମଣ୍ଡନ କରନ୍ତି । ଏହି ସମୟର ଯାତ୍ରା ଭକ୍ତଙ୍କୁ ଭାବବିହ୍ୱଳ କରି ପକାଇଥାଏ ।

ଠିକ୍ ଏହି ସମୟରେ ଅର୍ଥାତ୍ ଯାତ୍ରା ପାଇଁ ବିଜେ ପ୍ରତିମା ମାନଙ୍କୁ ଆଜ୍ଞାମାଳ ମିଳିବା ସମୟରେ ଶ୍ରୀଜୀଉଙ୍କର ତିନିବାଡ଼ରୁ ଗୁଣ୍ଡିଚା ଯାତ୍ରାରେ ନୂତନ ରଥ ନିର୍ମାଣ ନିମନ୍ତେ ବନଯାଗ କରିବାକୁ ଆଜ୍ଞାମାଳ ମିଳିଥାଏ ଓ ଦେବ ପ୍ରତିମାମାନେ ସାଡ଼ମ୍ବରେ ସିଂହଦ୍ୱାରଠାରୁ ରାଜନବର ଦ୍ୱାର ପର୍ଯ୍ୟନ୍ତ ଯାଇ ବନଯାଗ ସ୍ଥାନରେ ଅପେକ୍ଷା କରନ୍ତି । ନାନା ବଦ୍ୟ ତଥା ହରିବୋଲ ଓ ହୁଳହୁଳି ଧ୍ୱନିରେ ଏହି ରଥ ଅନୁକୂଳ କାର୍ଯ୍ୟ ସମାହିତ ହେବାପରେ ପୁଷ୍କରିଣୀ ଯାତ୍ରା ଆରମ୍ଭ କରନ୍ତି । ଦେବବିଗ୍ରହମାନେ ଚନ୍ଦନ ଚକଡ଼ାରେ ପହଞ୍ଚିବା ପୂର୍ବରୁ ଚନ୍ଦନ ପୋଖରୀ ମଧରେ ଦୁଇ ଦୁଇଟି ନାବ ଯୋଡ଼ାଯାଇ ଦୁଇଗୋଟିଶୋଭାମାନ ଭାସମାନ ବିମାନ ନିର୍ମିତ ହୋଇଥାଏ ଓ ଚନ୍ଦନ ଚକଡ଼ା ନାନା ପୁଷ୍ପାଦିରେ ମଣ୍ଡିତ ମନୋରମ ବୃହତ୍ ତୋରଣ ଏବଂ ଚନ୍ଦ୍ରାତପାଦିରେ ଶୋଭା ପାଇଥାଏ । ପୁଷ୍କରିଣୀ ସ୍ଥିତ ଚନ୍ଦନ ମଣ୍ଡପ ମଧ ନାନା ଲୋଭନୀୟ ମଣ୍ଡନୀ ମଣ୍ଡିତ ହୋଇ ଅପୂର୍ବଶୋଭା ଧାରଣ କରିବା ସହିତ ଭକ୍ତମାନଙ୍କୁ ସେଠାରେ ମିଳିତ ହେବାକୁ ଆହ୍ୱାନ କରେ । ଦେବଯାନ ଗୁଡ଼ିକ ସେଠାରେ ପହଞ୍ଚିବା ପରେ କର୍ପୂରଜଳ(ଯାହା ଜଗନ୍ନାଥବଲ୍ଲଭ ମଠରୁ ଅଣାଯାଇ କର୍ପୂର ଯୁକ୍ତ ହୋଇଥାଏ) ମଣୋହି ପାଞ୍ଚବାଡ଼ରେ ସମ୍ପାଦିତ ହୋଇଥାଏ । ତତ୍ପରେ ରାମକୃଷ୍ଣ ବଡ଼ଚାପସ୍ଥ ସ୍ୱକୀୟ ମଣ୍ଡିତ ଆସନକୁ ଓ ପଞ୍ଚପାଣ୍ଡବ ତାହାଙ୍କର ପଶ୍ଚାତ୍ ଭାଗରେ ଅବସ୍ଥିତ ସିଂହାସନକୁ ବିଜେ କରିବା ପରେ ଶ୍ରୀମଦନମୋହନ ଓ ଲକ୍ଷ୍ମୀ ସରସ୍ୱତୀ ପଛଚାପରେ ମହାର୍ଘ ସିଂହାସନରେ ବିଜେ ହୁଅନ୍ତି । ଚାପ ଉପରେ ପ୍ରସାଦଲାଗି ଓ ବିଡ଼ିଆ ମଣୋହି ବଢିବା ପରେ ଦିନଚାପ ଆରମ୍ଭ ହୁଏ ଏବଂ ପୁଷ୍କରିଣୀ ଚାରିପଟେ ଘେରାଏ ବୁଲିଆସେ । କୂଳରେ ଲାଗିବା ପରେ ଦୁଇଚାପ ଏକତ୍ର ହୋଇ ବଡ଼ଚାପରୁ ରାମକୃଷ୍ଣ ମଦନମୋହନଙ୍କ ଚାପକୁ ବିଜେହେଲେ ବନ୍ଦାପନା ଓ ଚାମର ଆଲଟ ବଢେ ଏବଂ ଦେବବିଗ୍ରହମାନେ ଚନ୍ଦନମଣ୍ଡପ ଉପରକୁ ବଜେହୋଇ ଚନ୍ଦନ କୁଣ୍ଡରେ ବୁଡ଼ନ୍ତି । ଏଥିପାଇଁ ଜଗତି ଉପରେ ନାନାବିଧ ପୁଷ୍ପଚନ୍ଦନାଦିରେ ସୁବାସିତ ଜଳ,ପୃଥକ ତିନିଗୋଟି ଚନ୍ଦନକୁଣ୍ଡ ମଣ୍ଡପରେ ସୁସଜ୍ଜିତ ଥାଏ । ଶ୍ରୀମଦନମୋହନ ଓ ଲକ୍ଷ୍ମୀ ସରସ୍ୱତୀ ଜଗତିର ମଧ ଭାଗରେ, ରାମ ଓ କୃଷ୍ଣ ପୂର୍ବ ଭାଗରେ ଓ ପଞ୍ଚପାଣ୍ଡବ ପର୍ଶ୍ଚିମ ପାର୍ଶ୍ୱରେ ଥିବା ଚନ୍ଦନ କୁଣ୍ଡମାନଙ୍କରେ ବିଜେ କରନ୍ତି । କୁଣ୍ଡରେ ଦେବବିଗ୍ରହ ମାନଙ୍କର ଜଳଲାଗି ସରିବାପରେ ଯଥା ସମୟରେ ସେମାନଙ୍କୁ କୁଣ୍ଡରୁ ଉଠାଇ ପ୍ରୋଞ୍ଚନୀରେ ବିଧି ପୂର୍ବକ ପୋଛପୋଛି କରାଯାଇ ପୁଷ୍ପାଦିରେ ବେଶ କରାଯାଇ ଶୀତଳ ମଣୋହି ବଢେ । ତାହାପରେ ବିଭିନ୍ନାଳଙ୍କାରରେ ମଣ୍ଡିତ ବିଗ୍ରହମାନଙ୍କୁ ଭିତରକୁ ନିଆଯାଇ ନରେନ୍ଦ୍ରଚକଡ଼ା ରୋଷରେ ପ୍ରସ୍ତୁତ ମାଣ୍ଡୁଅ ଭୋଗ ଲାଗେ ଓ ବିଡ଼ିଆ ମଣୋହି ହୋଇଥାଏ । ଏହିସବୁ ଉତ୍ସବ ବିଧି ପୂର୍ବକ ପାଳିତ ହେବାପରେ ଦେବବିଗ୍ରହମାନେ ରାତ୍ରଚାପକୁ ପୂର୍ବୋକ୍ତ ରୀତିରେ ବିଜେ କରି ପୁଷ୍କରିଣୀରେ ତିନି ଘେରାବୁଲି କୂଳରେ ଲାଗିଲେ ସ୍ୱସ୍ୱ ବିମାନରେ ସାଡ଼ମ୍ବରେ ମନ୍ଦିରକୁ ଫେରି ବଟମୂଳେ ଅବସ୍ଥାନ କରନ୍ତି ଏବଂ ପଞ୍ଚଶମ୍ଭୁ ସ୍ୱକୀୟ ମନ୍ଦିରକୁ ସିଂହଦ୍ୱାରଠାରୁ ବାହୁଡ଼ା ବିଜେ କରନ୍ତି। ଏହି ବଟମୂଳରେ ଜଳଲାଗି ବଢିବା ପରେ ଦେବବିଗ୍ରହମାନେ ଦକ୍ଷିଣଘରେ ବିସ୍ତୃତ ଶଯ୍ୟାକୁ ଅଣାଯାଇ ବେଶ ଉଲାଗି ହୋଇଥାନ୍ତି।

ଏହି ଚଳନ୍ତି ପ୍ରତିମାମାନଙ୍କର ବାହାରବିଜେ କାଳରେ ଶ୍ରୀଜୀଉଙ୍କର ସନ୍ଧ୍ୟାଧୂପ ବଢିବା ପରେ ଜୟବିଜୟ ଦ୍ୱାର ବନ୍ଦ ରହେ । ଜଗମୋହନ ଅନ୍ଧକାର କରାଯାଏ । ଭିତରେ ମୈଲମ ବଢି ଆଲଟଲାଗି ହେବାପାଇଁ ସୂତାଲାଗି ବଢେ । ତ୍ରିମୁଣ୍ଡିରେ ସୁବାସ ଫୁଲଲାଗି ଓ କର୍ପୂରଲାଗି ବଢିଥାଏ । ଏହାପରେ ଅଖଣ୍ଡ ବଇଠାମାନ ଲିଭାଇ ଅନ୍ଧକାର ହେଲାପରେ ବିଡ଼ିଆ ମଣୋହି ଓ ଆଲଟ ଲାଗି ବଢେ । ଏସବୁ ପରେ ପୁଣି ଅଖଣ୍ଡ ବଇଠା ବସେ ଓ ପାଣି ପଡ଼ି ପଣା ଭୋଗ ବଢେ । ଏହି ସମୟରେ ଭିତର ଗାଏଣୀର ଗୀତ ଗାଇବା ବିଧି ଅଛି । ଏହି ସବୁ ବିଧି ବଢିଲା ବେଳକୁ ଦେବ ପ୍ରତିମାମନେ ଚନ୍ଦନରୁ ବାହୁଡ଼ାବିଜେ କରିଥିଲେ ଲକ୍ଷ୍ମୀସରସ୍ୱତୀ ପ୍ରତିମା ଭିତର ରନ୍ସିଂହାସନକୁ ବିଜେ କରନ୍ତି ଏବଂ ପରେ ଅନ୍ୟାନ ନୀତିମାନ ବଢେ ।

ଶ୍ରୀଜୀଉଙ୍କର ଏହି ନୀତି ଅକ୍ଷି ତୃତୀୟାଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ନିୟମିତ ପାଳିତ ହୋଇଥାଏ । ଏହି ଯାତ୍ରାର ଦର୍ଶନରେ ଭକ୍ତ ଅପୂର୍ବ ମାନସିକ ଶାନ୍ତି ଲାଭ କରିବା ସହିତ ସକଳ ପାପତାପରୁ ଉଦ୍ଧାର ପାଏ ବୋଲି ନୀଳାଦ୍ରି ମହୋଦୟରେ ବର୍ଣ୍ଣିତ ହୋଇଛି ।

: "ଦେବାନାଂ ଗନ୍ଧଲେପଞ୍ଚ
ଯଜ୍ଞଜଳଭ୍ରମଣଂ ତଥା ।
ଜଳମଣ୍ଡପପୂଜାଞ୍ଚ
ମାର୍ଗେ ବୈଷ୍ଣଂ ଗତାଗତେ ॥
ପଶ୍ୟନ୍ତି ଭ୍ରମତୋ ଭକ୍ତ୍ୟା
ତେଷାଂ ସ୍ୟାତ୍ ପାପସଂକ୍ଷୟଃ ।
ସନ୍ତତି ବର୍ଦ୍ଧତେ
ତେଷାଂ ଶେଷବୈକୁଣ୍ଠ
ବାସିତାଃ ।"

ଚନ୍ଦନଯାତ୍ରା କେବଳ ଶ୍ରୀକ୍ଷେତ୍ରରେ ପରିପାଳିତ ହୁଏନାହିଁ । ଏହା ସାରା ଓଡ଼ିଶାର ବୈଷ୍ଣବୀୟ ମଠବାଡ଼ିମାନଙ୍କରେ ମଧ ପାଳିତ ହୋଇଥାଏ । ଏଥିଲାଗି ଅନେକ ଗ୍ରାମରେ ଚନ୍ଦନ ପୁଷ୍କରଣୀମାନ ଅଛନ୍ତି । ଏହି ସବୁ ପୁଷ୍କରଣୀରେ ଚାପୋତ୍ସବ ପାଳିତ ମହାଡ଼ମ୍ବରରେ ହୋଇଥାଏ । ଚନ୍ଦନ ଯାତ୍ରାର ମୂଳ ସ୍ରୋତ ପୁରାଣ ଯୁଗରୁ ସୃଷ୍ଟ ବୋଲି ଗବେଷକ ଲଛମନ ରାଉତ ମତ ଦିଅନ୍ତି । ପାଣ୍ଡବମାନଙ୍କର ଅଜ୍ଞାତବାସ ଶେଷ ଅକ୍ଷୟ ତୃତୀୟାରେ ହୋଇଥିଲା ଏବଂ ସେମାନେ ସେହିଦିନ ସ୍ନାନଶୌଚ ପୂର୍ବକ ଉଜ୍ଜ୍ୱଳ ବସ୍ତ୍ର ପରିଧାନ ପୂର୍ବକ ନିଜର ପରିଚୟ ବିରାଟ ରାଜାଙ୍କୁ ଦେଇଥିଲେ । ସେହି ସ୍ମୃତିକୁ ମନେ ପକାଇବା ପାଇଁ ସମ୍ଭବତଃ ୨୧ଦିନ ବାହାର ଚାପ ପୁଷ୍କରଣୀରେ ସମ୍ପନ୍ନ ହେବା ତଥା ପଞ୍ଚପାଣ୍ଡବ ଏବଂ ରାମକୃଷ୍ଣଙ୍କ ଜଳକ୍ରୀଡ଼ା ଅନୁଷ୍ଠିତ ହେବା ପରମ୍ପରାକୁ ସ୍ୱୀକୃତି ପ୍ରଦାନ କରୁଛି । ସେ ଯାହାହେଉ ପୁରୁଷୋତ୍ତମ କ୍ଷେତ୍ରରେ ଉକ୍ତ ଉତ୍ସବ ଚୋଡ଼ଗଙ୍ଗ ଦେବ ୧୨ଶ ଶତାବ୍ଦୀରେ ଚନ୍ଦନଯାତ୍ରା ଜଗନ୍ନାଥ ବଲ୍ଲଭସ୍ଥ ବେଣୁ ପୋଖରୀରେ କରାଇଥିଲେ । ପରବର୍ତ୍ତୀ କାଳରେ କପିଳେନ୍ଦ୍ର ଦେବ ଭାଇ ନରେନ୍ଦ୍ର ଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ଖୋଳାଇଥିବା ନରେନ୍ଦ୍ର ପୁଷ୍କରଣୀରେ ଭଉଁରୀ ଯାତ୍ରା ଅନୁଷ୍ଠିତ ହୋଇଆସୁଛି । ୧୪ପୁତ୍ରଙ୍କ ନାମରେ ଚଉଦଟି ଘାଟ ଏବଂ ରାଣୀ କାଳନ୍ଦୀଙ୍କ ନାମରେ କାଳନ୍ଦୀ ଘାଟ ରହିଛି । ଏହି ଉତ୍ସବ ଖ୍ରୀ.ଅ ୯ମ ଶତକରୁ କିମ୍ବା ତା'ପୂର୍ବରୁ ପାଳିତ ହୋଇ ଆସୁଥିବା ରାଜା ଶାନ୍ତିକର ଦେବ(୨ୟ)ଙ୍କ ଅନୁଗୁଳ ତାମ୍ର ଶାସନରୁ ବାମନସ୍ୱାମୀ ନାମକ ଜଣେ ବ୍ରାହ୍ମଣଙ୍କୁ ଅକ୍ଷୟ ତୃତୀୟା ଦିନ ଶାସନ ଦାନ କରିଥିବା ଉଲ୍ଲେଖରୁ ଜଣାଯାଏ ।

+କୃଷ୍ଣଦାଶପୁର ଶାଶନ,
ଔପଦା, ବାଲେଶ୍ୱର
ମୋ.୯୯୩୮୧୨୨୮୨୬

# ଉତ୍କଳୀୟ ପରଂପରାରେ ଅକ୍ଷି ତୃତୀୟା



**ବିପିନ ବିହାରୀ**

ବୈଶାଖ ଶୁକ୍ଳ ତୃତୀୟାକୁ ଅକ୍ଷୟ ତୃତୀୟା କୁହନ୍ତି । ଭିନ୍ନ ଭାଷାରେ ଏହାକୁ ମଧ୍ୟ ଅକ୍ଷି ତୃତୀୟା କୁହାଯାଏ । ଏହି ଦିବସଟି କୃଷି ଏବଂ ଆଧାତ୍ମିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ । ଉତ୍କଳୀୟ ଧର୍ମ ଓ ସଂସ୍କୃତିର ପରମ୍ପରାରେ ଏହି ଦିବସଟି ଏକ ପବିତ୍ର ଦିବସ । ଏହି ଦିବସରେ ଯେଉଁ ସବୁ ଶୁଭ କାର୍ଯ୍ୟ ଆରମ୍ଭ ହୁଏ, ତାହା ଶୁଭଦାୟକ ଏବଂ ଫଳପ୍ରଦ ଅଟେ । ଏହି କାରଣରୁ ବୀଜବପନ ପରି କୃଷିକାର୍ଯ୍ୟ, ବୃକ୍ଷରୋପଣ, ନୂତନ ଗୃହ ନିର୍ମାଣ, ପୁଷ୍କରିଣୀ, କୂପ ଏବଂ ଜଳାଶୟ ଖନନ କାର୍ଯ୍ୟ ଇତ୍ୟାଦି ଆରମ୍ଭ ହୋଇଥାଏ ।

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । ଏହାର ମୁଖ୍ୟ ଖାଦ୍ୟ ଶସ୍ୟ ହେଉଛି ଧାନ । ସେ ଏହି ଧାନବୁଣାକୁ ଏହି ଅକ୍ଷୟ (ନ-କ୍ଷୟ) ତୃତୀୟା ଦିନ ଆରମ୍ଭ କରେ । ଏହା ତାହାର 'ଧାନବୁଣା' ପର୍ବ । ଏହାକୁ ମାର୍ଗଶୀର ମାସରେ ସେ ଅମଳ କରେ । ଅକ୍ଷୟ ତୃତୀୟାର ବୁଣାପର୍ବ ଏବଂ ମାର୍ଗଶୀର ମାସର ମାଣବସା ବା ଅମଳ ପର୍ବ ଉଭୟ ତା' ପାଇଁ ମା' ଲକ୍ଷ୍ମୀଙ୍କ ପର୍ବ : କୃଷିପର୍ବ। ଅକ୍ଷୟ ତୃତୀୟାରେ କୃଷକମାନେ ତାଙ୍କ ଗୃହ ଏବଂ ଗୃହ ପ୍ରାଙ୍ଗଣକୁ ଗୋବର ଦ୍ୱାରା ଶୁଚି କରି ଲିପନ୍ତି । ତହିଁରେ ପଦ୍ମପାଦ ବା ଲକ୍ଷ୍ମୀପାଦ ଥାପନ୍ତି । ଝୋଟି ପକାନ୍ତି । ତହିଁ ପରେ ନୂଆ ବେତା ବା ଟୋକେଇରେ ଧାନ ମାଣରେ ଭରି ପୂଜା କରନ୍ତି । ତା' ସହିତ ଚାଷ ସାଜ; ହଳ ଲଙ୍ଗଳ, ଫାଉଡ଼ା, କୋଦାଳ, ଦାଆ ଇତ୍ୟାଦିକୁ ସିନ୍ଦୂର, ଫଳ, ଚନ୍ଦନରେ ସଜାଇ ଧୂପ, ଦୀପଭୋଗ ଏବଂ ନୈବେଦ୍ୟ ଇତ୍ୟାଦି ସମର୍ପଣ କରନ୍ତି । ଏହାପରେ ହଳ ଯୋଚି ଚାଲନ୍ତି ଜମିକୁ ବସୁଧା ମାତାର ପୂଜା ଓ ଧାନବୁଣା ଅନୁକୂଳ ପାଇଁ । ଏହି ଜମି ଖଣ୍ଡିକ ପୈତୃକ ସଂପତି ଥିବା; ଏହାକୁ ମୁଠି କିଆରି କୁହନ୍ତି ଯାହାକୁ କୌଣସି ପରିପ୍ରେକ୍ଷୀରେ ସେ ବିକ୍ରି କରିବାକୁ ଚାହିଁ ନାହିଁ, ନିହାତି ଗରିବ ନହେଲେ ଏବଂ ପରିସ୍ଥିତି ବାଧ୍ୟ ନକଲେ । ସେହି ଜମିରେ ପୂର୍ବ କୋଣରେ ସେ ମୁଠା ମୁଠା କରି ଧାନ ବୁଣେ ବୋଲି ତାକୁ ମୁଠି କୁହନ୍ତି । ସେ ଏ ଅନୁକୂଳ ଧାନକୁ ତା' ନୂଆ ବେତାରେ ଛିଟକନା ଘୋଡ଼ାଇ ସ୍ନାନ ଶଉଚ ହୋଇ ମୁଣ୍ଡାଇ ନେଇଥାଏ । ସେଠାରେ ବସୁଧା ପୂଜା ପରେ ବୁଣେ । ପୂଜା ସାମଗ୍ରୀରେ ଫୁଲ, ଚନ୍ଦନ, ଭୋଗରାଗ ଏବଂ ନଡ଼ିଆ ଇତ୍ୟାଦି ଥାଏ । ଏହିଦିନ ଧାନ ଅନୁକୂଳ କଲେ, ଭଲ ଅମଳ ମିଳେ ବୋଲି ବିଶ୍ୱାସ ।

ଆଦିବାସୀ ଅଧ୍ୟୁଷିତ ଅଂଚଳରେ 'ଧରିତ୍ରୀ' ପୂଜାରେ ସେମାନେ ପୋଢ଼, ଛେଳି ଅଥବା କୁକୁଡ଼ା ଇତ୍ୟାଦି ବଳି ଦିଅନ୍ତି। ବିଶ୍ୱାସ ଯେ, ମାଟି ମାଆ ଭଲ ଫସଲ ଦେବ। ଫସଲରେ ରୋଗପୋକ ଲାଗିବେ ନାହିଁ ଏବଂ ଜନ୍ତୁଜୁନ୍ତା ଖାଇବେ ନାହିଁ। ଅବଶ୍ୟ ଏ ଅନ୍ଧବିଶ୍ୱାସ କ୍ରମଶଃ ଲୋପ ପାଇବାରେ ଲାଗିଛି। କ୍ରମଶଃ ଅନ୍ୟପକ୍ଷରେ ଆର୍ଯ୍ୟାବର୍ତରେ ବହୁ ପୁରାତନ ଯୁଗରୁ ଚଳିଆସୁଥିବା ପ୍ରକୃତି ଏବଂ ବୃକ୍ଷ ପୂଜା ଇତ୍ୟାଦି ଏହି ଅବସରରେ ମଧ ଚାଲିଛି। ମଣିଷ ପ୍ରଥମେ ଦିଅଁ ଦେଉଳ ନଖୋଜି ପ୍ରକୃତିର ଉପାସକ ଥିଲା। କାରଣ ସେ ପ୍ରକୃତିଠାରୁ ଉପକାର ପାଉଥିଲା।

ଆଧୁନିକତା ଦୃଷ୍ଟିକୋଣରୁ ଏହି ଦିନ ଶ୍ରୀଜଗନ୍ନାଥ ତଥା ପୁରପଲ୍ଲୀରେ ଠାକୁରମାନଙ୍କର ଚନ୍ଦନ ଯାତ୍ରା ହୁଏ ।

'ବୈଶାଖସ୍ୟ ସିତେ
ପକ୍ଷେ ତୃତୀୟାକ୍ଷୟ ସଂଜ୍ଞିକା,
ତତ୍ର ମାଂଲେପୟେଦ୍ ଗନ୍ଧ
ଲେପ ନୈରତି ଶୋଭନମ୍,
ବୈଶାଖେଚ ସିତେ ପକ୍ଷେ
ତୃତୀୟାୟାଂ ଜଗଦ୍‌ଗୁରୋଃ,
ନାବକ୍ରୀଡ଼ା ପ୍ରକୁର୍ବାତ୍ ସର୍ବ
କାମାର୍ଥ ସିଦ୍ଧୟେ ॥'
ବୈଶାଖ ଶୁକଳତିଥି
ତୃତୀୟା ବୋଲି ବିଖ୍ୟାତ
ନୀଳଗିରି ନୃପବର
ଦେବନ୍ତ ଘେନି
ସକଳ ସାମନ୍ତଶିବ
ମିଳି ଚନ୍ଦନ ଉତ୍ସବ
ଆପଣ ଅଛନ୍ତି ସଙ୍ଗେ ଜଳଦାସନୀ।
-କଳ୍ପଲତା : ଅର୍ଜୁନ ଦାସ ।

ସବୁ ଶୁଭ କାମ ଏହିଦିନରେ ଅନୁକୂଳ ହୁଏ। ଏହି ଅକ୍ଷୟ ତୃତୀୟାରେ ରଥଯାତ୍ରା ନିମନ୍ତେ ରଥକାଠ ବଡ଼ଦାଣ୍ଡରେ ଶ୍ରୀନଅର ସାମ୍ନାରେ ଅନୁକୂଳ ହୁଏ। ଏହିଦିନ ମା'ମାନେ ସନ୍ତାନମାନଙ୍କର ନିରୋଗ ଏବଂ ଦୀର୍ଘଜୀବନ କାମନା କରି ଷଠି ଦେବୀଙ୍କର ପୂଜା କରନ୍ତି।

ଅନ୍ୟାନ୍ୟ କେତେକ କାରଣରୁ ଏହି ଦିବସଟି ପାଳନର ତାତ୍ପର୍ଯ୍ୟ ଅଛି। ଏହା ଗୀତଗୋବିନ୍ଦ ରଚୟିତା ଜୟଦେବଙ୍କର ଜନ୍ମ ଦିବସ ହେତୁ ବିଭିନ୍ନ ସ୍ଥାନରେ ଧାର୍ମିକ ସମାବେଶ ଓ ସଂକୀର୍ତ୍ତନ ଇତ୍ୟାଦି ହୁଏ। ବିଶେଷକରି ତାଙ୍କ ଗ୍ରାମ କେନ୍ଦୁଲିରେ। ଏହିଦିନ ପର୍ଶୁରାମଙ୍କର ଆବିର୍ଭାବ ହୋଇଥିଲା। ଏଣୁ ତାଙ୍କର ମଧ ପୂଜା ହୁଏ। ପୁରାଣରୁ ମିଳେ ଯେ ଗଙ୍ଗାମାତା ଏହି ଅକ୍ଷୟ ତୃତୀୟା ତିଥିରେ ମର୍ତ୍ତ୍ୟଲୋକରେ ଅବତରଣ କରି ସଗର ବଂଶକୁ ଉଦ୍ଧାର କରିବା ସହିତ ପୃଥିବୀକୁ ଶସ୍ୟ ଶ୍ୟାମଳା କରିଥିଲେ। ଏଣୁ ଏହି ତିଥିରେ ଗଙ୍ଗାରେ ସ୍ନାନ ବା ବୁଡ଼ ପକାଇଲେ ସକଳ ପାପର କ୍ଷୟ ହୁଏ ବୋଲି ମଧ ବିଶ୍ୱାସ କରାଯାଏ। ଅର୍ଥାତ୍ ଅକ୍ଷୟ ତୃତୀୟା ଦିବସଟି ଗଙ୍ଗାମାତାଙ୍କୁ ନେଇ ଏକ ତୀର୍ଥ ଦିନ। ଏହିଦିନ ଗଙ୍ଗା ନାରାୟଣ ନାମରେ ଯେ କୌଣସି ଜଳାଶୟରେ ବୁଡ଼ ପକାଇଲେ ପାପ କ୍ଷୟ ହୁଏ। ପୁନଶ୍ଚ ଏହି ତିଥିରେ ବଡ଼ ଠାକୁର ବଳଭଦ୍ରଙ୍କର ରେବତୀଙ୍କ ସହ ବିବାହ ହୋଇଥିବାରୁ ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାରେ ବଳଦେବ ଜୀଉଙ୍କ ମନ୍ଦିର ଚଳଂଚଳ ହୋଇଉଠେ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




### ଆସିଛି ଅକ୍ଷୟ ତୃତୀୟା...

**ଦୁଷ୍ମନ୍ତ ବେହେରା**



ନୂଆ ମନ ନୂଆ ଆଶା ନେଇ
ଆସିଛି ଅକ୍ଷୟ ତୃତୀୟା
ଦୁନିଆ ହସିଲେ ମୁଁ ହସେ
ମାଟି ମମତା କୂଳେ !!

ଧରଣୀ ହସେ ଚଷା ପୁଅକୁ ନେଇ
ସଂସାର ମୁଖେ ଦେବ ଆହାର
ଅନୁକୂଳ କରେ ମାଟି ସରଗକୁ
ଗୋଧୋଳି ଖେଳେ କୂଳେ ହସ !!

ଅକ୍ଷୀ ମୁଠିଏ ନେଇ ସ୍ୱପ୍ନ ଦେଖିଛି
କୃଷକ ଭାଇ ଓଡିଆମାନଙ୍କ
ମୁହେଁ ଦେଖିବ ମଲ୍ଲୀଫୁଲିଆ ସହ
ନବବସ୍ତ୍ର ପିନ୍ଧି ସରାଗେ
ହସିବେ ହସ!!

ଶସ୍ୟ ଶ୍ୟାମଳା ଯେ ମରତେ ପଡିବ
ହୁରି ବଡ ପର୍ବ ବୋଲି
ତାଳିମାରି ଦେଖିବେ ଫସଲ
ସୁନା ଫଳିଛି ଲୋଭେ ଭୂମି !!

ଲକ୍ଷ୍ମୀ ଆଶୀର୍ବାଦେ ଭାଗ୍ୟ ବଦଳେ
ସ୍ୱପ୍ନ ଭଉଁରୀ ଚୂଳେ
ସମୟ ଖେଳରେ ମାଟି ହସୁଛି
ଦେହ ବସୁମତୀ ଯଉବନେ !

ସତ୍ୟ ବଚନରେ କୃଷକ ଦିଏ ଶସ୍ୟ
ଜନ ସମାଗନେ ମୁଖେ ଫୁଟେଇ
ଦିଏ ହସ ନିଜ ଦୁଃଖ ସହି
ଜଗତକୁ ଦିଏ ହସ !!

ନିଜର ଦୁଃଖ ସହି ପରିବାର
ଦୁଃଖ ସହିଯାଏ ଆଗ
ଜୀବନ ଦେଲେ ମୂଲ୍ୟ ସୁଝି ହୁଏନା
କୃଷକ ଭାଇର ଦୁଃଖ !!

+ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ-୯୯୩୭୬୫୨୫୦୪

### ଅକ୍ଷିମୁଠି ଓ ଚାଷୀଭାଇ...

**ଅମୂଲ୍ୟ କୁମାର ପଣ୍ଡା**



ଅକ୍ଷୟ ତୃତୀୟା ପାଇଁ ପ୍ରତୀକ୍ଷିତ
ବହୁଦିନଠାରୁ ଥାଏ
ଅକ୍ଷିମୁଠି ନେଇ ହରଷ ମନରେ
କ୍ଷେତକୁ ଚାଷୀଟି ଯାଏ।

ଶରଧାରେ ମୁଠେ ହାତରେ ବିହନ
କ୍ଷେତ ସାରା ଦିଏ ବୁଣି
ବରଷଟା ସାରା କି ଚାଷ କରିବ
ମନେ ମନେ ହୁଏ ଗୁଣି।

ଚଷା ଭାଇ ସିନା ସହେ ଖରା ବର୍ଷା
ମୁଣ୍ଡ ଝାଳ ତୁଣ୍ଡେ ମାରି
ଦୁଃଖ କଷ୍ଟ ତାର ଚିର ସହଚର
ଭାବି ମନ ହୁଏ ଘାରି।

ଚାଷୀ କୂଳ ଆଜି ଉଜୁଡ଼ି ଯାଉଛି
ବୁଝେ ନାହିଁ ଦୁଃଖ କେହି
ଦୁଃଖ ସମୟରେ ଅନ୍ତରୁ କାହାର
ସମବେଦନାଟେ ନାହିଁ।

ବନ୍ୟାର ଦାଉକୁ ବାତ୍ୟାର ପ୍ରକୋପ
ସବୁ ସହେ ହସି ହସି
ଫସଲ ଦେଖିଲେ ଖୁସି ହୁଏ ସିଏ
କ୍ଷେତ ହୁଡ଼ାପରେ ବସି।

ବିପଦ ଆପଦ ଯେତେ ଯାହା ଆସୁ
ଭାଙ୍ଗି ପଡେନାହିଁ କଦା
କର୍ତ୍ତବ୍ୟ ପଥରେ ଦୃଢ଼ତା ସହିତ
ଆଗେଇ ଯାଏ ସେ ସଦା।

ସଂସାର ଭିତରେ ବୀର ଟିଏ ସିଏ
ହାରିବା ଶିଖି ସେ ନାହିଁ
ମାଟିର ମଣିଷ ଦେବତା ପରିକା
ଗର୍ବ ଆମ ତାର ପାଇଁ।

+ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୯୯୩୮୯୦୬୦୭୦



## ବିଜ୍ଞାନ ଟୁଙ୍କି - ୪୧

# ମହାକାଶ ଷ୍ଟେସନ୍-ମିର୍ (mir)



### କାର୍ତ୍ତିକ ସାହୁ

ମହାକାଶ ବିଜ୍ଞାନ ଓ ରକେଟ୍ ବିଜ୍ଞାନରେ ଭାରତ ଅନେକ ଅଦ୍‌ଭୁତ ପୂର୍ବ ଅନୁଭୂତି ଓ ସଫଳତା ପାଇବା ପରେ ମହାକାଶକୁ ଯାନ ପଠାଇ ତାକୁ ପୃଥିବୀ ପୃଷ୍ଠକୁ ଫେରାଇ ଆଣିବାର ପରୀକ୍ଷଣ କରିଥିଲା । ଏ ଦିଗରେ ଭାରତୀୟ ଉପଗ୍ରହ 'ସ୍ପେସ୍ କ୍ରାଷ୍ଟ ରିକଭରି ଏକ୍ସପେରିମେଂଟ' (SRE) ଏକ ସଫଳ ପରୀକ୍ଷଣ ଥିଲା । ସେହିପରି ବାରମ୍ବାର ବ୍ୟବହୃତ ହୋଇପାରୁଥିବା ରକେଟ୍ କ୍ଷେତ୍ରରେ ମଧ୍ୟ ଅନେକ ସଫଳତା ମିଳିଛି ।

ଏହିସବୁ ପରୀକ୍ଷଣ ଓ ସଫଳତା ପ୍ରାପ୍ତି ପରେ ଭାରତ ତାର ମହାକାଶ ଯୁଗର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିଛି ଯେଉଁଥିରେ ସୂର୍ଯ୍ୟଙ୍କ ପାଖକୁ ଯାନ ପଠାଇବା, ବୁଧ ଗ୍ରହ ପାଖକୁ ଯାନ ପଠାଇବା ଓ ବିଶେଷ କରି ମହାକାଶକୁ ଭାରତୀୟଙ୍କୁ ପଠାଇବା କାର୍ଯ୍ୟ ଆରମ୍ଭ ହୋଇଛି ।

ତେବେ ଆମେ ଏବେ ସୋଭିଏତ୍ ରୁଷିଆର ମହାକାଶ ଷ୍ଟେସନଙ୍କ କଥାକୁ ଯିବା । ପ୍ରଫେସର ଚନ୍ଦ୍ର ଶେଖର ତାଙ୍କ କଥା ଆରମ୍ଭ କରିଥିଲେ ।

ସୋୟୁଜ୍ ଓ ସଲ୍ୟୁଟ୍ ମିସନ୍ ମାନଙ୍କରେ ସୋଭିଏତ୍ ରୁଷିଆର ବୈଜ୍ଞାନିକମାନେ ଯଥେଷ୍ଟ ସଫଳତା ଓ ଅନୁଭୂତି ପାଇଥିଲେ । ଯଦିଓ କିଛି ପ୍ରାରମ୍ଭିକ ବିଫଳତା ଥିଲା, ଧୀରେ ଧୀରେ ଅନେକ ତ୍ରୁଟିର ସମାଧାନ କରି ସୋଭିଏତ୍ ରୁଷିଆ ମହାକାଶ ଷ୍ଟେସନ କ୍ଷେତ୍ରରେ ଆମେରିକାଠାରୁ ଯଥେଷ୍ଟ ଆଗେଇଗଲା ।

ଗୋଟେ ସ୍ଥାୟୀ ମଡ୍ୟୁଲାର ମହାକାଶ ଷ୍ଟେସନର ପରିକଳ୍ପନା ୧୯୭୬ ମସିହାରେ କରାଗଲା ଓ ସେ ଦିଗରେ ସୋଭିଏତ୍ ବୈଜ୍ଞାନିକମାନେ କାମ ଆରମ୍ଭ କଲେ । ସଲ୍ୟୁଟ-୬ରେ ପ୍ରଥମ ଥର ପାଇଁ ମହାକାଶ ଷ୍ଟେସନ ଯାନରେ ଦୁଇଟି ଡକଙ୍ଗ୍ ପୋର୍ଟ (ଯେଉଁ ଜାଗାରେ ଅନ୍ୟ ମହାକାଶ ଯାନ ଯୋଡ଼ା ହୋଇ ପାରିବ ଓ ସେ ବାଟ ଦେଇ ମହାକାଶ ଯାତ୍ରୀମାନେ ମହାକାଶ ଷ୍ଟେସନକୁ ଯାଇ ପାରିବେ) ରଖାଯାଇଥିଲା । ଏହି ପରୀକ୍ଷଣରେ ସଫଳତା ପରେ ସୋଭିଏତ୍ ବୈଜ୍ଞାନିକମାନେ ବୃହତ ମହାକାଶ ଷ୍ଟେସିନ ମିର୍ (mir) ଲାଗି କାମ ଆରମ୍ଭ କରି ଦେଇଥିଲେ ।

ମିର୍ (mir) ମହାକାଶ ଷ୍ଟେସନର ପ୍ରାରମ୍ଭିକ ଯାତ୍ରା ଆରମ୍ଭ ହୋଇଥିଲା ୧୯୮୬ ମସିହା, ଫେବୃହାରୀ ମାସ ୧୯ ତାରିଖ ଦିନ । ମିର୍ (mir)ର ଅର୍ଥ ଶାନ୍ତି ବା ପୃଥିବୀ । ଏହି ଷ୍ଟେସନ୍ ନିର୍ମାଣ ୧।୯୮୬ ମସିହାରେ ଆରମ୍ଭ ହୋଇଥିଲା ଓ ଠିକ ଦଶବର୍ଷ ପରେ ଏହା ସଂପୂର୍ଣ୍ଣ ରୂପେ କାର୍ଯ୍ୟ କରିବା ଆରମ୍ଭ କରିଥିଲା । ସେ ସମୟରେ ଏହା ପୃଥିବୀରର ସର୍ବବୃହତ୍ କୃତ୍ରିମ ଉପଗ୍ରହ ଥିଲା । ଏହା ମହାକାଶରେ ୨୦୦୧ ମସିହା ମାର୍ଚ୍ଚ ୨୩ ତାରିଖ ଯାଏ ଥିଲା ।

**ମିର୍ (mir) ମହାକାଶ ଷ୍ଟେସନର ବିଶେଷତ୍ୱ:** ମିର୍ ଏପରି ଏକ ମହାକାଶ ଷ୍ଟେସନ ଥିଲା ଯେଉଁଥିରେ ମହାକାଶ ଯାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ପରୀକ୍ଷଣ କରି କରିଥିଲେ । କେବଳ ସେତିକି ନୁହେଁ, ମିର୍‌ରେ ମହାକାଶ ଯାତ୍ରୀମାନେ ନିରବଚ୍ଛିନ୍ନ ଭାବରେ ୩,୬୪୪ ଦିନ ରହିଥିଲେ । ରୁଷିଆର ମହାକାଶ ଯାତ୍ରୀ ଭାଲେରୀ ପୋଲ୍ୟାକୋଭ୍ ମିରରେ କ୍ରମାଗତ ଭାବରେ ୪୩୭ ଦିନ ରହି ଏକ ବିଶ୍ୱ କୀର୍ତ୍ତିମାନ ସ୍ଥାପନ କରିଥିଲେ । ଏହି ମହାକାଶ ଷ୍ଟେସନରେ କେବଳ ପରୀକ୍ଷଣ ଲାଗି ପରୀକ୍ଷାଶାଳ ନଥିଲା, ମହାକାଶ ଯାତ୍ରତୀଙ୍କ ରହିବା ଲାଗି ବିଭିନ୍ନ ସୁବିଧା ସୃଷ୍ଟି କରାଯାଇଥିଲା । ସେମାନଙ୍କ ଲାଗି ରୋଷେଇ ଘର, ଶୋଇବା ଘର ଓ ଆମୋଦପ୍ରମୋଦର ବ୍ୟବସ୍ଥା ଥିଲା । ଏକା ସମୟରେ ତିନିରୁ ଅଧିକ ମହାକାଶ ଯାତ୍ରୀ ଏହି ସ୍ପେସ୍ ଷ୍ଟେସନରେ ରହିପାରୁଥିଲେ ।

ମିର୍ ସ୍ପେସ୍ ଷ୍ଟେସନ ଆନ୍ତର୍ଜାତିକ ସହଯୋଗ ଲାଗି ଏକ ଅବକାଶ ସୃଷ୍ଟି କଲା ଯାହାଫଳରେ କେବଳ ସୋଭିଏତ୍ ରୁଷିଆରୁ ନୁହଁ ପୃଥିବୀର ଅନ୍ୟ ଦେଶରୁ ମହାକାଶ ଯାତ୍ରୀମାନେ ମିର୍ ଷ୍ଟେସନକୁ ଗଲେ ଓ ବିଭିନ୍ନ ପରୀକ୍ଷଣ ଆରମ୍ଭ କଲେ । ଏପରିକି ଏହି ମହାକାଶ ଷ୍ଟେସନ ଆମେରିକା ଓ ରଷିଆ ଭିତରେ ଏକ ସହଯୋଗର ସେତୁ ବାନ୍ଧିଲା । ଆମେରିକାର ମହାକାଶ ଯାନ ସ୍ପେସ୍ ସଟଲ୍ ମିର୍ ମହାକାଶ ଷ୍ଟେସନ ସହିତ ଅନେକ ଯୋଡ଼ି ହେଲା । ଭବିଷ୍ୟତରେ ଏକ ଆନ୍ତର୍ଜାତିକ ମହାକାଶ ଷ୍ଟେସନର ପରିକଳ୍ପନା ଏଇଠୁ ଆରମ୍ଭ ହେଲା ଓ ମହାକାଶ ଷ୍ଟେସନର ବିଭିନ୍ନ କଥା ଆମେରିକାର ମହାକାଶ ଯାତ୍ରୀମାନେ ଶିଖିଲେ । ୨୦୦୧ ମସିହା ମାର୍ଚ୍ଚ ମାସରେ ମିର୍ ପୃଥିବୀ ଆଡ଼କୁ ଆସି ପ୍ରଶାନ୍ତ ମହାସାଗରରେ ଜଳସମାଧି ନେଲା । (କ୍ରମଶଃ)




+(ମୋ): ୯୯୮୦୩୦୦୭୫୧


## କବିତା ତୁମ ପାଇଁ

### ଆମେ ତ ଶିଶୁ

**ପ୍ରଶାନ୍ତ କୁମାର ଦାଶ**

ଆମେତ ଶିଶୁ ନାନକ ଯୀଶୁ
ଆମେ ସୁରୁଯ ଜହ୍ନ
ଆମେତ କଡ଼ି ଯିବୁରେ ବଢ଼ି
ଆମେ ଅସଲ ଧନ ।

ଆମରି ମନ ମରମ ତଳେ
ରହିଚି ସୁଖ ହରା
ଆମେ ବରଷା, ବସନ୍ତ, ଶୀତ
ସୁରୁଯ ସୁନା ଖରା ।

ଆମରି ଆଖି ଲୁହକୁ ପୋଛି
ଦିଅ ଆମକୁ ହସ
ଆମେ ରଖିବୁ ଦେଶ ଦଶର
ଟେକ, ଗରବ, ଯଶ ।

ଆମକୁ କୋଳେ ବସାଇ ଦିଅ
ସେନେହ, ଶ୍ରଦ୍ଧା, ଗେଲ
ଏଇ ଦୁନିଆ ବଗିଚା କୋଳେ
ଆମେତ ସଜ ଫୁଲ ।

ଆମେ ସାଜିବୁ ଦେଶ ସେବକ
ସଇନିକ ବି ହେବୁ
ଅରିକୁ ଦିନେ ଆମ ଦେଶରେ
ଉଚିତ ଶିକ୍ଷା ଦେବୁ ।

ଉଡ଼ାଜାହାଜେ ଉଡ଼ିବୁଲିବୁ
ଦେଶ ବିଦେଶ କେତେ
ଆମରି ହାତେ କଳକବଜା
ଗଢ଼ିବୁ ଲୋଡ଼ା ଯେତେ ।

ଆମେ ନାଚିବୁ ଆମେ ଗାଇବୁ
ଆମେରେ ସିଂହ ଶିଶୁ
ଆମକୁ ଦେବେ ସୁଖ ଆଶିଷ
ଆହ୍ଲା, କବୀର ଯୀଶୁ ।


+କୁଂଜରା, ସଙ୍ଗଳାଇ
ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦


### ଅସନା ଖାଇବା ଖାଇବିନି

**ଶିଶିର କୁମାର ପଣ୍ଡା**



ଖାଇବିନି ବାପା ଅସନା ଖାଇବା
କିଣିକି ଆଣୁଛ କାହିଁକି
ଏ ଖାଇବା ଖାଇ ଭୋଗିଥିଲି କେତେ
ସେ କଥାଟି ମନେ ନାହିଁକି ?
ମାଛି ଭଣଭଣ ହେଉଛି ସେଠାରେ
ଘୋଡ଼ଣୀଟେ ଘୋଡ଼ା ହୋଇନି
ଦୋକାନୀ ଭାଇକୁ ଦେଖିଲେ ଲାଗୁଛି
ହାତକୁ ଭଲରେ ଧୋଇନି ।
ଥାଳିଆ ମାଜୁଛି ନାମକୁ ମାତର
ଦେଖିଲେ ତ ବାନ୍ତି ଲାଗୁଛି

ଏକଥା କହିଲେ ବୁଝେଇ ତାହାକୁ
ମିଛରେ ମିଛରେ ରାଗୁଛି ।
କାହିଁକି ଖାଇବି କହୁନ
ସେଇ ପଇସାକୁ ସଞ୍ଚିକି ରଖିବି
କୁମ୍ଭିଟିଏ କିଣି ଦଉନ ।




+କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ-୮୯୮୧୭୩୭୨୨୮


### କହିବ କି ଜହ୍ନ ମାମୁଁ

**ସୁବ୍ରତ ମଲିକ**



ଆହେ ଜହ୍ନ ମାମୁଁ ! ତୁମକୁ ଆଜି ଯେ
ପଚାରୁଛି କଥାଟିଏ,
ଗୋଟି ଗୋଟି କରି କହିବ ବୁଝାଇ
ମୁଁ ତୁମ ଭଣଜାଟିଏ ।

ଗୋଲାକାର ରୂପେ ଗଢ଼ି ହୋଇବାକୁ
ତୁମର ଥିଲା କି ଇଛା
କୋଟି କୋଟି ତାରା ନକ୍ଷତ୍ର ମେଳରେ
ସହଜେ ପଡୁଛ ବଛା ।

କେଉଁଠି ଆଣିଲ ତୁମ ଦେହ ପାଇଁ
ଏତେ ସୁଶୀତଳ ଆଭା ,
ପୂର୍ଣ୍ଣମୀ ତିଥିରେ କିଣି ନିଅ ମନ
କେଡ଼େ ମନୋହର ଶୋଭା ।

ଅମେଇଁସା ହେଲେ ଲୁଚିଯାଅ କାହିଁ
ପାରୁନା ତୁମକୁ ଦେଖି,
ବେଳ କାଳ ହେଲେ ଗ୍ରହଣ ଲାଗଇ
ପଣ୍ଡିତ ଦେଇଛି ଲେଖି ।

ବାଦଲ ଘୋଟିଲେ ରାତି ଆକାଶରେ
କିଆଁ ଲୁଚକାଳି ଖେଳ,
ପୂରୁବ ଦିଗରେ ସୂରୁଜ ଉଇଁଲେ
ସରିଯାଏ ତୁମ ବେଳ ।

ତୁମ ପୂର୍ଣ ରୂପ ଦେଖିଲେ ସାଗର
କାହିଁ ଫୁଲେ ତା'ର ଛାତି
ସରୋବର ଜଳେ ଫୁଟେ କଇଁ ଫୁଲ
ଲଗାଇଛ କେଉଁ ପ୍ରୀତି ।

ସପନରେ ଆସି କହିପାର ତୁମେ
ଅବା ଲେଖିପାର ଚିଠି
ନ ହେଲେ ବେତାଳ ନିଶ୍ଚିତ ସାଜିବି
ଅଛି ମୋର ବୋଉ ପିଠି ।


+ମଙ୍ଗଳପୁର, ଅସୁରାଳି, ଭଦ୍ରକ
୭୦୦୮୩୧୫୯୧୬


## ପିଲାଙ୍କ ଉପନ୍ୟାସ : ଭାଗ-୩

# ପାଗଳାବାବାଙ୍କ ଟାଇମ୍ ମେସିନ୍

**ପୀତାମ୍ବରୀ ଦାଶ**




### ୦୩. ଜଳ ସଂଚିବା, ତେବେ ବଂଚିବା

ରବିବାର । ଛୁଟିଦିନ । ମନୀଷ ଏଯାଏ ଉଠିନି । ତା'ବାପା ଶରତବାବୁ କାର୍ଯ୍ୟ ବ୍ୟସ୍ତତାରେ ଏ ସପ୍ତାହରେ ଘରକୁ ଆସିନାହାନ୍ତି । ବାପା ଥିଲେ ସିନା ଡର । ମନୀଷ କି ଆଉ ସଅଳ ଶେଯ ଛାଡେ । ଜେଜେଙ୍କ ପାଖେ ବକ୍‌ବକ୍ ହେବ ପଛେ କାମସାରି ପଢା ପାଖରେ ବସିବନି ।

ସୀମାଦେବୀ କାମରେ ବ୍ୟସ୍ତ । ଆଜି ତାଙ୍କ ବଡ ଭାଇ ଆସିବେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ସେ ରସାୟନ ବିଜ୍ଞାନ ପ୍ରଧ୍ୟାପକ । ଛୁଟିରେ ଯେବେ ସିଏ ଓଡିଶା ଆସନ୍ତି ଭଉଣୀ ଘରକୁ ଆସିବା ଥୟ । ଗେହ୍ଲା ଭଣଜାକୁ ଟିକେ ଦେଖା ନ କଲେ ତାଙ୍କୁ ଭଲ ଲାଗେନା । ତା'ଛଡା ତାଙ୍କର ଜଣେ ଭଲ ସାଙ୍ଗ ଏଇ ଗାଁରେ ଅଛନ୍ତି । ସେ ଜଣେ ବୈଜ୍ଞାନିକ । ଗାଁରେ ପ୍ରାୟ ୧୫ ଏକର ଜାଗାରେ ନିଜର ଗବେଷଣାଗାର ପ୍ରତିଷ୍ଠା କରିଛନ୍ତି । ତାଙ୍କ ଗବେଷଣାର ସନ୍ଦର୍ଭ ବିଷୟରେ କେହି ଜାଣନ୍ତନି । ଏମିତି କି ସଂଗ୍ରାମ ବାବୁ ବି ନୁହେଁ । ହେଲେ ସେ ତାଙ୍କର ଜଣେ ସହପାଠୀ ହୋଇଥିବାରୁ ତାଙ୍କୁ ଦେଖା କରିବାକୁ ଯାଆନ୍ତି ।

ଖୁସିରେ ସୀମାଦେବୀଙ୍କ ଗୋଡ ତଳେ ଲାଗୁନି । ଭାଇଙ୍କ ପସନ୍ଦର ଖାଦ୍ୟ ତିଆରି କରିବେ । ତରତର ହୋଇ ଗାଧେଇବାକୁ ଚାଲିଗଲେ । ମନୀଷର ଜେଜେ ଉଠିଗଲା ପରେ ମନୀଷ ବା ଆଉ କରେ କଣ ? ଉଠିପଡି ଏପଟ ସେପଟ ହେଲା ।

ଜେଜେ ବେସିନ୍‌ରେ ମୁହଁ ଧୋଇବାକୁ ଟ୍ୟାପ୍ ଖୋଲନ୍ତେ ପାଣି ନାହିଁ । ବୋହୂକୁ ଡାକ ପକାଇଲେ- ଆରେ ମା' ସୀମା... ପାଣି ଚଲେଇନୁ କି ? ମଟର ସୁଇଚ୍‌ଟା ମାରିଦେ । ପାଣି ସରିଗଲାଣି ସୀମାଦେବୀ ସଅଳ ଗାଧୋଇବାକୁ ଯାଇଥିଲେ । ବାଥ୍ ରୁମ୍ ଟ୍ୟାବ୍ ଖୋଲିବେ କ'ଣ , ତା' ତ ଆଗରୁ ଖୋଲା । ପାଣି ନାହିଁ । ସେ ବିବ୍ରତ ହୋଇ ପଡିଲେ । ଆଜି ୬ଟାରୁ ପାବାର କଟ୍ ହେବ ବୋଲି ଅବଗତ ଥିଲେ । ସେଥିପାଇଁ ସେ ଗତରାତ୍ରିରେ ଶୋଇବା ପୂର୍ବରୁ ପାଣି ଚଳାଇ ଟାଙ୍କି ଭର୍ତ୍ତି କରିଥିଲେ ରାତିରେ ସମସ୍ତେ ଶୋଇଥିଲେ । ଟାଙ୍କିକ ଯାକର ପାଣି ସବୁ ଗଲା କୁଆଡେ !

ମନୀଷର ବଦ୍‌ଗୁଣ କଥା ତାଙ୍କର ମନେପଡିଗଲା । କିଛି କାରଣ ନ ଥାଇ ଏଣେତେଣେ ଟ୍ୟାବ୍ ଖୋଲିପକାଏ ସେ । ପାଣି ମନଇଛା ଚାଲେ । ସେ ନିଶ୍ଚୟ ଏମିତି କିଛି କରିଛି । ପାଣି ନାହିଁ କି କରେଂଟ୍ ନାହିଁ । ମନୀଷକୁ ଡାକ ପକାଇଲେ ସେ କୋଉ ଶୁଣୁଛି । ଚିଡ୍‌ଚିଡ୍ ହୋଇ ପାଇପ୍ ପାଖରେ ଆସି ଗାଧୋଇଲେ ।

ଜେଜେ ବି ଜାଣିଗଲେ ଏଇଟା ମନୀଷର କାମ । ତା'ର ଏଇ ଚପଳାମିଟା ଟିକେ କମିଥିଲା । ଯାହା କଲା କଲା, ଜାଣିଛି କରେଂଟ ରହିବନି; ଆଜି ଦିନଟାରେ ମାଆକୁ ତା'ର ହଇରାଣ କଲା - । ବିଚାରୀ ଦିନସାରା ପାଇପ ମାରିମାରି ଥକିଯିବ ସିନା ...!

ସୀମା ଦେବୀ କାମ କରିବେ କ ଣ ; ହାତରେ ଗୋଟେ ଛାଟ ଆଗ ଏ ଘର ସେ ଘର ବୁଲି ମନୀଷକୁ ଖୋଜିଲେ । କେଉଁଠି ବି ତାକୁ ପାଇଲେ ନାହିଁ । ରାଗ ଗରଗର ହେଇ ରୋଷେଇ ଘରକୁ ଗଲେ ଶଶୁରଙ୍କ ପାଇଁ ଚା' କରିବାକୁ ।

ଆଠଟା ବାଜିଲାଣି । ମନୀଷର ଦେଖା ନାହିଁ । ବାହାରେ ଗାଡି ଶବ୍ଦ ଶୁଭିଲା । ସୀମା ଦେବୀ ଧାଇଁ ଯାଇ ଦେଖିଲେ ମନୀଷ ତା ମାମୁଁଙ୍କ ଗାଡିରେ ବସି ଆସୁଛି । ତାକୁ ଦେଖି ସେ ଭୀଷଣ ରାଗିଗଲେ । ମାରିବାକୁ ଉଦ୍ୟତ ହେଲେ । ସଂଗ୍ରାମ ବାବୁ ଭଉଣୀକୁ ଆକଟ କରି କହିଲେ ଆରେ ଏ କି କଥା ! ତୁ ମୋ ସାମ୍ନାରେ ମୋ ଗେହ୍ଲା ଭଣଜାକୁ ମାରିବୁନା କ ଣ ? ଏଇଟା ଖୁବ୍ ଅନ୍ୟାୟ ହେବ ।

ସୀମା କାନ୍ଦୁଣି ମାନ୍ଦୁଣି ହୋଇ କହିଲା - ତୁମେ ଜାଣିଛ ଭାଇ ଏ ମୂର୍ଖଟା ମୋ ପ୍ରତି କି ଅନ୍ୟାୟ କରଛି ? ଆଜି ସାରାଦିନ ମୁଁ ଟ୍ୟୁବେଲ ମାରିମାରି ଥକିବି ।

- ବ୍ୟସ୍ତ ହ'ନା , ମୁଁ ତ ଆସିଗଲେଣି । ତତେ ଏ କାମରେ ସାହାଯ୍ୟ କରିବି ।

ସୀମା ଆଉ ମନୀଷ ଉପରେ ନ ରାଗି ଭାଇକୁ ଘରକୁ ପାଛୋଟି ନେଲା ।

ମନୀଷର ମନ ଖୁସ୍ । ମାମୁଁଙ୍କ ଯୋଗୁଁ ମାଡଗାଳିରୁ ଆଜି ରକ୍ଷା ମିଳିଗଲା । ମାମୁଁ ଘରୁ ଗଲାପରେ ବି ଏହାର ପ୍ରଭାବ ରହିବନି । ମାଆ ମନ ଖୁସି ଥିବ । ଏ ଘଟଣାକୁ ମାଆ ଏତେଟା ଗୁରୁତ୍ୱ ଦେବେନି ।

ଜେଜେ ଜାଣନ୍ତି ବୋହୂ ସୀମା ଏବେ ମନୀଷ ଉପରେ ପ୍ରତି କଥାରେ ଚିଡୁଛି । ଛୋଟଛୋଟ କଥାରେ ତାକୁ ଗାଳିମନ୍ଦ କରୁଛି । ଏଥିରେ ସୀମାକୁ ବି ଦୋଷ ଦେଇ ହେବନି । ନିଜ ପିଲାକୁ କୋଉ ମାଆ ଭଲ ନ ପାଏ ! କୋଉ ମାଆ ନ ଚାହେଁ ପିଲା ତା'ର ଭଲ ମଣିଷ ହେଉ । ସଭିଏଁ ତାକୁ ପ୍ରଶଂସା କରନ୍ତୁ । ନିଜ ପିଲାର ପ୍ରଶଂସାରେ ସବୁ ମାଆଙ୍କ ଛାତି ଗର୍ବରେ ଫୁଲିଉଠେ । ସୀମା ସେଥିରୁ ବାଦ୍ ଯିବ ବା କିପରି ? ମନୀଷ ତ ଅତିମାତ୍ରାରେ ଚପଳ । ତାକୁ ନେଇ ବାହାର ଲୋକଙ୍କ ଟୀକା ଟିପ୍ପଣୀ , ଛିଗୁଲା କଥା । ସୀମାକୁ ଭାରି ବାଧେ । ବେଳେବେଳେ ସେ କାନ୍ଦିପକାଏ । ଶ୍ୱଶୁର ବୋହୂକୁ ବୁଝାନ୍ତି । ଯା' ହେଉ ଆଜି ତା ଭାଇ ସଂଗ୍ରାମର ଉପସ୍ଥିତି ସୀମାର ମନ ଭଲେଇ ଦେବ । ଏତେଦିନ ମାମୁଁଙ୍କୁ ପାଇ ମନୀଷ ବି ଖୁବ୍ ଖୁସି ହେବ । ଏଇ ଦି ଚାରିଦିନ ଛୁଟିରେ ଆଉ ଧୂମାଳିଆ ଦୁଷ୍ଟାମି କରିବନି । ଟିକେ ଶାନ୍ତ ରହିବ । ତା'ମାଆ କଥା ମାନିବ ।

ସତ୍ୟବାବୁ ଜାଣନ୍ତି ; ହାତର ପାଂଚ ଆଙ୍ଗୁଠି ଜମା ସମାନ ନୁହେଁ । ସବୁ ପିଲା ବା କିପରି ଏକା ପରି ହେବେ ? ନାତି ତାଙ୍କର ଟିକେ ବେଶି ଚଗଲା ହୋଇଯାଇଛି । ବୁଦ୍ଧି ହୋଇଗଲେ ତା'ର ଏ ଚଗଲାମି ଆଉ ରହିବ କି ? ଏମିତି କେତେ ପିଲା ବଡଦିନକୁ ସୁଧୁରି ଯାଇଛନ୍ତି । ସେ କ ଣ ସବୁଦିନ ଏମିତିଆ ଥିବ ...।

ବୋହୂ ସୀମା ଡାକରେ ସତ୍ୟବାବୁ ନିଜର ଭାବନା ରାଜ୍ୟରୁ ଫେରିଆସିଲେ । ସେତେବେଳକୁ ୯ଟା ବାଜି ଯାଇଥିଲା । ଖାଇବା ଟେବୁଲରେ ସମସ୍ତେ ଏକାଠି ହେଲେ । କମ୍ ସମୟ ମଧ୍ୟରେ ସୀମା କେତେ ପ୍ରକାର ସୁସ୍ୱାଦୁ ଜଳଖିଆ ବନେଇଥିଲା । ତା'ଭିତରେ ସବୁଠୁ ସ୍ୱାଦିଷ୍ଟ ଲାଗୁଥିଲା ପୁରଦିଆ ସରୁଚକୁଳି ।

ସୀମାର ଭାଇ ସଂଗ୍ରାମବାବୁ ସରୁଚକୁଳି ସହିତ ଆଳୁକଷା ଖାଇବାକୁ ବହୁତ ଭଲପାଆନ୍ତି । ସତ୍ୟବାବୁଙ୍କର ବି ସରୁଚକୁଳି ଖୁବ୍ ପ୍ରିୟ ଜଳଖିଆ । ହେଲେ ମନୀଷର ଏ ଖାଦ୍ୟ ପସନ୍ଦ ନୁହେଁ । ସୀମା ତା'ପାଇଁ ପୁରି ଛାଣିଥିଲେ । ସେ ଜାଣିଛନ୍ତି ଘରେ ପୁରି ଛଣାହେଲେ ମନୀଷ ମାଛମାଂସକୁ ବି ଚାହିଁବନି ।

(କ୍ରମଶଃ)


+ପୁରୋହିତପୁର,ଜଗତସିଂହପୁର
ମୋ:୯୭୭୮୫୨୦୩୭୦


# ମାନବିକତା



**ବିନୟ କୁମାର ଦାସ**

ଫରିଦ୍ ଚାଚାର ଦରଜୀ ଦୋକାନ । ଚାଚାଙ୍କର ବୟସ ହୋଇଗଲାଣି । ପୁଅ ଦୁଇଜଣ ବାପାଙ୍କଠାରୁ ଦରଜୀ କାମ ଶିଖି ବାହାର ସହରରେ ନିଜ ନିଜର ଦୋକାନ କରିଛନ୍ତି । ଘରେ ଏବେ ବୁଢାବୁଢୀ ଦୁଇଜଣ । ଚାଚାଙ୍କୁ ଆଉ ଭଲ ଦେଖା ଯାଉନି । ଆଜିକାଲିକା ଫେସନର ପୋଷାକପତ୍ର ସିଲାଇ ସେ ଜାଣି ନାହାନ୍ତି । ତେଣୁ ଦୋକାନରେ ସେମିତି କିଛି ଭଲ କାରବାର ହୁଏନି । ବୟସ୍କଲୋକଙ୍କ ପାଇଁ କାମିଜ, ଫତେଇ ଆଉ ଚିରାଫଟା ଲୁଗାର ରିଫୁ କରି ଯେଉଁ ପାରିଶ୍ରମିକ ମିଳେ, ସେଥିରେ ସୁଖେଦୁଃଖେ ବୁଢାବୁଢୀ ଚଳିଯାଆନ୍ତି । ମଝିରେ ମଝିରେ ପୁଅମାନେ ବି ଘରକୁ ଟଙ୍କା ପଠାନ୍ତି ।

ଏଇ କେତେଦିନ ହେଲା ଫରିଦ ଚାଚା ହାତରେ ବହୁତ କାମ । ଟିକିଏ ବି ଫୁରସତ୍ ମିଳୁନି ତାକୁ । କରୋନା ପାଇଁ ସମସ୍ତେ ଲୋଡୁଛନ୍ତି ମାସ୍କ । ସେ ମାସ୍କ ତିଆରି କରି ଶସ୍ତା ଦରରେ ବିକୁଛି । ଯେତିକି ତିଆରି କରୁଛି ଅଳ୍ପ ସମୟ ଭିତରେ ସବୁ ସରି ଯାଉଛି ।

ସେଦିନ ସେ ମାସ୍କ ପାଇଁ କପଡା କିଣିବାକୁ ରତନଲାଲ ସେଠ୍‌ଙ୍କ ଗୋଦାମକୁ ଯାଇଥିଲା । ସେଠ୍ ତାକୁ ଦେଖିବା ମାତ୍ରେ କହିଲେ, " ଆରେ ଫରିଦ୍ ଚାଚା, ମୁଁ ଆଜି ତ ତୁମ ପାଖକୁ ଲୋକ ପଠାଇଥାନ୍ତି । ବସ ବସ , ତୁମ ସହିତ ମୋର କଥା ଅଛି । "

"ଯାହା କହିବା କଥା ଶୀଘ୍ର କୁହ ସେଠଜୀ..ମୋ ପାଖରେ ଏବେ ସମୟ ନାହିଁ । ତୁମ ପାଖରୁ କପଡା ନେଇକି ଗଲେ ମାସ୍କ ତିଆରି କରିବି । ଲୋକମାନେ ପରା ଦୋକାନ ଆଗରେ ଭିଡ ଲଗାଇଛନ୍ତି ।"

"ହଁ , ମୁଁ ବି ସେଇ କଥା କହିବି । କଥା କଣ କି ଏହା ଭିତରେ ତୁମେ ମୋ ପାଖରୁ ଦୁଇଥର କପଡା ନେଇସାରିଲଣି । ତୁମ ତିଆରି ମାସ୍କର ବହୁତ ଚାହିଦା । କିନ୍ତୁ ମୁଁ ଖବର ପାଇଲି ତୁମେ ବହୁତ ଶସ୍ତାରେ ମାସ୍କ ବିକ୍ରୀ କରିଦେଉଚ ।"

"ଶସ୍ତା ଆଉ କଣ ? କପଡା, ସୂତା, ଇଲାଷ୍ଟିକ୍ ଆଉ ମୋ ମଜୁରୀ ମିଶାଇଲେ ଯେତିକି ହେଉଛି , ମୁଁ ସେଇ ଦରରେ ବିକୁଛି ।"

"ହଁ , ସେଇକଥା ମୁଁ କହୁଚି । ଏଇଠି ତୁମେ ଭୁଲ କରୁଚ ଚାଚା । ସୁଯୋଗ ସବୁବେଳେ ଆସେ ନାହିଁ । ବଜାରରେ ମାସ୍କ କି ଦରରେ ବିକ୍ରୀ ହେଉଛି ତୁମେ ଜାଣିଥିବ ।




ଏବେ ମାସ୍କର ବି ବହୁତ ଚାହିଦା । କରୋନା ଭୟରେ ଲୋକମାନେ ପଇସାକୁ ଖାତିର କରୁନାହାନ୍ତି । ଯେତେ ଦାମ୍ କହିଲେ ବି ସେମାନେ ନିଶ୍ଚୟ କିଣିନେବେ । ତୁମର ଆର୍ଥିକ ପରିସ୍ଥିତି ବି ସେତେ ଭଲ ନୁହେଁ । ତେଣୁ ଏ ସୁଯୋଗ ଆସିଛି ଯେତେବେଳେ ତାର ଫାଇଦା ନିଅ । ବଜାର ଦର ସହିତ ସମାନ କରି ବିକିଲେ ତୁମର ବହୁତ ଲାଭ ହେବ । "

"ଏଇକଥା ନା ଆଉ କିଛି କଥା ଅଛି ସେଠଜୀ.. ?"

"ନା ଏଇକଥା କହିବା ପାଇଁ ମୁଁ ତୁମକୁ ମନେମନେ ଖୋଜୁଥିଲି । ମାନେ ତୁମର ଭଲ ପାଇଁ କହିଲି । ତୁମେ ମୋର ଜଣେ ପୁରୁଣା ଗ୍ରାହକ । ସେଇଥିପାଇଁ... ।"

"ହଉ ଠିକ୍ ଅଛି । ଏବେ ମୋତେ କପଡା ଦେଇଦିଅ, ମୁଁ ଯାଏ ।"

"ତା ମାନେ ମୋ କଥା ରଖିବ ନାହିଁ । ତାହାଲେ ଆଉ ଗୋଟେ ପ୍ରସ୍ତାବ ଦେଉଛି । ତୁମେ ଯେତିକି ମାସ୍କ ତିଆରି କରୁଛ, ସବୁତକ ମୋତେ ବିକ୍ରୀ କରିଦିଅ । ତୁମେ ବିକ୍ରୀ କରୁଥିବା ଦରର ମୁଁ ଦୁଇଗୁଣା ପଇସା ଦେବି । ରାଜି ତ ?"

"ସେଠଜୀ, ମୋତେ ସେ ବେପାର ଭିତରେ ପୂରାଅ ନାହିଁ । ମୋ ପରିଶ୍ରମର ପାଉଣା ମୋତେ ମିଳିଯାଉଛି, ସେତିକି ମୋ ପାଇଁ ଯଥେଷ୍ଟ ।"

"ଠିକ୍ ଅଛି, ମୁଁ ତୁମକୁ ଆଉ ବାଧ୍ୟ କରିବି ନାହିଁ । ତେବେ ଯିବା ପୂର୍ବରୁ ମୋତେ ଖାଲି ଏତିକି କହିଯାଅ କଣ ପାଇଁ ମୋ ପ୍ରସ୍ତାବରେ ତୁମେ ରାଜି ହେଉନ ।"

"ସେଠଜୀ, ଏହି କରୋନା ମହାମାରୀ ସାରା ଦୁନିଆରେ ଯେମିତି ବ୍ୟାପି ଚାଲିଛି, ଏଥିରେ ସମସ୍ତେ ଭୟଭୀତ ହୋଇପଡିଛନ୍ତି । କିଛି ନହେଲେ ପ୍ରତ୍ୟେକ ବ୍ୟକ୍ତି ଚାହୁଁଛି ନିଜ ମୁହଁରେ ମାସ୍କଟିଏ ଲଗାଇବ । ଏହି ଚାହିଦାରୁ ଫାଇଦା ଉଠାଉଛନ୍ତି କିଛି ବେପାରୀ । କଳାବଜାର ଚାଲିଛି । ଯେତେ ଦାମ ହେଲେ ବି ଲୋକେ ଏହାକୁ କିଣୁଛନ୍ତି । ଧନୀମାନେ ସିନା କିଣିପାରୁଛନ୍ତି, ହେଲେ ଗରିବ ଲୋକଟିଏ ନିଜ ପରିବାର ପାଇଁ ଏ ବାବଦରେ କେତେ ବା ଖର୍ଚ୍ଚ କରିପାରିବ ? ମୁଁ ସେହି ଲୋକଙ୍କୁ ଯତ୍ କିଂଚିତ ସାହାଯ୍ୟ କରିବା ପାଇଁ ଉଚିତ ମୂଲ୍ୟରେ ମୋ ତିଆରି ମାସ୍କ ବିକୁଛି । ମୋର କିଛି କ୍ଷତି ହେଉନି । ମୁଁ ଲାଭ ଚାହୁଁନି । ଲୋକଙ୍କ ଦୁର୍ଦ୍ଦିନରେ ସେମାନଙ୍କୁ ସାହାଯ୍ୟ କରିବା ହିଁ ମାନବିକ ଧର୍ମ । ମୁଁ ସେତକ ପାଳନ କରିଚାଲିଛି । ସେଠଜୀ, ଏ ଯୋଉ କରୋନା ବ୍ୟାପୁଛି, କିଏ ଜାଣେ କାଲିକୁ କିଏ ଥିବ କି ନଥିବ । ଲୋଭ କରି କି ଲାଭ ଯେ .. ? ହଁ , ତୁମେ ମୋର ସବୁ ତିଆରି ମାସ୍କ କିଣି ନେବା ପାଇଁ ଚାହୁଁଚ, ମୁଁ ତ ଏମିତି ଜଣକା ମାତ୍ର ଦୁଇଟା ମାସ୍କ ବିକୁଛି । ଏକକାଳୀନ ମୁଁ କାହାକୁ ଏତେ ମାସ୍କ କେବେ ବି ଦେବିନି । ମୋତେ ମାଫ୍ କରିଦିଅ , ମୁଁ ତୁମ କଥା ରଖିପାରିବିନି । ମୋତେ ମୋ କପଡା ଦେଇଦିଅ , ମୁଁ ଯାଏ..ମୋ କାମରେ ଲାଗିବି ।"

ଏତକ ଶୁଣି ସାରିବା ପରେ ସେଠଜୀଙ୍କ ଭିତରେ ବୋଧହୁଏ କିଛି ଗୋଟିଏ ପରିବର୍ତ୍ତନ ଆସିଲା । ସେ ହଠାତ୍ ଆସି ଚାଚାଙ୍କ ହାତ ଦୁଇଟାକୁ ଜାବୁଡି ଧରି ବିକଳ ସ୍ୱରରେ କହିଲେ, "ଚାଚା, ତୁମେ ମହାନ । ମୋ ଭିତରେ ରହିଥିବା ଏକ ଭୁଲ ଧାରଣାକୁ ବଦଳି ଦେଲ । ବେପାର କରିବା ମାନସିକତାରେ ମୁଁ ଏତେ ମଜି ଯାଇଥିଲି ଯେ ମାନବିକତା ଟିକକକୁ ବି ମୁଁ ପାଶୋରି ଦେଇଥିଲି । ତୁମକୁ ଦେଇଥିବା ମୋର ସବୁ ପ୍ରସ୍ତାବକୁ ମୁଁ ଫେରାଇ ନେଉଛି । ଏବେ ଏକ ନୂଆ ପ୍ରସ୍ତାବ ଦେବି, ତାକୁ ତୁମେ ମନା କରିବନି । କପଡା ମୁଁ ତୁମକୁ ବିନା ମୂଲ୍ୟରେ ଦେବି । ମାସ୍କ ତିଆରି କରିବା ସକାଶେ ଅନ୍ୟାନ୍ୟ ଆନୁସଂଗିକ ଜିନିଷ ବି ଯୋଗାଇ ଦେବି । ତୁମ ମଜୁରୀ ତୁମେ ପାଇଯିବ ମୋ ପାଖରୁ । ଆମେ ଦୁହେଁ ମିଶି ସହର ତଳି ବସ୍ତିକୁ ଯିବା । ଗରିବଲୋକଙ୍କୁ ବିନା ମୂଲ୍ୟରେ ସେଗୁଡିକ ବାଂଟିଦେବା । ଏତକ କଲେ ମୁଁ ମୋ ଭୁଲର ପ୍ରାୟଶ୍ଚିତ କଲି ବୋଲି ଜାଣିବି ଓ ମୋତେ ଆତ୍ମତୃପ୍ତି ମିଳିଯିବ । କୁହ ଚାଚା..ଏଥିରେ ତୁମେ ରାଜି ତ ?"

ଏହା ଶୁଣିବା ପରେ ଚାଚାଙ୍କ ମୁହଁରେ ହସଟିଏ ଖେଳିଗଲା । କହିଲେ, "ଏଥିରେ ଅରାଜି ହେବି କାହିଁକି ? ଇଏତ ଅତି ଭଲ କଥା । ଖୋଦା ତୁମକୁ ସଦ୍‌ବୁଦ୍ଧି ଦେଇଛନ୍ତି, ସେତିକି ଯଥେଷ୍ଟ । ମୁଁ ତୁମ ପ୍ରସ୍ତାବରେ ରାଜି ଅଛି ।"

IIII O IIII


+ ଅନାମିକା ନୀଡ,
ଅଂଗାରଗଡିଆ, ବାଲେଶ୍ୱର-୧
ମୋ- ୯୮୬୧୦୧୮୩୬୯

## ବଦଳିଲେ ୩ ଜେଲ୍ ସୁପରିଟେଣ୍ଡେଂଟ

ଭୁବନେଶ୍ୱର,୧୪/୫ (ନି.ପ୍ର): ରାଜ୍ୟର ୩ ଜେଲ୍ ସୁପରିଟେଂଟଣ୍ଡେଟଙ୍କୁ ବଦଳି କରିଛନ୍ତି ରାଜ୍ୟ ସରକାର। ଭୁବନେଶ୍ୱର ଝାରପଡା ଜେଲ୍ ସୁପରିଟେଂଟଣ୍ଡେଟ ଧିରେନ୍ଦ୍ର ନାଥ ବାରିକଙ୍କୁ ବଲାଙ୍ଗିର ବଦଳି ହୋଇଥିବା ବେଳେ ପୁରୀ ଜେଲ୍ ସୁପରିଟେଂଟଣ୍ଡେଟ ସରୋଜ କୁମାର ବିଶ୍ୱାଳଙ୍କୁ ଭୁବନେଶ୍ୱର ବଦଳି କରାଯାଇଛି। ସେହିପରି ବଲାଙ୍ଗିର ଜେଲ୍ ସୁପରିଟେଂଟଣ୍ଡେଟ ଉର୍ମିଳା ମିଞ୍ଜ୍ ଙ୍କୁ ପୁରୀ ଜେଲ୍ ର ସୁପରିଟେଂଟଣ୍ଡେଟ ଭାବେ ବଦଳି କରାଯାଇଛି।

## ମଇ ଶେଷ ପର୍ଯ୍ୟନ୍ତ ୪ ଏକ୍ସପ୍ରେସ ଟ୍ରେନ ବାତିଲ୍



ଭୁବନେଶ୍ୱର,୧୪/୫ (ନି.ପ୍ର): କମ ପୃଷ୍ଠପୋଷକତା ଏବଂ କୋଭିଡ୧୯ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଛାଡୁଥିବା ଚାରି ଯୋଡ଼ା ବିଶେଷ ଏକ୍ସପ୍ରେସ ଟ୍ରେନକୁ ଉଭୟ ପାର୍ଶ୍ୱରୁ ବାତିଲ କରିବାକୁ ନିଷ୍ପତି ନିଆଯାଇଛି । ୦୨୮୬୬/୦୨୮୬୫ ପୁରୀ-ଏଲଟିଟି- ପୁରୀ ସାପ୍ତାହିକ ସ୍ୱତନ୍ତ୍ର ଏକ୍ସପ୍ରେସ ପୁରୀଠାରୁ ମଇ ମାସ ୧୮ ଏବଂ ୨୫ ତାରିଖ ଦିନ ଏବଂ ଏଲଟିଟି ରୁ ମଇ ମାସ ୨୦ ଏବଂ ୨୭ ତାରିଖ ଦିନ ବାତିଲ ରହିବ। ସେହିପରି ୦୨୮୮୦/୦୨୮୭୯ ଭୁବନେଶ୍ୱର-ଏଲଟିଟି-ଭୁବନେଶ୍ୱର ଦ୍ୱି-ସାପ୍ତାହିକ ବିଶେଷ ଏକ୍ସପ୍ରେସ ଭୁବନେଶ୍ୱର ଠାରୁ ମଇ ମାସ ୧୭, ୨୦, ୨୪ ଏବଂ ୨୭ ତାରିଖ ଦିନ ଏବଂ ଏଲଟିଟି ରୁ ମଇ ମାସ ୧୯, ୨୨, ୨୬ ଏବଂ ୨୯ ତାରିଖ ଦିନ ବାତିଲ ରହିବ ।୦୭୪୮୮/୦୭୪୮୭ ବିଶାଖାପାଟନମ୍-କଡ଼ପା-ବିଶାଖାପାଟନମ୍ ଦୈନନ୍ଦିନ ଚଳାଚଳ କରୁଥିବା ବିଶେଷ ଟ୍ରେନ ବିଶାଖାପାଟନମ୍ ରୁ ମଇ ମାସ ୧୪ ରୁ ୩୧ ତାରିଖ ମଧ୍ୟରେ ଏବଂ କଡ଼ପା ଠାରୁ ମଇ ମାସ ୧୫ ତାରିଖରୁ ଜୁନ ମାସ ପହିଲା ମଧ୍ୟରେ ବାତିଲ୍ ରହିବ ଓ ୦୨୮୩୧/୦୨୮୩୨ ବିଶାଖାପାଟନମ୍-ଲିଙ୍ଗମପଲ୍ଲୀ-ବିଶାଖାପାଟନମ୍ ଦୈନନ୍ଦିନ ଚଳାଚଳ କରୁଥିବା ବିଶେଷ ଟ୍ରେନ ବିଶାଖାପାଟନମ୍ ଠାରୁ ମଇ ମାସ ୧୪ ରୁ ୩୧ ତାରିଖ ମଧ୍ୟରେ ଏବଂ ଲିଙ୍ଗମପଲ୍ଲୀ ମଇ ମାସ ୧୫ ତାରିଖରୁ ଜୁନ ମାସ ପହିଲା ମଧ୍ୟରେ ବାତିଲ୍ ରହିବ ।

## କୃଷକ ଆନ୍ଦୋଳନରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କଲା ଏବିଭିପି

ଭୁବନେଶ୍ୱର,୧୪/୫ (ନି.ପ୍ର): କୃଷକ ଆନ୍ଦୋଳନରେ ୨୫ ବର୍ଷୀୟ ଯୁବତୀଙ୍କୁ ଗଣଦୁଷ୍କର୍ମ ଏବଂ ହତ୍ୟା ପରେ କରୋନାରେ ତାଙ୍କର ମୃତ୍ୟୁ ଦର୍ଶାଇବା ଘଟଣାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଦାବି କରିଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ । ଟିକୀରି ସୀମାରେ କେନ୍ଦ୍ର ସରକାରଙ୍କ କୃଷି ଆଇନ ବିରୋଧରେ ଚାଲିଥିବା କୃଷକ ଆନ୍ଦୋଳନରେ ପଶ୍ଚିମବଙ୍ଗର ୨୫ ବର୍ଷୀୟ ଯୁବତୀ କୃଷକ ମାନଙ୍କ ସହ ଆନ୍ଦୋଳନରେ ଯୋଗ ଦେଇଥିଲେ । କୃଷକ ଆନ୍ଦୋଳନରେ କୃଷକ ମୁଖା ପିନ୍ଧି ବାମପନ୍ଥୀନେତା ଓ ଅନ୍ୟ ରାଜନୈତିକ ଦଳର ନେତାମାନେ ସେହି କୃଷକ ରହୁଥିବା ତମ୍ବୁ ଭିତରେ ଯୁବତୀଙ୍କୁ ଗଣଦୁଷ୍କର୍ମ କରି ମାରିଦେଇଥିଲେ ।ଏହି ବଳାତ୍କାର ମାମଲାରେ କୃଷକ ମୋର୍ଚ୍ଚାର ନେତାମାନେ ମଧ୍ୟ ଜଡିତ ଥିଲେ ଯେଉଁଥିରେ ଯୋଗେନ୍ଦ୍ର ଯାଦବଙ୍କ ନାମ ମଧ୍ୟ ଅଛି । ଘଟଣାରେ ପୋଲିସ ୬ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛି ସେଥିମଧ୍ୟରୁ ୨ଜଣ ରାଜନୈତିକ ଦଳର ସକ୍ରିୟ କାର୍ଯ୍ୟକର୍ତା ।ଏହି ଘଟଣାରେ ଜଡ଼ିତ ଥିବା ସମସ୍ତ ଅଭିଯୁକ୍ତଙ୍କୁ କଠୋରରୁ କଠୋର ଦଣ୍ଡ ଦିଆଯାଉ ବୋଲି ଏବିଭିପି ଓଡ଼ିଶାର ରାଜ୍ୟ ସମ୍ପାଦକ ଶ୍ରୀମାନ ସୌଭାଗ୍ୟ ମହାନ୍ତି ଦାବି କରିଛନ୍ତି।

## ଜଳସଂପଦ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ନଦୀ ବନ୍ଧ ତଦାରଖ ଓ ସୁରକ୍ଷା ସଂପର୍କିତ ସମୀକ୍ଷା ବୈଠକ

ଭୁବନେଶ୍ୱର,୧୪/୫ (ନି.ପ୍ର): ପ୍ରାକ୍ ମୌସୁମୀ ତଥା ଆଗାମୀ ମୌସୁମୀ ବର୍ଷା ପରିପ୍ରେକ୍ଷୀରେ ରାଜ୍ୟରେ ଥିବା ବିଭିନ୍ନ ନଦୀବନ୍ଧର ସୁରକ୍ଷା ନେଇ ତଦାରଖ ଓ ବନ୍ୟା ପ୍ରସ୍ତୁତି ସଂପର୍କରେ ଆଜି ଜଳ ସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ସମୀକ୍ଷା କରିଛନ୍ତି । ଭର୍ଚୁଆଲ ବ୍ୟବସ୍ଥା ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ, ବନ୍ଧ ନିରାପତା ମୁଖ୍ୟ ଯନ୍ତ୍ରୀ ଲିଙ୍ଗରାଜ ଗୌଡ ଏବଂ ବିଭିନ୍ନ ନଦୀବନ୍ଧ ସୁରକ୍ଷା ଦାୟିତ୍ୱରେ ରହିଥିବା ମୁଖ୍ୟଯନ୍ତ୍ରୀ ଓ ମୁଖ୍ୟ ନିର୍ମାଣ ଯନ୍ତ୍ରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିଭାଗୀୟ ବନ୍ଧ ନିରାପତା ମୁଖ୍ୟ ଯନ୍ତ୍ରୀ ଇଂ. ଗୌଡ ବନ୍ଧ ସୁରକ୍ଷା ସର୍ବେକ୍ଷଣ ସ୍ଥିତି ସଂପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ପୂର୍ବରୁ ଚଳିତ ମେ ମାସ ୧୫ ତାରିଖ ସୁଦ୍ଧା ବିଭିନ୍ନ ଡ୍ୟାମ୍‌ଗୁଡିକର ସ୍ଥିତି, ଆବଶ୍ୟକୀୟ ମରାମତି ଓ ରହିଥିବା ଜଳ ନିଷ୍କାସନ ବା ଜଳ ପରିଚାଳନା ଗେଟ୍ ଗୁଡିକର କାର୍ଯ୍ୟକ୍ଷମ ନେଇ ମକ୍ ଡ୍ରିଲ୍ କରାଯିବା ସଂପର୍କରେ ନିର୍ଦ୍ଦେଶ ଦିଆଯାଇଥିଲା । ଆଗାମୀ ଜୁନ୍ ମାସ ୧୫ ତାରିଖ ସୁଦ୍ଧା ମୌସୁମୀ ବର୍ଷା ସମ୍ଭାବନା ପରିପ୍ରେକ୍ଷୀରେ ବନ୍ଧ ସୁରକ୍ଷା ସଂପର୍କିତ କାର୍ଯ୍ୟ ଅଗ୍ରଗତି ନେଇ ପ୍ରମୁଖ ଶାସନ ସଚିବ ଅବଗତ ହେବା ସହିତ ଜୁନ୍ ୧୫ ପୂର୍ବରୁ ବାକି ରହିଥିବା ସମସ୍ତ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାରୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଯୋଗ୍ୟ ଯେ, ରାଜ୍ୟ ବନ୍ଧ ସୁରକ୍ଷା ସଂସ୍ଥା (ଷ୍ଟେଟ୍ ଡ୍ୟାମ୍ ସେଫ୍ଟି ଅରଗାନାଇଜେସନ) ରାଜ୍ୟରେ ଅଧିକ ଜଳଧାରଣ କ୍ଷମତା ରଖୁଥିବା ଚିହ୍ନଟକୃତ ୨୦୪ଟି ବୃହତ୍, ମଧ୍ୟମ ଓ କ୍ଷୁଦ୍ର ନଦୀ ବନ୍ଧଗୁଡିକର ସୁରକ୍ଷା ସଂପର୍କିତ କାର୍ଯ୍ୟ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେଉଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଗର୍ଗ ବିଶ୍ୱ ବ୍ୟାଙ୍କ ସହାୟତାରେ କାର୍ଯ୍ୟ ହାତକୁ ନିଆଯାଇଥିବା ବନ୍ଧ ପୁନରୁଦ୍ଧାର ତଥା ଉନ୍ନତିକରଣ ପ୍ରକଳ୍ପ (ଡ୍ରିପ୍-୧ ଏବଂ ଡ୍ରିପ୍-୨) ପ୍ରକଳ୍ପର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ଡ୍ରିପ୍ -୧ ପ୍ରକଳ୍ପ ଅଧିନରେ ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ୨୬ଟି ଡ୍ୟାମ୍‌ର ଉନ୍ନତିକରଣ କରାଯାଇଥିବା ବେଳେ ଡ୍ରିପ୍-୨ ଅଧିନରେ ଅପ୍ରେଲ ୧ ତାରିଖରୁ ଆଉ ୨୬ଟି ଡ୍ୟାମ୍‌ର ଉନ୍ନତିକରଣ କାର୍ଯ୍ୟ କରାଯାଉଥିବା ବୈଠକରୁ ଜଣାଯାଇଛି ।

## କ୍ୱାରେଣ୍ଟାଇନ୍‌ରେ ଥିବା ଲୋକଙ୍କୁ କଂଗ୍ରେସ ବାଣ୍ଟିବ ଭିଟାମିନ ବଟିକା

ଭୁବନେଶ୍ୱର ,୧୪/୫ (ନି.ପ୍ର): କଟକ-ଭୁବନେଶ୍ୱର ମହାନଗରରେ କ୍ୱାରେଣ୍ଟାଇନ୍‌ରେ ଥିବା ଲୋକମାନଙ୍କୁ ମେ' ୧୪ରୁ ୨୦ ପର୍ଯ୍ୟନ୍ତ ଭିଟାମିନ ଟାବଲେଟ ବାଣ୍ଟିବ କଂଗ୍ରେସ। ମେ' ୨୧ରୁ ଖାଦ୍ୟ, ଆମ୍ବୁଲାନ୍ସ ଓ ଅକ୍ସିଜେନ ସେବା ଯୋଗାଇବ। ଏଥିପାଇଁ ୨ଟି ନମ୍ବର-୧୮୦୦୨୫୭୨୬୫୬ ଓ ୯୯୩୭୬୯୬୯୬୯ ଜାରି କଲା କଂଗ୍ରେସ। ରାଜ୍ୟରେ ମହାମାରୀ କରୋନା ଭୟଙ୍କର ରୂପ ଧାରଣ କରିସାରିଲାଣି। ପ୍ରତି ଦିନ ୧୦ ହଜାରରୁ ଅଧିକ ଲୋକ କରୋନାରେ ଆକ୍ରାନ୍ତ ହେଉଛନ୍ତି। ଆଜି କରୋନା ୨୨ ଜଣ ଲୋକଙ୍କ ଜୀବନ ନେଇଥିବା ବେଳେ ୧୨ ହଜାରରୁ ଅଧିକ ଲୋକଙ୍କୁ ନିଜ ଜାଲରେ ଫସାଇସାରିଛି। ତେବେ ଗ୍ରାମାଞ୍ଚଳର ଅବସ୍ଥା ଅତି ଦୟନୀୟ ହୋଇପଡ଼ିଛି। ଗ୍ରାମାଞ୍ଚଳରେ ଲୋକମାନେ ଥଣ୍ଡା, ଜ୍ୱର ଓ କାଶ ପରି ରୋଗରେ ପୀଡ଼ିତ ହୋଇଛନ୍ତି। ସେମାନେ ମେଡିକାଲ୍ ଯିବା ପରିବର୍ତ୍ତେ ଘରୋଇ ଚିକିତ୍ସା ପଦ୍ଧତିକୁ ଆପଣାଇ ମୃତ୍ୟୁ ମୁଖରେ ପଡୁଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ଲୋକଙ୍କ ଭିତରେ ଭୟର ବାତାବରଣ ଖେଳି ଯାଇଛି। ତେବେ ରାଜଧାନୀ ଭୁବନେଶ୍ୱର ଓ ସିଲ୍‌ଭର ସିଟି କଟକର ଅବସ୍ଥା ସଙ୍ଗୀନ ହୋଇଛି। ଏହି ଦୁଇ ସହରରୁ ପ୍ରତିଦିନ ଶହଶହ କରୋନା ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। କରୋନା ଆୟତ୍ତ କରିବା ପାଇଁ କଟକ ମହାନଗର ନଗମ ଓ ଭୁବନେଶ୍ୱର ମହାନଗର ନିଗମ ଯେଉଁ ପନ୍ଥା ଅପଣାଇଥିଲେ ମଧ୍ୟ ବ୍ୟାପି ଚାଲିଛି। ବିଶେଷକରି ଅମାନୀୟଙ୍କୁ ନେଇ କମିଶନରେଟ୍ ପୁଲିସ ଚିନ୍ତାରେ ପଡ଼ି ଯାଇଛି। ଜରିମାନା ଓ ଗିରଫକୁ ଅମାନୀଆ ଖାତିର କରୁନଥିବା ଅଭିଯୋଗ ହେଉଛି।

## ଯୋଗ ମାଧ୍ୟମରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ କର୍ମଶାଳା

ଭୁବନେଶ୍ୱର,୧୪/୫ (ନି.ପ୍ର): ଗୁରୁକେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ "ଆର୍ଟ ଅଫ୍ ଲିଭିଙ୍ଗ" ର ମିଳିତ ସହଯୋଗରେ ଏହି ମହାମାରୀ ସମୟରେ କଳାକାରମାନଙ୍କ ପାଇଁ ଏକ ତିନି ଦିନିଆ ଯୋଗ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ବ୍ରିଦିଂ ଏକ୍ସରସାଇଜ୍‌ର ଅନଲାଇନ୍ କର୍ମଶାଳାର ଶୁଭାରମ୍ଭ ହୋଇଛି। ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସକାଳ ୭ ଟାରୁ ୭.୩୦ ମିନିଟ୍ ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ଏହି କାର୍ଯ୍ୟକ୍ରମ ଜାରି ରହିବ । କର୍ମଶାଳାର ପ୍ରଥମ ଦିନରେ ପ୍ରାୟ ୩୦ ରୁ ଉର୍ଦ୍ଧ୍ୱ କଳାକାର ଏହି କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ । ଏହି ଅନୁଷ୍ଠାନରେ ଯୋଗ ଶିକ୍ଷାଦାନ କରୁଥିବା ସନ୍ତୋଷ ଏବଂ ରଶ୍ମି ଙ୍କୁ ମୁଖ୍ୟନିର୍ବାହୀ ଡଃ ସଂଗୀତା ଗୋସାଇଁ ଧନ୍ୟବାଦ ଜଣାଇବା ସହିତ ନିଜେ ଏବଂ ଅନ୍ୟମାନେ ଯେଉଁ ଶିକ୍ଷାଲାଭ କଲେ ତାକୁ ଅନ୍ୟମାନଙ୍କୁ ମଧ୍ୟ ଶିକ୍ଷାଦାନ ଦେଇ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ ।

## ଭୁବନେଶ୍ୱର ବିମାନବନ୍ଦରରୁ୧୫୬ ଖାଲି ଅକ୍ସିଜେନ ଟ୍ୟାଙ୍କର, ୫୨୬ ଅକ୍ସିଜେନ କନସେଟ୍ରେଟର ଓ ୧୪୦ ଅକ୍ସିଜେନ ସିଲିଣ୍ଡର ପରିବହନ



ଭୁବନେଶ୍ୱର,୧୪/୫ (ନି.ପ୍ର): କୋଭିଡ-୧୯ ବିରୋଧରେ ଦେଶର ଲଢ଼େଇକୁ ସୁଦୃଢ଼ କରିବା ଲାଗି ଦୈନିକ ଦେଶର ବିଭିନ୍ନ ବିମାନ ବନ୍ଦର ଜରିଆରେ ଜରୁରି ଚିକିତ୍ସା ସାମଗ୍ରୀ ଓ ସରଞ୍ଜାମ ପରିବହନ କରାଯାଉଛି। ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ (ଏଏଆଇ)ର ଭୁବନେଶ୍ୱର ବିମାନ ବନ୍ଦର ଏବଂ ଏହାର ଅଂଶୀଦାରମାନେ ଚିକିତ୍ସା ସାମଗ୍ରୀ ଓ ସରଞ୍ଜାମର ୨୪ ଘଂଟିଆ ବାଧାମୁକ୍ତ ପରିବହନ ସୁବିଧା ଯୋଗାଇ ଦେବା କ୍ଷେତ୍ରରେ ଏକ ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି। ଭୁବନେଶ୍ୱର ବିମାନବନ୍ଦର ଦେଇ ୯ ମେ ୨୦୨୧ ସୁଦ୍ଧା ବିଭିନ୍ନ ଏୟାରଲାଇନ୍ସ ଜରିଆରେ ମୋଟ ୬୬୯ ବାକ୍ସ (୨୦.୫୩ ଏମଟି) କୋଭିଡ ଟିକା ପରିବହନ କରାଯାଇସାରିଲାଣି। ଦେଶରେ ଦେଖାଦେଇଥିବା ଅକ୍ସିଜେନ ସଙ୍କଟକୁ ଦୂର କରିବା ଲାଗି, ୨୩ ଏପ୍ରିଲ ୨୦୨୧ ଠାରୁ ୧୧ ମେ ୨୦୨୧ ସୁଦ୍ଧା ଭାରତୀୟ ବାୟୁସେନାର ସି ୧୭, ସି୧୩୦ ଜେ, ସି ୧୩୦ ଜେ, ଏଏନ ୩୨ ଆଦି ୭୫ଟି ବିମାନ ଜରିଆରେ ମୋଟ ୧୫୬ ଖାଲି ଅକ୍ସିଜେନ ଟ୍ୟାଙ୍କର, ୫୨୬ ଅକ୍ସିଜେନ କନସେଂଟ୍ରଟର, ୧୪୦ ଅକ୍ସିଜେନ ସିଲିଣ୍ଡର ପରିବହନ କରାଯାଇ ସାରିଲାଣି। ୩୫୦୦ଟି ୧୦ଲିଟର ସିମଲେସ ସିଲିଣ୍ଡର ଏବଂ ୧୫୨୦ ଟି ୪୬.୭ ଲିଟର ସିମଲେସ ସିଲିଣ୍ଡର ପରିବହନ ଖୁବଶୀଘ୍ର କରାଯିବ ଏବଂ ଏହା ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ବିଦେଶରୁ ଆସିବାର ଯୋଜନା ରହିଛି। ଏହାଛଡ଼ା, ଯାତ୍ରୀମାନଙ୍କର ନିରାପଦ ଯାତ୍ରା ସୁନିଶ୍ଚିତ କରିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୁବନେଶ୍ୱର ବିମାନ ବନ୍ଦର ପକ୍ଷରୁ ସମସ୍ତ କୋଭିଡ-୧୯ ମାର୍ଗଦର୍ଶିକା ପାଳନ କରାଯାଉଛି । ସମସ୍ତ ଯାତ୍ରୀ, ଅଂଶୀଦାର, ଆଗନ୍ତୁକ, କର୍ମଚାରୀ ଆଦିଙ୍କୁ ବିମାନ ବନ୍ଦରର କର୍ମଚାରୀମାନେ ନିରନ୍ତର ଭାବେ କୋଭିଡ ଉପଯୁକ୍ତ ଅଭ୍ୟାସ ମାନିବା ଏବଂ ଭିଡ଼ ଏଡ଼ାଇବା ଲାଗି ସମୟ ବ୍ୟବଧାନ ବଜାୟ ରଖିବା ନିମନ୍ତେ ଅନୁରୋଧ କରୁଛନ୍ତି । କୋଭିଡ ଉପଯୁକ୍ତ ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ଯାତ୍ରୀଙ୍କ ନିରାପତା ସୁନିଶ୍ଚିତ କରିବା ଲାଗି ଟର୍ମିନାଲର ବିଭିନ୍ନ ଇଲେକ୍ଟ୍ରୋନିକ ଓ ସ୍ଥାୟୀ ଡିସପ୍ଲେ ମାଧ୍ୟମରେ ମାର୍ଗଦର୍ଶିକା ପ୍ରଦର୍ଶିତ କରାଯାଉଛି । ସମସ୍ତ ବିମାନ ବନ୍ଦରଗୁଡ଼ିକ ପକ୍ଷରୁ ଚେଷ୍ଟା ଜାରି ରହିଛି ଏବଂ ସେମାନେ ନିଜର ସାମର୍ଥ୍ୟ ଅନୁଯାୟୀ ଏହି ଲଢ଼େଇରେ ଯୋଗ ଦେଉଛନ୍ତି। ଭୁବନେଶ୍ୱର ବିମାନ ବନ୍ଦର ପକ୍ଷରୁ ସମସ୍ତ ସୁରକ୍ଷା ପଦକ୍ଷେପ ସୁନିଶ୍ଚିତ କରାଯାଇ, ଓଡ଼ିଶା ସରକାରଙ୍କ ସହାୟତାରେ ଏବଂ ସହଭାଗିତାରେ ଏଏଆଇର କର୍ମଚାରୀ ଓ ଅନ୍ୟ ଅଂଶୀଦାରମାନଙ୍କ ପାଇଁ କୋଭିଡ ଟିକାକରଣ କ୍ୟାମ୍ପ ଆୟୋଜନ କରାଯାଇଛି।

## ଜି. ମାଥିଭାଥନନ ହେଲେ ବିଏମସି ପ୍ରଶାସକ

ଭୁବନେଶ୍ୱର,୧୪/୫ (ନି.ପ୍ର): ୧୯୯୪ ବ୍ୟାଚ୍ ର ଆଇଏଏସ୍ ଅଧିକାରୀ ଜି. ମାଥିଭାଥନନଙ୍କୁ ବିଏମସି ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସଂଗ୍ରାମଜିତ ନାୟକଙ୍କ ସ୍ଥାନରେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ବର୍ତମାନ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସହ ସଂସଦୀୟ ବ୍ୟାପାର ବିଭାଗ ର ପ୍ରମୁଖ ଶାସନ ସଚିବ ଏବଂ କଟକ ଉନ୍ନୟନ କର୍ତୃପକ୍ଷ (ସିଡିଏ)ର ଚେୟାରମ୍ୟାନ ଭାବେ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଏହିସବୁ ଦାୟିତ୍ୱ ସହ ସେ ବିଏମସି ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଉଲ୍ଲେଖ୍ୟଯୋଗ୍ୟ ଯେ ଗତକାଲି ଆଇଏଏସ୍ ଅଧିକାରୀ ସଂଜୟ କୁମାର ସିଂହଙ୍କୁ ବିଏମସି କମିଶନର ଭାବେ ନିଯୁକ୍ତି ଦିଆଯାଇଥିଲା।

## ଜୁନ୍ ୧୫ ପୂର୍ବରୁ ସମସ୍ତ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କର: ଜଳସମ୍ପଦ ସଚିବ



ଭୁବନେଶ୍ୱର ,୧୪/୫ (ନି.ପ୍ର): ଆଗାମୀ ମୌସୁମୀ ଋତୁ ପୂର୍ବରୁ ରାଜ୍ୟରେ ଥିବା ବିଭିନ୍ନ ନଦୀବନ୍ଧଗୁଡ଼ିକର ସୁରକ୍ଷା ଓ ତଦାରଖ ନେଇ ସମୀକ୍ଷା କରାଯାଇଛି। ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ଚଳିତମାସ ୧୫ ତାରିଖ ସୁଦ୍ଧା ବିଭିନ୍ନ ଡ୍ୟାମ୍‌ଗୁଡ଼ିକର ସ୍ଥିତି, ଆବଶ୍ୟକୀୟ ମରାମତି, ଜଳ ନିଷ୍କାସନ ଓ ଜଳ ପରିଚାଳନା ଗେଟ୍‌ଗୁଡ଼ିକରେ ମକ୍ ଡ୍ରିଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଯେହେତୁ ଚଳିତ ବର୍ଷ ଜୁନ ମାସ ୧୫ ତାରିଖ ସୁଦ୍ଧା ରାଜ୍ୟକୁ ମୌସୁମୀ ଆସିବ। ସେଥିପାଇଁ ଜୁନ ୧୫ ତାରିଖ ପୂର୍ବରୁ ନଦୀବନ୍ଧ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି। ଭର୍ଚୁଆଲ ମୋଡରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ, ବନ୍ଧ ନିରାପତ୍ତା ମୁଖ୍ୟ ଯନ୍ତ୍ରୀ ଲିଙ୍ଗରାଜ ଗୌଡ଼ ଓ ନଦୀବନ୍ଧ ସୁରକ୍ଷା ଦାୟିତ୍ୱରେ ଥିବା ମୁଖ୍ୟଯନ୍ତ୍ରୀମାନେ ଆଲୋଚନାରେ ସାମିଲ ହୋଇଥିଲେ।

## ଟିକାକରଣ ୫୦ ହଜାର ତଳେ

ଭୁବନେଶ୍ୱର,୧୪/୫ (ନି.ପ୍ର): ରାଜ୍ୟରେ ଦୈନିକ ଟିକାକରଣ ୫୦ ହଜାର ତଳକୁ ଖସିଛି। ଗୁରୁବାର ମୋଟ୍ ୪୮,୨୫୭ ଜଣ ଟିକା ନେଇଛନ୍ତି। ତାହା ମଧ୍ୟରୁ ୧୮-୪୪ ବର୍ଗର ୨୧,୩୬୮ ଜଣଙ୍କୁ ଟିକା ଦିଆଯାଇଛି। ଏହା ସହ ୪୫ ବର୍ଷରୁ ଅଧିକ ୪,୭୧୫ ଜଣ ପ୍ରଥମ ଡୋଜ୍ ଓ ୧୯,୯୧୨ ଜଣ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ୍ ଟିକାକରଣ ସଂଖ୍ୟା ୬୪,୮୯,୨୪୦ରେ ପହଞ୍ଚିଛି। ଆସନ୍ତାକାଲି ୩୧୫ଟି ସେସନ୍‌ରେ ଟିକାକରଣ କରାଯିବ।

## ଶିକ୍ଷକମାନଙ୍କୁ ଟିକା ଦେବାରେ ଅଗ୍ରାଧିକାର ଓ କୋଭିଡ଼ ଯୋଦ୍ଧା ଘୋଷଣା କରିବାକୁ ଦାବି

ଭୁବନେଶ୍ୱର,୧୪/୫ (ନି.ପ୍ର): ବିଶ୍ୱ ମହାମାରୀ କରୋନା ସମସ୍ତଙ୍କୁ କବଳିତ କରିଥିବା ବେଳେ କରୋନାକୁ ହରାଇବା ପାଇଁ ଡ଼ାକ୍ତର, ଶିକ୍ଷକ, ନର୍ସ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ି କର୍ମୀ, ପୋଲିସ୍, ସାମ୍ବାଦିକ ଏହି ଯୁଦ୍ଧରେ ସାମିଲ୍ ଅଛନ୍ତି। ଏହି ସମସ୍ତ କର୍ମଚ୍ଚାରୀମାନଙ୍କୁ ସରକାର କରୋନା ଯୋଦ୍ଧା ଘୋଷଣା କରିଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ କରୋନା ଯୋଦ୍ଧା ଘୋଷଣା ନ କରି ସାବତ ପୁଅ ଭଳି ନିବୃତ୍ତ ରଖିଛନ୍ତି। ପ୍ରାଥମିକ ଠାରୁ ମାଧ୍ୟମିକ ପର୍ଯ୍ୟନ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଏଥିରେ ସାମିଲ ଅଛନ୍ତି। ଶିକ୍ଷକ ଶିକ୍ଷୟିତ୍ରୀମାନେ ରେଳ ଷ୍ଟେସନରେ ପ୍ରବାସୀମାନଙ୍କ ପଞ୍ଜିକରଣ ଓ ସ୍କ୍ରିନିଙ୍ଗ, ରାଜ୍ୟର ସୀମା ଜଗିବା, କୋଭିଡ଼ କେୟାର ସେଣ୍ଟର ଓ ପ୍ରତ୍ୟେକ ଗାଁରେ ଥିବା କ୍ୱାରେଣ୍ଟାଇନ ସେଣ୍ଟର ଜଗିବା, ଗାଁ ଗହଳିରେ କରୋନା ସଚେତନତା ସୃଷ୍ଟି କରିବା, କରୋନା ରୋଗୀଙ୍କୁ ଔଷଧ ବଣ୍ଟନ, ଖାଉଟି ସାମଗ୍ରୀ ବଣ୍ଟନ କରିବା ଓ ଶବଦାହ କାର୍ଯ୍ୟରେ କରୋନା ଆରମ୍ଭ ଦିନଠାରୁ ନିୟୋଜିତ ଅଛନ୍ତି। ଏଥିସହିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପୋଷାକ, ମଧ୍ୟାହ୍ନ ଭୋଜନ ସାମଗ୍ରୀ ବଣ୍ଟନ, ଔଷଧ, ବହି, ନାପକିନ ଓ ଟଙ୍କା ବଣ୍ଟନ ଆଦି କାର୍ଯ୍ୟ ସଠିକ୍ ଭାବରେ କରୁଛନ୍ତି। ଏହିସବୁ କାର୍ଯ୍ୟ କରିବା ଦ୍ୱାରା ସେମାନଙ୍କୁ ସଂକ୍ରମଣ ହେଉଛି ଓ ଦୈନିକ ୧୦ରୁ ଉର୍ଦ୍ଧ୍ୱ ଶିକ୍ଷକଙ୍କ ମୃତ୍ୟୁ ଘଟୁଛି। ସଂକ୍ରମଣ ହେଉଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ ମାସ୍କ, ସାନିଟାଇଜର, ପିପିଇ କିଟ୍, ହ୍ୟାଣ୍ଡ ଗ୍ଲୋବ୍ସ ଆଦି ସରକାର ଯୋଗାଇ ଦେଉନାହାଁନ୍ତି କିମ୍ବା ଟୀକାକରଣ କ୍ଷେତ୍ରରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅଗ୍ରାଧିକାର ଦିଆଯାଉ ନାହିଁ। ଡ଼ାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ପୋଲିସ୍, ସାମ୍ବାଦିକ, ଆମ୍ବୁଲାନ୍ସ କର୍ମଚ୍ଚାରୀ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ଜଙ୍ଗଲ ବିଭାଗ କର୍ମଚ୍ଚାରୀ, ଫରେଷ୍ଟ ଗାର୍ଡ୍, ବୀମା କର୍ମଚ୍ଚାରୀ. ଏନ୍.ସି.ପି.ଆଇ ଅପରେଟର, ଭେଣ୍ଡର, ଟଙ୍କା ଦେଣନେଣ କରୁଥିବା ସଂସ୍ଥାର କର୍ମଚ୍ଚାରୀ, ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରୁଥିବା କର୍ମଚ୍ଚାରୀ, ଗ୍ରାହକସେବା ଅଧିକାରୀ, ଚ୍ଚାଇଲଡ଼ ଲାଇନ କର୍ମଚ୍ଚାରୀ, ଶିଶୁଯତ୍ନ ପ୍ରତିଷ୍ଠାନ କର୍ମଚ୍ଚାରୀମାନଙ୍କୁ ଆଗଧାଡ଼ିର କରୋନା ଯୋଦ୍ଧା ଘୋଷଣା କରାଯାଇଛି। କିନ୍ତୁ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିବାରେ ରାଜ୍ୟ ସରକାର କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବାରୁ ଶିକ୍ଷକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ମାନ୍ୟବର ବିଧାୟକମାନେ ଶିକ୍ଷକମାନଙ୍କୁ ଯୋଦ୍ଧା ଘୋଷଣା କରିବା ପାଇଁ ଦାବି କରିଛନ୍ତି। ଶିକ୍ଷକମାନେ ସମାଜ ଗଠନର ମୁଖ୍ୟ ସ୍ରୋତ ହୋଇଥିବାରୁ ସେମାନଙ୍କୁ ତୁରନ୍ତ କରୋନା ଯୋଦ୍ଧା ଘୋଷଣା କରିବା ସହିତ କରୋନା ଟୀକା ଦେବା ପାଇଁ ଅଗ୍ରାଧିକାର ଦିଆଯାଉ ବୋଲି ନୂତନ ପେନସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା, ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ, କୋଷାଧ୍ୟକ୍ଷ ଗୋପାଳ କିଶୋର ସେନ୍, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, କେଶବ ଚନ୍ଦ୍ର କର, ଯୁଗ୍ମ ସମ୍ପାଦକ ପ୍ରବୀଣ କୁମାର ଦାସ, ଟୁଲୁ ଦେଇ, ସବୀର ଅଲ୍ଲୀ ଖାଁ, ଦିଲ୍ଲିପ ମିଶ୍ର, ନରେଶ ପାତ୍ର, ସୁଧାଂଶୁ ମଣ୍ଡଳ, ସୁଦାମ ଦଳବରା, ଜିତେନ୍ଦ୍ର ନାୟକ, ଉପଦେଷ୍ଟା ମଣ୍ଡଳୀ ସଭ୍ୟ ସୁରେନ୍ଦ୍ର କୁମାର ରାଉତ, ଗଜେନ୍ଦ୍ର ମାଝି ପ୍ରମୁଖ ଦୃଢ ଦାବି କରିଛନ୍ତି।

## କୋଭିଡ଼ ମୁକାବିଲା ପାଇଁ ବଲାଙ୍ଗୀରକୁ ଦୁଇ କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪/୫ (ନି.ପ୍ର): କୋଭିଡ଼ ଦ୍ୱିତୀୟ ଲହରୀ ର ମୁକାବିଲା ପାଇଁ ବଲାଙ୍ଗୀର ଜିଲ୍ଲା କୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ,ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠିରୁ ଦୁଇ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ସୂଚନାଯୋଗ୍ୟ ଯେ କୋଭିଡ଼ର ପ୍ରଥମ ଲହର ରେ ଗତ ବର୍ଷ ବିଭିନ୍ନ ପର୍ଯାୟରେ ବଲାଙ୍ଗୀର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ବାର କୋଟି ଟଙ୍କା ମଞ୍ଜୁର କରିଥିଲେ ।

## ଔଷଧ ବ୍ୟବସାୟୀମାନଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରାଯାଉ



ଭୁବନେଶ୍ୱର,୧୪/୫ (ନି.ପ୍ର): କରୋନା ମହାମାରୀ ସମୟରେ ଔଷଧ ବ୍ୟବସାୟୀମାନେ ଦିବାରାତ୍ର ସାଧାରଣ ଲୋକଙ୍କ ସେବାରେ ନିୟୋଜିତ ଅଛନ୍ତି। ସରକାର ମଧ୍ୟ ଔଷଧ ବ୍ୟବସାୟକୁ ଅତ୍ୟାବଶ୍ୟକୀୟ ଏବଂ ଅତି ଜରୁରୀକାଳୀନ ସେବାରେ ଅନ୍ତର୍ଭୁକ୍ତ କରିଛନ୍ତି। ତେଣୁ ଔଷଧ ବ୍ୟବସାୟୀଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବାକୁ ଦାବି କରିଛି ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ। ଆସୋସିଏସନ୍ ର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର କହିଛନ୍ତି ଯେ ଗତ ୨୬.୯.୨୦୨୦ରିଖରେ ସଂଘ ପକ୍ଷରୁ ଔଷଧ ବ୍ୟବସାୟ, ଖୁଚୁରା ଓ ପାଇକରୀ ସିଧା ସଳଖ ଜନସାଧାରଣଙ୍କ ସମ୍ମୁଖକୁ ଆସୁଥିବାରୁ ସେମାନଙ୍କୁ କୋଭିଡ଼ ଯୋଦ୍ଧା ଭାବରେ ଗ୍ରହଣ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏକ ଅନୁରୋଧ ପତ୍ର ଦେଇଥିଲୁ। ଏହାସହ ସମସ୍ତ ବ୍ୟବସାୟୀ ଏବଂ ତାଙ୍କ ପରିବାର ଓ କର୍ମଚାରୀଙ୍କୁ ଟୀକାକରଣରେ ଅଗ୍ରାଧିକାର ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଜଣାଇଥିଲୁ। କିନ୍ତୁ ଦାବି ପୂରଣ ହେଲା ନାହିଁ। ଆବଶ୍ୟକ ହେଲେ ସଂଘ ରାଜରାସ୍ତାକୁ ଓହ୍ଲାଇବା ସହିତ ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖିବାକୁ ମଧ୍ୟ ପଛାଇବ ନାହିଁ। ଏହି ସମସ୍ତ ଅପ୍ରୀତିକର ପରିସ୍ଥିତି ଏବଂ ଭୟବହତା ପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସେ ଚେତାବନୀ ଦେଇଛନ୍ତି।

## ବୈଶାଖ ଶୁକ୍ଳ...

ଶ୍ରୀ ଜୀଉ ମାନେ ନରେନ୍ଦ୍ରକୁ ବିଜେ କରିବା ବାଟରେ ନଅର ଦ୍ୱାରରେ ଅଟକି ରଥଯାତ୍ରା ପାଇଁ ରଥଗଡା କାର୍ଯ୍ୟକୁ ଅନୁମତି ପ୍ରଦାନ କରନ୍ତି । ତାପରେ ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଯାତ୍ରା କରନ୍ତି । ନରେନ୍ଦ୍ରରେ ରହିଥାଏ ଦୁଇଗୋଟି ସୁସଜ୍ଜିତ ନୌକା । ସେଠାରେ ୨୧ ଦିନ ବ୍ୟାପି ହୁଏ ଚାପ ଖେଳ । ଯାତ୍ରାର ଅନ୍ତିମ ଦିବସରେ ହୁଏ ଭଉଁରୀ ଯାତ୍ରା । ହଳଦୀ ପାଣି ଉତ୍ସବ । ପ୍ରବଳ ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ପ୍ରସ୍ତୁତ ହୋଇଥାଏ ଘୋରା ଚନ୍ଦନ , ଛତି , ଛାୟା ତୋରଣ,ସୁବାସିତ ପୁଷ୍କର ଜଳକୁଣ୍ଡ , ମାଣ୍ଡୁଅ ଭୋଗ । ବାହାର ଚନ୍ଦନର ୨୧ ଦିନ ପରେ ଅନୁଷ୍ଠିତ ହୁଏ ଭିତର ଚନ୍ଦନ ଯାତ୍ରାର ଅନ୍ୟ ୨୧ ଦିନ ଏହି ସମୟରେ ଭିତର ଚନ୍ଦନରେ ଶ୍ରୀଜୀଉ ମାନଙ୍କ ସମସ୍ତ ରୀତି ନୀତି ଶ୍ରୀ ମନ୍ଦିର ବେଢାରେ ସମାପନ କରାଯାଏ । ଭାରତୀୟ ସଂସ୍କୃତିରେ ଏହି ଚନ୍ଦନ ଯାତ୍ରା ବା ଚନ୍ଦନ ପର୍ବ ବହୁ ପ୍ରାଚୀନ । ଦେବଙ୍କର ଏହି ଚନ୍ଦନ ସରୋବରକୁ ଯାତ୍ରା, ଚନ୍ଦନ ଲାଗି, ଚନ୍ଦନ କୁଣ୍ଡ ସ୍ନାନ, ଜଳ ମଣ୍ଡପ ପୂଜା, ଚାପଖେଳ, ଚାପକେଳି ଦର୍ଶନ କଲେ ପୁଣ୍ୟ ଅର୍ଜନ ହୁଏ ବୋଲି ପ୍ରବାଦ ଅଛି ।

ସୁତରାଂ ରାଷ୍ଟ୍ର ଜୀବନକୁ ସୁସଂହତ ଓ ସୁସମୃଦ୍ଧ କରିବାରେ ଅକ୍ଷୟ ତୃତୀୟା ଭଳି ଉତ୍ସବର ଅବଦାନ ରହିଛି । କୃଷକ ତଥା ସମସ୍ତ ସମାଜ ପାଇଁ ଅକ୍ଷୟ ତୃତୀୟା ପର୍ବ ମହାନତାର ବାର୍ତ୍ତା ବହନ କରେ । କୃଷକ ମାଟିକୁ ମା' ମନେକରି ମା' ର ପୂଜନ କରି ଜଗତ ହିତ ପାଇଁ ମୁଣ୍ଡ ଝାଳ ତୁଣ୍ଡରେ ମାରି ଅନ୍ନ ସୃଷ୍ଟି କରେ । ଶୁଷ୍କ ନିରସ ଜୀବନରେ ଅକ୍ଷୟ ତୃତୀୟା ଭରିଦିଏ କର୍ମ ତତ୍ପରତା । ଏହିଦିନରୁ ସେ ଲାଗିପଡେ ଚାଷ ବାସରେ । ଶ୍ରୀ କ୍ଷେତ୍ର ମୁଖରିତ ହୋଇଉଠେ କାଳିଆର ବାରମାସର ଯାତ୍ରା ପାଳିବା ପାଇଁ ଏହି ଅକ୍ଷୟ ତୃତୀୟାର ଅନୁକୂଳ ତିଥିରୁ ।

+ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

## ଉତ୍କଳୀୟ ପରଂପରାରେ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ସବୁ ସତ୍ତ୍ୱେ ଏବେ ନୈତିକତା ଏବଂ ଅଧ୍ୟାତ୍ମିକତା କ୍ଷେତ୍ରରେ ଅଧୋପତନ ଘଟିଅଛି । ଧର୍ମମଧରେ କୃତ୍ରିମତା ପ୍ରବେଶ କରି ଆମକୁ ଦୂଷିତ କରାଉଛି ।

ଆଧ୍ୟାତ୍ମିକ ଦୃଷ୍ଟିରୁ ଏହା ସଂପ୍ରତି ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, କୃଷି ଦୃଷ୍ଟିରୁ ଏହି ତିଥି ପାଳନର ବିଶେଷ ମହତ୍ୱ ଅଛି । ଏବେ ଆମର କୃଷି ଅବହେଳିତ । ଚାଷ ଜମି ସଂକୁଚିତ । ତାହା ପୁଣି ପ୍ରଦୂଷିତ । ଜମିର ଉପଯୁକ୍ତ ଯତ୍ନ ଅଭାବରୁ ଏହାର ଉତ୍ପାଦିକା ଶକ୍ତି ଦିନକୁ ଦିନ କମିବାରେ ଲାଗିଛି । ରାସାୟନିକ ସାର ଏହାର ଉର୍ବରତାକୁ ହ୍ରାସ କଲାଣି । କୀଟନାଶକ ବିଷ ପ୍ରୟୋଗ ହେତୁ ଖାଦ୍ୟ ପ୍ରଦୂଷିତ ହେଲାଣି । ଏଣିକି ଉଜୁଡ଼ା କୃଷି ; କୃଷକ ହତାଶ ଏବଂ ଅଭାବ ଗ୍ରସ୍ତ ହେତୁ କରେ ଆତ୍ମହତ୍ୟା ।

ଏଣୁ ଏ ଦିବସ ପାଳନରେ ଆଉ ଆନ୍ତରିକତା ନାହିଁ, ଯଥାର୍ଥତା ବାକ'ଣ ?

କଥାରେ ଅଛି :
ଚାଷ ଅଛି ଯାହାର
କିଂପା ଚିନ୍ତା ତାହାର ।'

ଏବେ ଏହା ଏକ ସ୍ଲୋଗାନ ପାଲଟିଛି । ମନେ ରଖିବା କଥା ଯେ କୃଷି ଆମର ସମ୍ବଳ ଏବଂ କୃଷକ ଆମ ଦେଶର ମେରୁଦଣ୍ଡ । ଆସନ୍ତୁ କୃଷି ଓ କୃଷକର ଉନ୍ନତି ନିମନ୍ତେ କିଛି ଚିନ୍ତା କରିବା ।

+ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର, ଜଟଣୀ
ଦୂରଭାଷ : ୯୯୩୮୩୪୪୧୩୮

## ବଜ୍ରକପ୍ତାର ସ୍ୱାବ୍ ଟେଷ୍ଟ ରିପୋର୍ଟ ନେଗେଟିଭ



ବାରିପଦା,୧୪/୦୫ (ନି.ପ୍ର): ପୋଲିସ ଦ୍ୱାରା ବାଙ୍ଗିରିପୋଷୀ ଆଂଚଳରୁ ଉଦ୍ଧାର ହୋଇଥିବା ବଜ୍ରକପ୍ତାର କରୋନା ଟେଷ୍ଟ ରିପୋର୍ଟ ନେଗେଟିଭ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ ପ୍ରକାଶ କରିଛନ୍ତି । ଦୁଇ-ତିନି ଦିନ ପରେ ଉଦ୍ଧାର ବଜ୍ରକପ୍ତାକୁ ଜଙ୍ଗଲ ମଧ୍ୟରେ ଛାଡିଦିଆଯିବ ବୋଲି ଶ୍ରୀ ଯୋଶୀ ଜଣାଇଛନ୍ତି । କରୋନା ଆକ୍ରାନ୍ତ ସନ୍ଦେହ କରି ବାରିପଦା ବନବିଭାଗ ପକ୍ଷରୁ ମଙ୍ଗଳବାର ବାରିପଦା ରେଞ୍ଜ ଅଧିନରେ ଶିମିଳିପାଳର ସ୍ଥାୟୀ ବନ୍ୟପ୍ରାଣୀ ଡାକ୍ତର ପିୟୁସ ସୋରେନଙ୍କ ଦ୍ୱାରା ବଜ୍ରକପ୍ତାର ସ୍ୱାବ ନେଇ ଟେଷ୍ଟ ପାଇଁ ସ୍ଥାନୀୟ ଲେବରେଟେରିକୁ ପଠାଯାଇଥିବା ଜଣାପଡିଥିଲା । ତେବେ ଗୁରୁବାର ପୂର୍ବାହ୍ନରେ ବଜ୍ରକପ୍ତାର କରୋନା ଟେଷ୍ଟ ରିପୋର୍ଟ ନେଗେଟିଭ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ଟ୍ୱିଟ ଯୋଗେ ସୂଚନା ଦେଇଛନ୍ତି । ତେବେ ଏହି ପରି ବଜ୍ରକପ୍ତାର ସ୍ୱାବ୍ ନେବା ଏବଂ ତାକୁ ପରୀକ୍ଷା କରିବା ଘଟଣା ରାଜ୍ୟରେ ପ୍ରଥମ ଥର କରାଯାଇଛି ବୋଲି ବନବିଭାଗ ପକ୍ଷରୁ ପ୍ରକାଶ । ଓଡ଼ିଶାରେ ବନ୍ୟ ପ୍ରାଣୀଙ୍କ ଏହା ପୂର୍ବରୁ ସ୍ୱାବ ଟେଷ୍ଟ କେବେ ହେଲେ କରାଯାଇ ନଥିବା ବେଳେ ପ୍ରଥମ ଥର ଏଭଳି ଟେଷ୍ଟ କରାଯାଇଥିବା ଜଣାପଡିଛି । ଘଟଣା ଅନୁସାରେ ମୟୂରଭଞ୍ଜ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ଦଳ ପକ୍ଷରୁ ଗତ ସାତ ତାରିଖରେ ଏକ ବଜ୍ରକପ୍ତା ଚୋରା ଚାଲାଣ ବେଳେ ଉଦ୍ଧାର କରିବା ସହିତ ଜଣେ ବ୍ୟବସାୟୀଙ୍କୁ ଗିରଫ ମଧ୍ୟ କରାଯାଇଥିଲା । ଅଭିଯୁକ୍ତ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଗୋହିରାପାଳ ଗାଁର ସିଙ୍ଗୁ ବାସ୍କେଙ୍କୁ କୋର୍ଟ ଚାଲାଣ କରିବା ପୂର୍ବରୁ ଡାକ୍ତରୀ ଯାଞ୍ଚ ସମୟରେ କରୋନା ପଜିଟିଭ ହୋଇଥିବା ଜଣାପଡିଥିଲା । ତେବେ ଅଭିଯୁକ୍ତଙ୍କ ନିକଟରୁ ଉଦ୍ଧାର ହୋଇଥିବା ବଜ୍ରକପ୍ତାର କରୋନା ଆକ୍ରାନ୍ତ ସନ୍ଦେହ କରି ବାରିପଦା ବନବିଭାଗ ମଙ୍ଗଳବାର ଏହି ପରୀକ୍ଷା କରାଇଥିଲେ ।

## ଟ୍ୱିନସିଟିରେ ବିନା ମୂଲ୍ୟରେ ଭିଟାମିନ ଟାବଲେଟ ବାଂଟିବ କଂଗ୍ରେସ

ଭୁବନେଶ୍ୱର,୧୪/୦୫ (ନି.ପ୍ର): କରୋନା ମହାମାରୀର ଦ୍ୱିତୀୟ ଲହରରେ ସମଗ୍ର ରାଜ୍ୟରେ ସଂକ୍ରମଣର ହାର ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ସେହିପରି ଭୁବନେଶ୍ୱର- କଟକରେ ମଧ ସଂକ୍ରମଣ ହାର ବଢ଼ି ଏକ ଭୟାନକ ପରିସ୍ଥିତି ସୃଷ୍ଟି କଲାଣି । ଏହି ଘଡ଼ିସନ୍ଧି ମୂହୂର୍ତ୍ତରେ କୋଭିଡ ଆକ୍ରାନ୍ତଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ରଞ୍ଜନ ଚୌଧୁରୀ ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ପକ୍ଷରୁ ଦୈତ୍ୱ ଜିଲ୍ଲା କଂଗ୍ରେସ ମାଧ୍ୟମରେ ନିଶୁଳ୍କ ଭିଟାମିନ ଟ୍ୟାବଲେଟ ବଂଟନ କରାଯିବ ବୋଲି ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି କୋଭିଡ କଂଟ୍ରୋଲରୁମର ସଦସ୍ୟ ତଥା ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କୋଭିଡ କଂଟ୍ରୋଲରୁମ ଇନଚାର୍ଜ ସୁବ୍ରତ ମହାପାତ୍ର କହିଥିଲେ । ଏହି କୋଭିଡ ମହାମାରୀ ସମୟରେ କଂଗ୍ରେସ ଦଳ କୋଭିଡ କଂଟ୍ରୋଲ ରୁମ ଜରିଆରେ ସାଧାରଣ ଲୋକଙ୍କୁ ସେବା, ସହଯୋଗ ଓ ସୂଚନା ଯୋଗାଇ ଦେଉଥିବା ବେଳେ, ଭୁବନେଶ୍ୱର ଓ କଟକ ମ୍ୟୁନିସପାଲଟି ଏରିଆରେ ହୋମ କ୍ୱାରେନଣ୍ଟାଇନରେ ଥିବା କୋଭିଡ ଆକ୍ରାନ୍ତଙ୍କୁ ବିନାମୂଲ୍ୟରେ ଭିଟାମିନ ଟାବଲେଟ ଯୋଗାଇ ଦିଆଯିବ । ଏହି ମେଡିସିନ ବଂଟନ ପ୍ରକ୍ରିୟା ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସହଯୋଗରେ କରାଯିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ । ସେହିପରି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ କହିଥିଲେ କୋଭିଡ ପରିସ୍ଥିତି ପରିଚାଳନାରେ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ ବିଫଳ, ରୋଗୀଙ୍କ ପାଇଁ ନା ଅକ୍ସିଜେନ ଯୋଗାଣ ଠିକ ରୂପେ ହୋଇପାରୁଛି ନା ହସପିଟାଲରେ ପର୍ଯ୍ୟାପ୍ତ ପରିମାଣରେ ବେଡ ଉପଲବ୍ଧ ହେଉଛି । ସାଧାରଣ ଲୋକ ନାହିଁ ନଥିବା ସମସ୍ୟାର ସମୁଖିନ ହେଉଛନ୍ତି । ଛାତ୍ର କଂଗ୍ରେସ ନିଜସ୍ୱ ଉଦ୍ୟମରେ ଲୋକଙ୍କ ପାଖକୁ ରାସନ, ଅତ୍ୟାବଶକୀୟ ସାମଗ୍ରୀ ପହଂଚାଇବା ସହ କୋଭିଡ ଆକ୍ରାନ୍ତଙ୍କ ବିଭିନ୍ନ ସମସ୍ୟା ନେଇ ସାହାଯ୍ୟ ଓ ସହଯୋଗ କରୁଛି । ଏହି ଭିଟାମିନ ବଂଟନ ପ୍ରକ୍ରିୟା ଛାତ୍ର କଂଗ୍ରେସ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର କର୍ମକର୍ତ୍ତାଙ୍କ ମାଧ୍ୟମରେ ସୁଚାରୁରୂପେ ସମ୍ପାଦନ କରାଯିବ । ହୋମ କ୍ୱାରାନଣ୍ଟାଇନରେ ଥିବା ବ୍ୟକ୍ତି ଟୋଲଫ୍ରି କିମ୍ବା ହ୍ୱାଟସଆପ ନମ୍ବରରେ ଯୋଗାଯୋଗ କଲେ ସେମାନଙ୍କ ପାଇଁ ଭଲେଣ୍ଟିୟରଙ୍କ ଜରିଆରେ ମେଡିସିନ ପହଂଚାଇ ଦିଆଯିବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଦେଶରେ କମୁଛି, ରାଜ୍ୟରେ....

୧୨ ହଜାର ଉପରେ ପଜିଟିଭ୍ ମାମଲା ଆସିଥିଲା । ଏହାପରେ ୬ ଦିନ ଧରି ୧୧ ହଜାର ଭିତରେ ରହିଥିଲା ସଂକ୍ରମଣ । ସଂକ୍ରମଣ ହାର ମଧ ଧୀରେ ଧୀରେ ହ୍ରାସ ପାଉଥିଲା । ତେବେ ଗତ ୨୪ ଘଂଟାର ଟ୍ରେଣ୍ଡ ଅଲଗା ରହିଛି । ପୁଣିଥରେ ଦୈନିକ ସଂକ୍ରମଣ ବଢିଛି, ଏବଂ ଟେଷ୍ଟ-ପଜିଟିଭ୍ ହାର ମଧ ବଢ଼ିଛି । ମାତ୍ର ୩ଟି ଜିଲ୍ଲାକୁ ଛାଡ଼ି ଓଡ଼ିଶାର କରୋନା ମ୍ୟାପ ଲାଲ ରଙ୍ଗରେ ଭର୍ତି ହୋଇ ଯାଇଛି । ମାଲକାନଗିରି, ଗଜପତି ଓ କନ୍ଧମାଳକୁ ଛାଡି ଦେଲେ ବାକି ସବୁ ଜିଲ୍ଲା ରେଡ୍ ଜୋନ୍‌ରେ ରହିଛନ୍ତି । ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୧୫,୯୩୭ ସକ୍ରିୟ କରୋନା ଆକ୍ରାନ୍ତ ରହିଥିବା ବେଳେ ଦ୍ୱିତୀୟରେ ରହିଛି ସୁନ୍ଦରଗଡ଼ । ସୁନ୍ଦରଗଡ଼ରେ ସକ୍ରିୟ ମାମଲା ସଂଖ୍ୟା ୧୧,୭୧୮ରେ ପହଁଚିଛି । ରାଜ୍ୟରେ କରୋନା ଗ୍ରାଫ୍ ଉପରମୁହାଁ ରହିଥିବା ବେଳେ ଦେଶରେ ଧୀରେ ଧୀରେ ହ୍ରାସ ପାଉଛି ଦୈନିକ ସଂକ୍ରମଣ । କିଛି ରାଜ୍ୟରେ ସଂକ୍ରମଣ ଶୀର୍ଷ ଛୁଇଁଲା ଭଳି ମନେ ହେଉଛି । ଗତ ୨୪ ଘଂଟା ମଧ୍ୟରେ ଦେଶରେ ୧୮ ଲକ୍ଷ ୭୫ ହଜାର ୫୧୫ ଟି କରୋନା ପରୀକ୍ଷା କରାଯାଇଛି । ଏହାରି ମଧ୍ୟରୁ ୩ ଲକ୍ଷ ୪୩ ହଜାର ୧୪୪ ପଜିଟିଭ୍ ମାମଲା ଆସିଛି । ପଜିଟିଭିଟି ହାର ମଧ ୧ ପ୍ରତିଶତ ହ୍ରାସ ପାଇଛି, ଗତ ୨୪ ଘଂଟାରେ ପଜିଟିଭିଟି ହାର ୧୮.୨୯ ପ୍ରତିଶତ ରହିଛି । ଗତ ୫ ଦିନ ଧରି କ୍ରମାଗତ ଭାବେ ୪ ଲକ୍ଷ ତଳେ ରହିଛି ଦୈନିକ ସଂକ୍ରମଣ ମାମଲା । ମେ' ୫ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଲଗାତାର ୪ ଲକ୍ଷରୁ ଅଧିକ ସଂକ୍ରମଣ ଚିହ୍ନଟ ହେଉଥିଲେ । ଏହା ଧାରାରେ ବ୍ରେକ୍ ଲାଗିଛି । ଆଗକୁ ସଂକ୍ରମଣ ଧୀରେ ଧୀରେ ହ୍ରାସ ପାଇବ ବୋଲି ଆକଳନ କରାଯାଉଛି । ମେ' ୧୦ ତାରିଖରୁ ୨୦ ପ୍ରତିଶତ ତଳେ ରହିଛି ସଂକ୍ରମଣ ହାର । ୯ ତାରିଖରେ ଏହା ପାଖାପାଖି ୨୫ ପ୍ରତିଶତ ରହିଥିଲା । ତେବେ ମୃତ୍ୟୁ ସଂଖ୍ୟାରେ ବିଶେଷ ପରିବର୍ତ୍ତନ ଦେଖାଦେଇନି । ସରକାରୀ ହିସାବ ଅନୁସାରେ ଗୋଟିଏ ଦିନରେ ଦେଶରେ ୪ ହଜାର ଲୋକ କରୋନାରେ ପ୍ରାଣ ହରାଇଛନ୍ତି ।

### ୪୨ ଲକ୍ଷ ଚାଷୀଙ୍କ ଖାତାକୁ....

ଚାଷୀ ଆମର ଗର୍ବ ଓ ଗୌରବ । ଦେଶ ଓ ସମାଜ ପାଇଁ ଚାଷୀର ତ୍ୟାଗର ତୁଳନା ନାହିଁ ।ଗତବର୍ଷ କୋଭିଡ଼ ସମୟରେ ଚାଷୀ ହି ଅର୍ଥନୀତି କୁ ସଜୀବନୀ ପରି ଶକ୍ତି ଦେଇଥିଲା ।ତେଣୁଚାଷୀର ତ୍ୟାଗ ର ମୂଲ୍ୟ କେହି ଦେଇ ପାରିବ ନାହିଁ । 'ମୋ ରାଜ୍ୟର ଚାଷୀ ,ଭଲରେ ରହୁ । ତାର ରୋଜଗାର ବଢୁ ତା ପରିବାରରେ ସମୃଦ୍ଧି ଆସୁ ।ଏଥିପାଇଁ ମୁଁ କାମ କରୁଛି ଓ କରିଚାଲିବି । କୋଭିଡ଼ ସମ୍ପର୍କରେ ସଚେତନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏବେ ଆମେ କୋଭିଡ଼ ସକ୍ରମଣର ଦ୍ୱିତୀୟ ଲହର ର ସାମନା କରୁଛେ । ସଂକ୍ରମଣକୁ ନିୟନ୍ତ୍ରଣ କରିବାକୁ ଲକ୍ ଡାଉନ ଚାଲିଛି । କିନ୍ତୁ କୃଷି କ୍ଷେତ୍ର ପାଇଁ କୌଣସି ଲକ୍ ଡାଉନ ନାହିଁ । ତେଣୁ ଚାଷୀ ଭାଇମାନେ କୋଭିଡ଼ ନିୟମ ମାନି ଚାଷ କାମ ଜାରି ରଖିବା ସହିତ ସରକାର ଙ୍କ ବିଭିନ୍ନ କୃଷି ବିକାଶ ଯୋଜନା ର ସୁଯୋଗ ମଧ ନେବା ସେ ପାଇଁ ଆହ୍ୱାନ ଜଣାଇଥିଲେ । ଶେଷ ରେ, ଚଳିତ ବର୍ଷ ପାଇଁ ଭଲ ପାଗ ,ଭଲ ଫସଲ ଓ ଚାଷୀ ପରିବାରର ସମୃଦ୍ଧି ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ସହ ମୁଖ୍ୟମନ୍ତ୍ରୀ ସରକାରଙ୍କ କୋଭିଡ଼ ନିୟମକୁ କଡାକଡି ଭାବରେ ପାଳନ କରିବା ପାଇଁ ସମସ୍ତ ଙ୍କୁ ପୁଣି ଥରେ ନିବେଦନ କରିଥିଲେ । ସୂଚନାଯୋଗ୍ୟ ଯେ କାଳିଆ ଯୋଜନା ରାଜ୍ୟ ସରକାରଙ୍କ ଶ୍ରେଷ୍ଠ କୃଷି କଲ୍ୟାଣ ଯୋଜନା । ଏହି ଯୋଜନା ରେ ଲକ୍ଷ ଲକ୍ଷ ଛୋଟ ଚାଷୀ ,ନାମ ମାତ୍ର ଚାଷୀ ଓ ଭୂମି ହୀନ ଚାଷୀ ପରିବାର ଉପକାର ପାଉଛନ୍ତି । କାଳିଆ ସହାୟତାରେ ଚାଷୀ କୃଷି ସାମଗ୍ରୀ କିଣବା ବେଳ ଭୂମି ହୀନ ଚାଷୀ ଛେଳି କୁକୁଡ଼ା ବତକ ପାଳନ ଆଦିରେ ବିନିଯୋଗ କରି ତା ପରିବାର ର ରୋଜଗାର ବଢାଇଥାଏ । ଏହି କାର୍ଯ୍ୟକ୍ରମ ରେ କୃଷି ଓ କୃଷକ ସଶକ୍ତିକରଣ ଏବଂ ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ଅରୁଣ ସାହୁ ,କାଳିଆ ଯୋଜନା କିପରି କୋଭିଡ଼ ସମୟରେ ଚାଷୀ ପରିବାର ପାଇଁ ଉପାଦେୟ ସାବ୍ୟସ୍ତ ହୋଇପାରିଛି ତା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ ,ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶ ଦାତା.ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

### କୋଭିସିଲ୍ଡ ଟିକା ପାଇଁ ଆସିଲା ନୂଆ....

ନେବାର ୮୪ଦିନ ପରେ ଦ୍ୱିତୀୟ ଡୋଜ ନେବାକୁ କୁହାଯିବା ସହ ସ୍ଲଟକୁ ରିସିଡ୍ୟୁଲ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି । ତେବେ ଟିକା ନେଇଥିବା ବ୍ୟକ୍ତି ଜଣକ ଯଦି ୮୪ଦିନ ପୁରିବା ପୂର୍ବରୁ ସ୍ଲଟ ବୁକିଂ କରିଥିବେ ତେବେ ସେ ଚାହିଁଲେ ସେହି ସିଡ୍ୟୁଲ ଅନୁଯାୟୀ ଟିକା ନେଇପାରିବେ । ଏହି ନୂଆ ନିୟମ ଅନୁସାରେ ଆଉ ଦ୍ୱିତୀୟ ଡୋଜ ନେବାକୁ ଭିଡ ହେବନାହିଁ । ଏଭଳି କ୍ଷେତ୍ରରେ ଏବେ ପ୍ରଥମ ଡୋଜ ନେବାକୁ ଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ । କୋଭିସିଲ୍ଡ ଟିକାର ଦୁଇଟି ଡୋଜ ମଧ୍ୟରେ ବ୍ୟବଧାନ ବଢାଇବା ନେଇ ଗୁରୁବାର ଘୋଷଣା ହୋଇଥିଲା । ୧୨ରୁ୧୬ ସପ୍ତାହ ମଧ୍ୟରେ ଦ୍ୱିତୀୟ ଡୋଜ୍ ନେବା ନେଇ ହୋଇଥିଲା ଘୋଷଣା ।

### ଆମେରିକାର ରୋଗ ପ୍ରତିରୋଧକ ....

ସେ ଆହୁରି ମଧ କହିଛନ୍ତି, ଗତ ୧୧୪ ଦିନ ହେବ ଆମର ଟିକାକରଣ ଅଭିଯାନ ବିଶ୍ୱରେ ଅଗ୍ରଣୀ ହୋଇ ରହିଆସିଛି । ଅନେକଙ୍କ କଠିନ ଶ୍ରମ ବଳରେ ଏହି ସଫଳତା ହାସଲ କରାଯାଇଛି । ଯଥା ସମ୍ଭବ ଅଧିକ ଆମେରିକୀୟଙ୍କ ବାହୁରେ ଟିକା ଦେବା ପାଇଁ ପାରୁପର୍ଯ୍ୟନ୍ତ ଉଦ୍ୟମ କରିଥିବା ବୈଜ୍ଞାନିକ ଏବଂ ଗବେଷକ, ଔଷଧ କମ୍ପାନି, ନ୍ୟାସ୍‌ନାଲ୍ ଗାର୍ଡ, ଆମେରିକୀୟ ସେନା, ଏଫ୍‌ଇଏମ୍‌ଏ, ଦେଶର ଗଭର୍ଣ୍ଣର, ଡାକ୍ତର, ନର୍ସ, ଫାର୍ମାସିଷ୍ଟ୍ ଓ ଅନ୍ୟମାନଙ୍କ ଉଦ୍ୟମ ଯୋଗୁଁ ଏହା ସମ୍ଭବପର ହୋଇଛି । କିନ୍ତୁ, ଯେଉଁମାନେ ଏଯାବତ୍ ଟିକା ନେଇ ନାହାନ୍ତି ବା ଟିକାର ଡୋଜ୍ ସମ୍ପୂର୍ଣ୍ଣ କରି ନାହାନ୍ତି, ସେମାନେ ମାସ୍କ୍ ? ପରିଧାନ କରିବା ବାଞ୍ଛନୀୟ ବୋଲି ରାଷ୍ଟ୍ରପତି ବାଇଡେନ୍ ସତର୍କ କରାଇ ଦେଇଛନ୍ତି । ଆମେରିକାରେ ବର୍ତମାନସୁଦ୍ଧା ୩ କୋଟି ୩୬ ଲକ୍ଷ ୧୫ ହଜାରରୁ ଅଧିକ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଆଉ ପ୍ରାଣ ହରାଇଛନ୍ତି ୫ ଲକ୍ଷ ୯୮ ହଜାରରୁ ଅଧିକ ଲୋକ ।

### ଗୋଟିଏ ଦିନରେ ୧୨୩୯୦....

ସେହିପରି ବଲାଙ୍ଗୀରରୁ ୪୬୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୨୮, କଟକରୁ ୭୧୯ ଜଣ, ଦେବଗଡ ଜିଲ୍ଲାରୁ ୧୦୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୭୪ ଜଣ, ଗଜପତି ଜିଲ୍ଲାରୁ ୧୧୫, ଗଞ୍ଜାମରୁ ୩୮୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୫୯ ଜଣ, ଯାଜପୁରରୁ ୪୩୬ ଜଣ, ଝାରସୁଗୁଡ଼ାରୁ ୪୧୩ ଜଣ, କଳାହାଣ୍ଡିରୁ ୨୧୦ ଜଣ, କନ୍ଧମାଳ ଜିଲ୍ଲାରୁ ୧୦୨ ଜଣ. କେନ୍ଦ୍ରାପଡ଼ାରୁ ୧୩୭ ଜଣ, କେନ୍ଦୁଝରରୁ ୨୦୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୨୦୧ ଜଣ, କୋରାପୁଟରୁ ୨୪୬ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୦୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୪୮୦ ଜଣ, ନବରଙ୍ଗପୁରରୁ ୩୬୨ ଜଣ, ନୟାଗଡ଼ରୁ ୩୦୧ ଜଣ, ନୂଆପଡ଼ାରୁ ୨୦୪ ଜଣ, ପୁରୀରୁ ୪୬୯ ଜଣ, ରାୟଗଡ଼ାରୁ ୧୮୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୬୭୭ ଜଣ, ସୋନପୁରରୁ ୧୭୮ ଜଣ, ସୁନ୍ଦରଗଡ଼ରୁ ୮୮୨ ଜଣ ଓ ଷ୍ଟେଟ୍ ପୁଲରୁ ୩୫୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ରାଜସ୍ୱ ବିଭାଗ ପକ୍ଷରୁ ବେଆଇନ ବାଲି ଗାଡ଼ିରୁ ୧୫ହଜାର ଜୋରିମାନା ଆଦାୟ

ନୀଳଗିରି,୧୪/୦୫ (ନି.ପ୍ର): ବେଆଇନ ବାଲି ବୋଝେଇ ଟିପରକୁ ନୀଳଗିରିର ଅତିରିକ୍ତ ତହସିଲଦାର ନିରଞ୍ଜନ ଧଳ ଜୋରିମାନା ଆଦାୟ କରିଛନ୍ତି । ଓଆର-୧୬ଡି-୩୬୮୯ ଟିପରକୁ ନୂଆଗାଁ ଛକ ଠାରେ ନୀଳଗିରି ତହସିଲର ଅତିରିକ୍ତ ତହସିଲଦାର ଅଟକାଇବା ପରେ ଆବଶ୍ୟକୀୟ କାଗଜପତ୍ର ନ ଥିବାରୁ ତାଙ୍କ ଠାରୁ ୧୫ହଜାର ଟଙ୍କା ଜୋରିମାନା ଆଦାୟ କରିଛନ୍ତି ।

## କୋଭିଡ ମଶାଣି ବାହାରେ ଶବଦାହକୁ ନେଇ ଉତ୍ତେଜନା



ବାରିପଦା,୧୪/୦୫ (ନି.ପ୍ର): ଆଜି ଦିନ ବେଳା ବାରିପଦା ଦାରଗାଡ଼ାହି କୋଭିଡ ମଶାଣି ବାହରେ ଏକ ଅଧା ପୋଡା ଶବକୁ ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ସ୍ଥାନୀୟ ଲୋକମାନେ ଗଣ୍ଡୋଗୋଳ କରିବା ସହିତ କୋଭିଡ ମଶାଣିରେ ବହୁ ସଂଖ୍ୟାରେ ଶବ ପୋଡ଼ା ଯାଉଥିବାରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିବା ସହିତ ଆଜି ମଶାଣି ବାହାରେ ପୋଡ଼ା ଯାଇଥିବା ଏକ ଅଧା ପୋଡ଼ା ଶବ ପଡିରହିଥିବା ଘଟଣାକୁ ନେଇ ଆପତ୍ତି ଉଠାଇଥିଲେ । ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବାରୁ କିଛି ସମୟ ଧରି କୋଭିଡ ମଶାଣିରେ ଶବ ଦାହ କାର୍ଯ୍ୟ ବାଧା ପ୍ରାପ୍ତ ହୋଇଥିଲା । ଖବର ପାଇ ଘଟଣା ସ୍ଥଳେର ବାରିପଦା ତହସିଲଦାର ରାମଚନ୍ଦ୍ର ସରେନ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୁତାବକ ଏହି କୋଭିଡ ମଶାଣିଟି ସହରର ମଧ ଭାଗରେ ତଥା ଜାତୀୟ ରାଜପଥ କଡରେ ଏବଂ ଏକାଧିକ ବସ୍ତି ନିକଟବର୍ତ୍ତୀ ହୋଇଥିବାରୁ ବହୁ ସଂଖ୍ୟାରେ କରୋନା ସଂକ୍ରମିତ ଶବ ପୋଡ଼ା ଯାଉଥିବାର ଧୂଆଁ ଲୋକମାନଙ୍କୁ ଅସ୍ତବ୍ୟସ୍ତ କରୁଥିବା ବେଳ ମଶାଣି ସ୍ଥଳକୁ ଠିକ ଭାବେ ବିଷଧୋନ କରାଯାଉନଥିବା ଏବଂ ଆଜି ମଶାଣି ବାହାରେ ଗୋଟିଏ ଶବଦାହ କରାଯାଇଥିବା ତଥା ଶବଟିକୁ ଅଧା ପୋଡ଼ା ଅବସ୍ଥାରେ ଛାଡି ଯାଇଥିବା ନେଇ ଲୋକଙ୍କ ମନେର ଆତଙ୍କ ସୃଷ୍ଟି ହୋଇଥିଲା । ତେବେ ମଶାଣି ବାହାରେ ପୋଡ଼ା ଯାଇଥିବା ଶବଟି କେରାନା ସଂକ୍ରମିତ ଶବ ନୁହେଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିବା ବେଳେ ସ୍ଥାନୀୟ ଲୋକେ ଦୀର୍ଘ ସମୟ ଉତ୍ତେଜନା ପରେ ଉତ୍ୟକ୍ତ ଲୋକେ ଶାନ୍ତ ପଡ଼ିଥିଲେ ଏବଂ କୋଭିଡ ମଶାଣିରେ ସମ୍ପୂର୍ଣ୍ଣ ପ୍ରଟୋକଲ ପାଳନ କରି ଶବ ଦାହ କରିବା ସହିତ ମଶାଣୀକୁ ସାନିଟାଇଜ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ଆଦର୍ଶ ଶିକ୍ଷକଙ୍କ ବିୟୋଗରେ ଶୋକ



ବାଲେଶ୍ୱର,୧୪/୦୫ (ନି.ପ୍ର): ହଳଦୀପାଳ ମଇ ବିଦ୍ୟାଳୟର ଏବଂ ହରେକୃଷ୍ଣ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ମହାନ୍ତିଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ହରେକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସଭାରେ ଗୋକୁଳାନନ୍ଦ ବାରିକ, ଚକ୍ରଧର ସେଠୀ, ଉମାକାନ୍ତ ପ୍ରଧାନ, ଗଣେଶ ଚନ୍ଦ୍ର ସାହୁ, ପ୍ରଣବ ରଂଜନ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ କର୍ମକର୍ତ୍ତା ସଚ୍ଚିନ୍ଦ୍ର ନାଥ ଜେନା, ଦୀନବନ୍ଧୁ ଦାସଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ବହୁବିଧ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଜଣେ ଦରଦୀ, ମେଳାପୀ, ଅନୁଷ୍ଠାନ ପ୍ରିୟ ବ୍ୟକ୍ତିତ୍ୱ ତଥା ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ ଭାବେ ସ୍ୱର୍ଗତ ମହାନ୍ତିଙ୍କ ଅବର୍ତ୍ତମାନ ହଳଦୀପାଳ ଅଞ୍ଚଳ ପାଇଁ ସବୁଠାରୁ ବଡ଼ କ୍ଷତି ବୋଲି ଉପସ୍ଥିତ ବ୍ୟକ୍ତିମାନେ ମତ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ତାଙ୍କର ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନା ସହ ଦିବଂଗତ ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ ।

## ଦୁଇ ଯୋଡ଼ା ଏକ୍ସପ୍ରେସ ବିଶେଷ ଟ୍ରେନ ବାତିଲ୍

ଭୁବନେଶ୍ୱର,୧୪/୦୫ (ନି.ପ୍ର): କମ ପୃଷ୍ଠପୋଷକତା ଏବଂ କୋଭିଡ୧୯ ସଂକ୍ରମଣ ବୃଦ୍ଧିର ଶୃଙ୍ଖଳାକୁ ଭାଙ୍ଗିବାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଛାଡୁଥିବା ଆହୁରି ଦୁଇ ଯୋଡ଼ା ବିଶେଷ ଏକ୍ସପ୍ରେସ ଟ୍ରେନକୁ ଉଭୟ ପାର୍ଶ୍ୱରୁ ବାତିଲ କରିବାକୁ ନିଷ୍ପତି ନିଆଯାଇଛି । ୦୮୪୯୩/୦୮୪୯୪ ଭୁବନେଶ୍ୱର-ବାଲାଙ୍ଗୀର-ଭୁବନେଶ୍ୱର ସ୍ପେଶାଲ୍ ଉଭୟ ଦିଗରୁ ଚଳିତ ମାସ ୧୫,୧୬,୨୨ ଏବଂ ୨୩ ତାରିଖ ଦିନ ବାତିଲ୍ ରହିବ । ସେହିପରି ୦୮୫୬୧/୦୮୫୬୨ ବିଶାଖାପାଟନମ୍-କାଚେଗୁଡା-ବିଶାଖାପାଟନମ୍ ବିଶେଷ ଟ୍ରେନ ବିଶାଖାପାଟନମ୍ ଠାରୁ ୧୪ ମଇରୁ ୩୧ ମଇ ପର୍ଯ୍ୟନ୍ତ ଏବଂ କାଚେଗୁଡା ଠାରୁ ୧୫ ମଇରୁ ୧ ଜୁନ୍ ପର୍ଯ୍ୟନ୍ତ ବାତିଲ୍ ରହିବ । ଏହାପୂର୍ବରୁ ଚାରି ଯୋଡ଼ା ସ୍ପେଶାଲ ଏକ୍ସପ୍ରେସ ଟ୍ରେନକୁ ବାତିଲ କରିବାକୁ ଘୋଷଣା କରିସାରିଛି ।

## ଚିହ୍ନଟ ହେଲେ ଜିଲ୍ଲାରୁ ସର୍ବାଧିକ ୪୧୨ ଆକ୍ରାନ୍ତ, ୧୯୫ ଚିକିତ୍ସାଧୀନ

ଭଦ୍ରକ,୧୪/୦୫ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ସର୍ବାଧିକ ୪୧୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାହା ଜିଲ୍ଲା ପାଇଁ ପ୍ରଥମ ଥର ୪ଶହ ସଂଖ୍ୟା ଅତିକ୍ରମ କରିଛି । ଏହି ଆକ୍ରାନ୍ତଙ୍କୁ ମିଶାଇ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୧୧ହଜାର ୪୯୯ । ସୁସ୍ଥ ହୋଇ ସାରିଛନ୍ତି ୯ହଜାର ୫୧୩ଜଣ । ଏବେ ସକ୍ରିୟ ଆକ୍ରାନ୍ତ ଅଛନ୍ତି ୧୯୫୪ଜଣ । ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଚାନ୍ଦବାଲି ବ୍ଲକର ଜଣେ କିମ୍‌ସ୍‌ରୁ, ଭଦ୍ରକ ବ୍ଲକର ଜଣେ, ତିହିଡି ବ୍ଲକର ଜଣେ ଓ ବାସୁଦେବପୁର ବ୍ଲକର ଜଣେ ଏସ୍‌ସିବିରୁ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ବ୍ୟତୀତ ଭଦ୍ରକ ପୌରପାଳିକାରୁ ୩୯ଜଣ, ଧାମନଗର ବ୍ଲକରୁ ୧୭ଜଣ, ଚାନ୍ଦବାଲି ବ୍ଲକରୁ ୧୪ଜଣ, ବନ୍ତ ବ୍ଲକରୁ ୪୮ଜଣ, ତିହିଡ଼ି ବ୍ଲକରୁ ୬୪ଜଣ, ବାସୁଦେବପୁରରୁ ୬୮, ବାସୁଦେବପୁର ପୌରପାଳିକାରୁ ୧୬ଜଣ, ଭଦ୍ରକ ବ୍ଲକ ଅଞ୍ଚଳରୁ ୮୦ଜଣ, ଭଣ୍ଡାରିପୋଖରୀ ବ୍ଲକରୁ ୪୪, ଧାମନଗର ଏନ୍‌ଏସିରୁ ୧, ଚାନ୍ଦବାଲି ଏନ୍‌ଏସିରୁ ୨ଜଣ ଚିହ୍ନଟ ହୋଇଛନ୍ତି । ଅନ୍ୟ ଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲାର ସିମୁଳିଆ, ଖଇରାବ୍ଲକ, କେନ୍ଦୁଝର ଜିଲ୍ଲାର ହାଟଡିହ ବ୍ଲକ ଓ ଯାଜପୁର ଜିଲ୍ଲାର ନଡ଼ିଆଭଙ୍ଗା ଅଞ୍ଚଳରୁ ମିଶାଇ ୧୫ଜଣ ଚିହ୍ନଟ ହୋଇଛନ୍ତି । ଆଜି ଚିକିତ୍ସାଧୀନ ଥିବା କୋଭିଡ଼ ଆକ୍ରାନ୍ତଙ୍କ ପରିସଂଖ୍ୟାନରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୬୨ଜଣ, ଡେଡିକେଟେଡ କୋଭିଡ଼ ହେଲ୍‌ଥ୍ ସେଣ୍ଟରରେ ୭୦ଜଣ, ଓଲଙ୍ଗ କୋଭିଡ କେୟାର ସେଣ୍ଟରରେ ୩୭ଜଣ, ତିହିଡ଼ି କୋଭିଡ଼ କେୟାର ସେଣ୍ଟରରେ ୨୬ ଜଣଙ୍କୁ ମିଶାଇ ମୋଟ ୧୯୫ଜଣ ଚିକିତ୍ସିତ ହେଉଛନ୍ତି । ସେମାନଙ୍କ ମଧ୍ୟରୁ ୩୪ଜଣ ଆକ୍ରାନ୍ତ ଅକ୍ସିଜେନ ବ୍ୟବହାର କରୁଥିବା ସୂଚନା ଦିଆ ଯାଇଛି ।

## ରାଜ୍ୟରେ ଆଉ ୯୩୨୯ ସୁସ୍ଥ

ଭୁବନେଶ୍ୱର,୧୪/୦୫ (ନି.ପ୍ର): ରାଜ୍ୟରେ ଆଜି କରୋନାରୁ ୯୩୨୯ ଜଣ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୪ ଲକ୍ଷ ୯୧ ହଜାର ୬୭୪କୁ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୨୧୪ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୧୧୩୬ ଜଣ ଆକ୍ରାନ୍ତ ଆରୋଗ୍ୟଲାଭ କରିଛନ୍ତି । କଟକ ଜିଲ୍ଲାରୁ ୭୮୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ବରଗଡ଼ରୁ ୪୮୭, ସମ୍ବଲପୁରରୁ ୪୭୦, ନୂଆପଡ଼ାରୁ ୪୩୪, କଳାହାଣ୍ଡିରୁ ୪୧୦, ଅନୁଗୁଳ ଓ ଝାରସୁଗୁଡ଼ାରୁ ୩୮୪ ଜଣ ଲେଖାଏଁ, ପୁରୀରୁ ୩୧୯, ବଲାଙ୍ଗୀରରୁ ୩୧୩ ଓ ନବରଂଗପୁରରୁ ୩୧୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ମୟୂରଭଂଜରୁ ୨୮୮, ଗଂଜାମରୁ ୨୬୧, ନୟାଗଡ଼ରୁ ୨୦୬, ବୌଦ୍ଧରୁ ୨୦୦, ରାୟଗଡ଼ାରୁ ୧୯୯, କେନ୍ଦ୍ରାପଡ଼ାରୁ ୧୯୦, ବାଲେଶ୍ୱରରୁ ୧୫୧, ଜଗତସିଂହପୁରରୁ ୧୪୭, ସୁବର୍ଣ୍ଣପୁରରୁ ୧୨୩, ଗଜପତିରୁ ୧୧୬, କେନ୍ଦୁଝରରୁ ୧୧୩ ଜଣ, ଢେଙ୍କାନାଳରୁ ୯୦, କୋରାପୁଟ ଓ ମାଲକାନଗିରିରୁ ୭୨ ଲେଖାଏଁ, ଯାଜପୁରରୁ ୭୧, କନ୍ଧମାଳରୁ ୫୩, ଭଦ୍ରକରୁ ୫୨, ଦେବଗଡ଼ରୁ ୩୩ ଓ ରାଜ୍ୟପୁଲରୁ ୨୪୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

## ବ୍ରହ୍ମପୁର ଜେଲରେ ପଶିଲା କରୋନା

ବ୍ରହ୍ମପୁର,୧୪/୦୫ (ନି.ପ୍ର): ବ୍ରହ୍ମପୁର ଜେଲରେ ପଶିଲା କରୋନା । ୪୬ କଏଦୀଙ୍କ ରିପୋର୍ଟ ଆସିଛି ପଜିଟିଭ୍ । ଏନେଇ ନିଜେ ସୂଚନା ଦେଇଛନ୍ତି ବ୍ରହ୍ମପୁର ମଣ୍ଡଳ କାରାଗାର ଅଧିକାରୀ । ଜେଲରେ ଜଣେ ଆଜୀବନ ସଜା ଭୋଗୁଥିବା କଏଦୀଙ୍କ କରୋନା ପଜିଟିଭ୍ ଆସିବା ପରେ ତାଙ୍କୁ ଚିକିତ୍ସା କରାଯାଇଥିଲା । ପରେ ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ଏମକେସିଜିରେ ଭର୍ତ୍ତି କରାଯାଇଛି । ତାଙ୍କର ଚିକିତ୍ସା ସେଠାରେ ଚାଲିଥିବା ସମୟରେ ଅନ୍ୟ କଏଦୀଙ୍କ ନମୂନା ପରୀକ୍ଷା କରାଯାଇଥିଲା । ମୋଟ୍ ୯୪ ଜଣ କଏଦୀଙ୍କ ମଧ୍ୟରୁ ୮୦ କଏଦୀଙ୍କ ସମେତ ୨ ଜଣ କର୍ମଚାରୀଙ୍କ କରୋନା ପରୀକ୍ଷା ଗତକାଲି କରାଯାଇଥିଲା । ଏହା ମଧ୍ୟରୁ ୪୬ ପଜିଟିଭ୍ ଆସିଛି । ଏହି ସମସ୍ତ ପଜିଟିଭଙ୍କୁ ଜେଲ ଭିତରେ ଖୋଲାଯାଇଥିଲା ଶହେ ଶଯ୍ୟା ବିଶିଷ୍ଟ ନୂଆ କୋଭିଡ କେୟାର ସେଂଟରରେ ଭର୍ତି କରାଯାଇଛି । ଜେଲ ମଧ୍ୟରେ କରୋନା ଚିହ୍ନଟ ହେବା ଘଟଣା ଜେଲ କର୍ତ୍ତୃପକ୍ଷଙ୍କ ଚିନ୍ତ ବଢାଇ ଦେଇଛି ।

# ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୨୨ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୪/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୨୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୨୭୩ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟ ଅନୁସାରେ ଖୋର୍ଦ୍ଧାରୁ ସର୍ବାଧିକ ୪ଜଣ କରୋନାରେ ଜୀବନ ହାରିଛନ୍ତି । ସେହିପରି ଅନୁଗୋଳରୁ ୩ଜଣ, କେନ୍ଦ୍ରାପଡା, ରାୟଗଡା, କଳାହାଣ୍ଡି ଓ ସୁନ୍ଦରଗଡରୁ ୨ ଜଣ ବୌଦ୍ଧ, ଦେବଗଡ, କଟକ, ଗଜପତି, ଗଞ୍ଜାମ, ବଲାଙ୍ଗୀର, କନ୍ଧମାଳରୁ ଜଣେ ଲେଖାଏଁ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ଅନୁଗୁଳ ଜିଲ୍ଲାର ଜଣେ ୪୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେହିପରି ଏହି ଜିଲ୍ଲାର ଜଣେ ୨୪ ବର୍ଷୀୟ ପୁରୁଷ, ଜଣେ ୭୩ ବର୍ଷୀୟ ପୁରୁଷ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୬୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି ଭୁବନେଶ୍ୱରର ଜଣେ ୭୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ବଲାଙ୍ଗୀର ଜିଲ୍ଲାର ଜଣେ ୪୭ ବର୍ଷୀୟ ମହିଳା କରୋନା ଆକ୍ରାନ୍ତ ଓ ବୌଦ୍ଧ ଜିଲ୍ଲାର ଜଣେ ୫୦ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି କଟକ ଜିଲ୍ଲାର ଜଣେ ୯୭ ବର୍ଷୀୟ ମହିଳା କରୋନା ଆକ୍ରାନ୍ତ ତଥା ଦେବଗଡ ଜିଲ୍ଲାର ଜଣେ ୫୯ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି ଗଂଜାମ ଜିଲ୍ଲାର ଜଣେ ୭୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ତଥା ଗଜପତି ଜିଲ୍ଲାର ଜଣେ ୪୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପ କ୍ଷରୁ ସୂଚନା ଦିଆ ଯାଇଛି । କେନ୍ଦ୍ରାପଡା ଜିଲ୍ଲାର ଜଣେ ୫୯ ବର୍ଷୀୟା ପୁରୁଷ କରୋନା ଆକ୍ରାନ୍ତ ତଥା ଏହି ଜିଲ୍ଲାର ଜଣେ ୬୫ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଖୋର୍ଦ୍ଧା ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ଓ ଏହି ଜିଲ୍ଲାର ଅନ୍ୟ ଜଣେ ୪୭ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । କଳାହାଣ୍ଡି ଜିଲ୍ଲାର ଅନ୍ୟ ଜଣେ ୪୪ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

## ବାଲିଆପାଳରେ ସଂଖ୍ୟାଲଘୁଙ୍କ ଇଦ ପର୍ବ ଫିଙ୍କାପଡିଲା

ବାଲିଆପାଳ,୧୪/୦୫ (ନି.ପ୍ର): ମହାମାରୀ କରୋନା କଟକଣା ଓ ଲକଡାଉନ ଯୋଗୁଁ ବାଲିଆପାଳରେ ସଂଖ୍ୟାଲଘୁଙ୍କ ପବିତ୍ର ଇଦ ପର୍ବ ଫିକା ପଡିଛି । ପ୍ରାତଃରେ ମସଜିଦ ଓ ପୀର ବାବାଙ୍କ ପୀଠ ଗୁଡିକ ନମାଜ ପାଠ ପାଇଁ ବନ୍ଦ ରହିଛି । ସମୂହ ନମାଜ ପାଠ ଓ ଝୁଲୁସ ଶୋଭାଯାତ୍ରା ହୋଇପାରିନାହିଁ । ଏହି ବ୍ଲକର ବାଲିଆପାଳ, କଟୁଆପଡା, ଖଗଡାପାଳ, ମେଣ୍ଢାପଡା, ରତାଇ, ଗଞ୍ଜା, ବିଶ୍ୱନାଥପୁର ଗ୍ରାମ ଗୁଡିକରେ ସଂଖ୍ୟାଲଘୁ ସଂପ୍ରଦାୟର ଅଧିକ ଲୋକ ବସବାସ କରନ୍ତି । ଲକଡାଉନ ଯୋଗୁଁ ପ୍ରତ୍ୟେକ ସଂଖ୍ୟାଲଘୁ ସଂପ୍ରଦାୟର ଲୋକମାନେ ଯିଏ ଯାହା ନିଜେ ଘରେ ନମାଜ ପାଠ କରିଛନ୍ତି । ଇଦର ପରମ୍ପରା ନିଡାମ୍ବର ଭାବରେ କୋଭିଡ କଟକଣାକୁ ପାଳନ କରିଛନ୍ତି ।

# ବାଲେଶ୍ୱରରେ ନିରାଡ଼ମ୍ବରପୂର୍ଣ୍ଣ 'ଇଦ୍'ପାଳିତ

## ସାମାଜିକ ଦୂରତା ପାଇଁ ସାମୂହିକ ନମାଜ ପାଠ ବନ୍ଦ



ବାଲେଶ୍ୱର,୧୪/୦୫ (ନି.ପ୍ର): ଦୀର୍ଘ ଏକମାସର ରୋଜା ବା ଉପବାସ ପରେ ବାଲେଶ୍ୱରର ଇସଲାମ ଧର୍ମାବଲମ୍ବୀ ଲୋକେ ଶୁକ୍ରବାର ପବିତ୍ର ଇଦ-ଉଲ-ଫିତର ପାଳନ କରିଛନ୍ତି। ତେବେ ବଢୁଥିବା ମହାମାରୀ କରୋନାର ଦ୍ୱିତୀୟ ଲହର ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲାରେ ଚଳିତ ବର୍ଷ ସମ୍ପୂର୍ଣ୍ଣ ନିରାଡ଼ମ୍ବର ଇଦ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ଗୁରୁବାର ସନ୍ଧ୍ୟା ଆକାଶରେ ଜହ୍ନ ଦେଖିବା ପରେ ଇସଲାମୀ ଧର୍ମଗୁରୁମାନଙ୍କ ନିଷ୍ପତ୍ତି କ୍ରମେ ଶୁକ୍ରବାର ପାଳିତ ହୋଇଥିଲା ଏହି ଇଦ୍-ଉଲ-ଫିତର ପର୍ବ। ବାଲେଶ୍ୱର ସହରର ଦରଘା ମୈଦାନ ସମେତ ଖ୍ୱାଜାବାଦ, ବାଲୁବଜାର, ପଠାନ୍ ମହଲା, ସୁନହଟ, ଖଲାସୀ ମହଲା, କାଦ୍ରି ମହଲା, ମଛୁଆସାହି, କସବା ମହଲା, ମାଣିଖମ୍ବ, ସୁଏଲପୁର, ମୋତିଗଞ୍ଜ, କଚେରି ବଜାର, ଖପରାପଦା, ଅରଡ଼ବଜାର ସମେତ ସହର ଉପକଣ୍ଠ ବାଲିଆ, କଣ୍ଟାବଣିଆ, ସୋମନାଥପୁର, ଚଷାଖଣ୍ଡ ପ୍ରଭୃତି ଅଞ୍ଚଳରେ ବସବାସ କରୁଥିବା ମୁସଲମାନ ସମ୍ପ୍ରଦାୟ ଲୋକେ କେବଳ ବିଧିରକ୍ଷାରେ ଇଦ ପାଳନ କରିଛନ୍ତି। ସାମାଜିକ ଦୂରତା ରକ୍ଷାକୁ ଗୁରୁତ୍ୱ ଦେଇ କୌଣସି ମସଜିଦ ବା ଦରଘା ପଡ଼ିଆରେ ଚଳିତବର୍ଷ ଇଦରେ ସାମୂହିକ ନମାଜ ପାଠ କରାଯାଇ ନଥିଲା। କା ଭାଁ ଲୋକେ ମସଜିଦରେ ନମାଜ ପାଠ କରିଥିବା ବେଳେ ଅନ୍ୟ ସମସ୍ତେ ଘରେ ରହି ନମାଜ ପାଠ କରିଥିଲେ। ଅନ୍ୟପକ୍ଷରେ ସମସ୍ତେ ମାସ୍କ ବ୍ୟବହାର ସହିତ ସ୍ପର୍ଶ ନ କରି ପରସ୍ପରକୁ ଇଦ ଶୁଭେଚ୍ଛା ଜଣାଇଥିବା ଦେଖିବାକୁ ମିଳିଥିଲା। ବଢୁଥିବା କରୋନା ସଂକ୍ରମଣ ସାଙ୍ଗକୁ ସରକାରଙ୍କ କୋଭିଡ ନିୟମକୁ ମାନି ସମସ୍ତେ ନିରାଡ଼ମ୍ବର ଭାବେ ଇଦ ପାଳନ କରିଥିଲେ।

# ସୀମା ସିଲ ପ୍ରହସନ : ଗଳାବାଟରେ ଚାଲିଛି ପରିବହନ, ଦଲାଲ ମାଲେମାଲ

ଜଳେଶ୍ୱର,୧୪/୫ (ନି.ପ୍ର) : କରୋନା ଭୂତାଣୁର ୨ୟ ଲହର ସମଗ୍ର ଦେଶରେ କାୟାବିସ୍ତାର କରି ଚାଲିଥିବା ବେଳେ ପଶ୍ଚିମବଂଗର ମ୍ୟୁଟାଣ୍ଟକୁ ନେଇ ରାଜ୍ୟ ସରକାର କଠୋର ନିତୀ ଅବଲମ୍ବନ କରିଛନ୍ତି । ଓଡିଶା-ପଶ୍ଚିମବଂଗ ସୀମା ସିଲ କରାଯିବା ସହିତ ଯାନବାହନକୁ କଡାକଡି ଯାଞ୍ଚ କରାଯାଉଛି । ଏଥିନେଇ ପ୍ରଶାସନ ପକ୍ଷରୁ ଉଚ୍ଚ ପଦସ୍ଥ ଅଫିସରମାନେ ବାରମ୍ବାର ସୀମାନ୍ତ ଅଂଚଳ ପରିଦର୍ଶନ କରି ସମୀକ୍ଷା ମଧ୍ୟ କରୁଛନ୍ତି । ହେଲେ ଆଗରେ ତାଲା ପଛରେ ମେଲା ଭଳି କେତେକ ଗଳା ରାସ୍ତାରେ ଦଲାଲ ମାନଙ୍କ ସହାୟତାରେ ପ୍ରବାସୀମାନେ ଓଡିଶା ମଧ୍ୟକୁ ପ୍ରବେଶ କରୁଛନ୍ତି । ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱର ବ୍ଲକର ନେତୁଆ, ସୁଗୋ, ନଛିମପୁର, ଲକ୍ଷ୍ମଣନାଥ, ଗୋବରଘଟ୍ଟା, ଦକ୍ଷିଣପ୍ରହରାଜପୁର, ଶ୍ରୀରାମପୁର, ମାକିଡିଆ, ଓଲମରା, ଶ୍ୟାମନଗର, ସର୍ଦ୍ଧାରବନ୍ଧ ଓ ଖୁଆଡ ପଂଚାୟତର ୪୫ଟି ଗାଁ ପଶ୍ଚିମବଂଗର ୫୧ଟି ଗାଁକୁ ଲାଗି ରହିଛି । ଜାତୀୟ ରାଜପଥ ୬୦ର ଲକ୍ଷ୍ମଣନାଥ ଟୁଲ ପ୍ଲାଜା ନିକଟରେ ସ୍ୱତନ୍ତ୍ର ପୁଲସ୍ ମୁତୟନ ହୋଇ ଯାଞ୍ଚ କଡାକଡି ଚାଲିଛି । ହେଲେ ପ୍ରଶାସନ ପକ୍ଷରୁ ମୁଖ୍ୟ କେତେକ ରାସ୍ତାକୁ ସୀଲ କରାଯାଇଥିବା ବେଳେ କେତେକ ଗ୍ରାମରାସ୍ତା ଏବେବି ମୁକୁଳା ପଡିଛି । ଏବେବି ପଶ୍ଚିମବଂଗର ଧୋଇପଡା-ଓଡିଶାର ନେତୁଆ ପଂଚାୟତର ସାହାପୁର ରାସ୍ତା ମୁକୁଳା ପଡିଛି । ଏହି ଟୁଲ ପ୍ଲାଜା ନିକଟରେ ଥିବା ପାସିଂ ଅଫିସ୍‌କୁ ପ୍ରଶାସନ୍ ପକ୍ଷରୁ ବନ୍ଦ କରାଯାଇଥିବା ବେଳେ ଏବେବି ଗୋଟିଏ ଦୁଇଟି ପାସିଂ ଅଫିସ୍ କାର୍ଯ୍ୟ କରୁଛି । ଗଳାବାଟର ସୁଯୋଗ ନେଇ ପାସିଂ ଅଫିସ୍‌ରେ କାର୍ଯ୍ୟକରୁଥିବା କେତେକ ଦଲାଲ ରାତିରେ ପ୍ରତି ଚାରିଚକିଆ ଯାନରୁ ୫ହଜାର ଟଙ୍କା ନେଇ ଓଡିଶା ମଧ୍ୟକୁ ପ୍ରବେଶ କରାଉଛନ୍ତି । ଏପରିକି ସେମାନେ ଜାଲ କାଗଜପତ୍ର କରାଇ ଯାଞ୍ଚ କରାଯାଉଥିବା ରାସ୍ତାରେ ଗାଡି ପାରି କରୁଛନ୍ତି । ଦଲାଲମାନେ ଗାଡିଗୁଡିକୁ ଚେକ୍‌ଗେଟ ନିକଟରୁ ଫେରାଇ ନେଇ ପଶ୍ଚିମବଂଗର ସୁନାକଣିଆ-ମାଟିବିରୁଆଁ ରାସ୍ତାରେ ନେଇ ବରିଂନିମପୁର ରୁ ଧୋଇପଡା-ସାହାପୁର-ସୁଗୋ ରାସ୍ତାରେ କଡେଇ ନେଉଛନ୍ତି । ସୁଗୋଠାରେ ଜନୈକ ଦଲାଲ ଗାଡି ପ୍ରତି ୨ହଜାର ଟଙ୍କା ନେଇ ପଶ୍ଚିମବଂଗରୁ ଆସୁଥିବା ଗାଡିକୁ ଏସ୍କର୍ଟ ଦେଉଛନ୍ତି । ଏପରି କାର୍ଯ୍ୟ ଚାଲୁଥିବା ବେଳେ ପୁଲିସ୍ କିପରି ଟେର ପାଉନି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ତେଣୁ ପ୍ରବାସୀମାନଙ୍କ ଅନୁପ୍ରବେଶ ରୋକିବାକୁ ବହୁ ବୁଦ୍ଧିଜିବୀ ଓ ସଚେତନ ନାଗରିକ ଦାବି କରିଛନ୍ତି ।

# ଯୁବକଙ୍କ ଉନ୍ମତ୍ତ କାଣ୍ଡ, ଖଟ ପକାଇ କଲେ ରାଜପଥ ଅବରୋଧ




ବାରିପଦା,୧୪/୦୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାରିପଦା-ଅମର୍ଦ୍ଦା ୬୧ ନଂ ରାଜ୍ୟ ରାଜପଥ ଉପରେ ଯୁବଙ୍କ ଉନ୍ମକ୍ତ କାଣ୍ଡ, ଖଟ ପକାଇ ରାଜପଥ ଅବରୋଧ କରିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡିମଟର ହଠାତ ଅଟକି ରହିଥିଲା। ସୂଚନା ମୁତାବକ ଜଣେ ଯୁବକ କୌଣସି କାରଣରୁ ଖଟ ପକାଇ ରାସ୍ତା ଅବରୋଧ କରିବା ଯୋଗୁଁ ବାରମାଇଲ ଛକ ଠାରେ ଶତାଧିକ ଗାଡ଼ି ମଟର ବହୁ ସମୟ ଧରି ଅଟକି ରହିଥିବାର ଦେଖାଦେଇଥିଲା। ତେବେ ମୋରଡ଼ା ତହସିଲଦାର ଉକ୍ତ ରାସ୍ତାରେ ଚିତ୍ରଡ଼ା ସ୍ଥିତ କାର୍ଯ୍ୟାଳୟକୁ ଆସିବା ସମୟରେ ଭିଡରେ ଅଟକି ରହିଥିବା ବେଳେ ଘଟଣା ବିଷୟରେ ବୁଝି ସ୍ଥାନୀୟ ଲୋକଙ୍କ ସୟାୟତାରେ ଉକ୍ତ ଯୁବକ ଓ ଖଟକୁ ହଟାଇବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିବା ଜଣାଯାଇଛି। ତେବ ରାସ୍ତା ଅବରୋଧର କୌଣଷି ସଠିକ କାରଣ ଜଣା ଯାଇନଥିବା ବେଳେ, ଅଯଥାରେ ଦୀର୍ଘ ସମୟ ଧରି ରାସ୍ତାରେ ଗାଡିମଟରରେ ଲୋକେ ଅଟକି ରହିଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୩ ଗିରଫ

ଭୁବନେଶ୍ୱର,୧୪/୦୫ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୮୫ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୮,୭୫,୩୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ନିର୍ବାଚନ ମଣ୍ଡଳୀ ସ୍ତରୀୟ କଂଗ୍ରେସର ଭର୍ଚୁଆଲ ମିଟିଂ

ଜଳେଶ୍ୱର,୧୪/୫ (ନି.ପ୍ର) : କଂଗ୍ରେସ ପ୍ରବକ୍ତ ସୁଦର୍ଶନ ଦାସଙ୍କ ଅଧ୍ୟକ୍ଷତାରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ଅନ୍‌ଲାଇନ୍ ମିଟିଂ ଅନୁଷ୍ଠିତ ହୋଇ ଯାଇଛି । ଡିକେ କଲେଜରେ କୋଭିଦ୍ କେୟାର ସେଣ୍ଟର ଖୋଲିବା, ଟୀକାଦାନ କ୍ଷେତ୍ରରେ ଅବ୍ୟବସ୍ଥାକୁ ଦୂର କରିବା, ସରକାରୀ ମଣ୍ଡିରେ ଚାଷୀଙ୍କ ଧାନ କିଣିବା, କାଳବୈଶାଖୀରେ କ୍ଷତି ଚାଷୀଙ୍କୁ ବୀମା ସୁବିଧା ଦେବା, କାଳିଆ ଯୋଜନାରେ ହିତାଧିକାରୀଙ୍କୁ ଟଙ୍କା ଦେବା, ପିଡିସ୍ ବଣ୍ଟନରେ ବାୟୋମେଟ୍ରିକ୍ ବ୍ୟବହାର ବନ୍ଦ କରିବା ସଂପର୍କରେ ଆଲୋଚନା କରାଯାଇଥିଲା । ଏ ସମ୍ପର୍କରେ ପ୍ରତ୍ୟେକ ପଂଚାୟତରୁ ଦାବିପତ୍ର ଜିଲାପାଳ ଓ ଖାଉଟି ମନ୍ତ୍ରୀଙ୍କୁ ପ୍ରଦାନ କରାଯିବ । ପ୍ରତିକାର ନ ହେଲେ କୋଭିଦ୍ ନିୟମମାନି ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଛି । ଏଥିରେ ଜଳେଶ୍ୱର ଓ ବସ୍ତା ଅଂଚଳର ବହୁ କଂଗ୍ରେସ ନେତାଙ୍କ ସହିତ ନବଜ୍ୟୋତି ପଟ୍ଟନାୟକ, ଜଳେଶ୍ୱର ବ୍ଲକ କଂଗ୍ରେସ ସଭାପତି ରାଜୀବ ପରିଡା, କିଷାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ଜଗଦୀଶ ନନ୍ଦି, ସରପଂଚ ପଦ୍ମଲୋଚନ ବେହେରା, ସପନ ଜେନା, ହେମନ୍ତ ଗିରି, ଗୋପାଳ କୃଷ୍ଣ ଜେନା, ଜଗଦୀଶ ଜେନା, ରବିନ୍ଦ୍ର ଭଂଜ, ଟାଉନ୍ ସଭାପତି ଗିରିଜା ଶଂକର ଦାସ, ବସ୍ତା ବ୍ଲକ ସଭାପତି ସତ୍ୟନାରାୟଣ ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ ।

## ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ମହାନୀୟତା

ଜଳେଶ୍ୱର,୧୪/୫ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ଥାନାରେ ରହୁଥିବା ୧୦୮ ଆମ୍ବୁଲାନ୍ସର ଡ୍ରାଇଭର, ହେଲପର ଓ ଫାର୍ମାସିଷ୍ଟ ଆଜି ମଧ୍ୟାହ୍ନରେ ବାଲେଶ୍ୱରରେ ରୋଗୀ ଛାଡି ଫେରୁଥିଲେ । ଜାତୀୟ ରାଜପଥ ୬୦ର ହଦଲୀପଦା ନିକଟରେ ୨ଟି କଏନ୍ (ଟଙ୍କା) ଭର୍ତ୍ତି ବସ୍ତା ରାସ୍ତା ଉପରେ ପଡିଥିବାର ଦେଖି ସେ ସବୁକୁ ଆଣି ଜଳେଶ୍ୱର ଥାନାରେ ଜିମା ଦେଇଥିଲେ । ୨ଟି କଏନ୍ ବସ୍ତାର ଆନୁମାନିକ ଓଜନ ୪୦ କି.ଗ୍ରା ହୋଇଥିବା ବେଳେ ସେ ଗୁଡିକ କାହାର ଓ ରାସ୍ତାଉପରକୁ କିପରି ଆସିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରି ମହାନୀୟତା କାର୍ଯ୍ୟପାଇଁ ଡ୍ରାଇଭର ବିମଳ ଦାସ, ହେଲପର ବିକାଶ ମହନ୍ତ, ଫାର୍ମାସିଷ୍ଟ ବାପି ମହାନ୍ତିକୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି ।

## ବାଲିଆପାଳ ଚାଇଲ୍ଡ ଲାଇନ ନାବାଳିକାର ବିବାହ ବନ୍ଦ କଲା

ବାଲିଆପାଳ,୧୪/୦୫ (ନି.ପ୍ର): ବାଲିଆପାଳ ଚାଇଲ୍ଡଲାଇନ ଶୁକ୍ରବାର ପୁଲିସ ସହାୟତାରେ ଏକ ନାବାଳିକାର ବିବାହକୁ ବନ୍ଦ କରିଛି । ପ୍ରକାଶ ଏହି ଥାନା ଅନ୍ତର୍ଗତ ଚଉମୁଖ ପଂଚାୟତ ଚଉମୁଖ ଗ୍ରାମର ଏକ ପରିବାରର ୧୪ ବର୍ଷ ନାବାଳିକାକୁ ତାଙ୍କର ପିତାମାତା ଭୋଗରାଇ ଥାନା ଅନ୍ତର୍ଗତ କୁମ୍ଭୀରଗଡି ଗ୍ରାମର କାର୍ତିକ ବେହେରାଙ୍କୁ ବିବାହ ଦେଉଥିଲେ । ଆଜି ଭୂଷେଣ୍ଡେଶ୍ୱର ମହାଦେବ ମନ୍ଦିରରେ ୧୧ ଟା ସମୟରେ ବାହାଘର ହୋଇଥାନ୍ତା । ଏନେଇ ଉଭୟ ପକ୍ଷ ପ୍ରସ୍ତୁତ ହୋଇଥିଲେ । ଏକଥା ଜଣାପଡିବା ପରେ ଗ୍ରାମର ଜୈନିକ ବ୍ୟକ୍ତି ବାଲିଆପାଳ ଚାଇଲ୍ଡ ଲାଇନକୁ ଏ ବିଷୟରେ ଜଣାଇଥିଲେ । ଖବର ପାଇଁ ଚାଇଲ୍ଡଲାଇନର ଯୁଗ୍ମ ନିର୍ଦ୍ଦେଶକ ପ୍ରଶାନ୍ତ ରାଉତ ସିଡିପିଓ ,ବାଲିଆପାଳ ବିଡିଓ,ଭୋଗରାଇ ଡିସିପି,ବାଲେଶ୍ୱର ସିଡବ୍ଲ୍ୟୁସିକୁ ଜଣାଇଥିଲେ । ଖବର ପାଇଁ ବାଲିଆପାଳ ସିଡିପିଓ ତନୁଶ୍ରୀ ମିଶ୍ର ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଙ୍କ ସହାୟତାରେ ଏକ ଟିମ ନେଇ ଝିଅ ଘରେ ପହଂଚିଥିଲେ । ସେତେ ବେଳେକୁ ଝିଅ ଘରର ଲୋକମାନେ ଭୂଷେଣ୍ଡସ୍ୱର ମନ୍ଦିରକୁ ଯିବା ପାଇଁ ଆଗେଇ ଯାଇଥିଲେ । ଚାଇଲ୍ଡଲାଇନ ବାଲିଆପାଳ ସବସେଂଟରର ଓରାମ ନାୟକ,ଅଙ୍ଗନଓ୍ୱାଡି କର୍ମୀ ସୁମନ୍ତୀ ମହାନ୍ତି,ଆଶାକର୍ମୀ ସୁମତୀ ପଢିଆରୀ ଓ ଜାମକୁଣ୍ଡା ପୁଲିସ ରାସ୍ତାରେ ଯାଉଥିବା ଝିଅ ପକ୍ଷକୁ ଅଟକାଇ ଝିଅକୁ ଘଟଣାସ୍ଥଳରୁ ଉଦ୍ଧାର କରିଥିଲେ। ତେବେ ଝିଅର ବାପା ମା ଝିଅର ବାହାଘର ଏବେ କରିବେ ନାହିଁ ବୋଲି ଏକ ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ଏ ବାବଦରେ କାହାରିକୁ ଗିରଫ କରାଯାଇନାହିଁ କି ମାମଲା ରୁଜୁ କରାଯାଇନାହିଁ ।

# ବାଲେଶ୍ୱରରେ ଦିନକରେ ୩୪୦ ନୂଆ ସଂକ୍ରମିତ, ୧୮୯ ସୁସ୍ଥ

ବାଲେଶ୍ୱର,୧୪/୦୫ (ନି.ପ୍ର): ଦିନକୁ ଦିନ ବଢ଼ି ଚାଲିଥିବା କରୋନା ସଂକ୍ରମଣ ଯୋଗୁଁ ବାଲେଶ୍ୱରର ସ୍ଥିତି କ୍ରମଶଃ ଜଟିଳ ହେବାକୁ ଯାଉଥିବା ଲକ୍ଷ୍ୟ କରାଯାଇଛି। ଚଳିତ ମାସର ୧୪ ଦିନ ମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୩ ହଜାର ୫ଶହ ଛୁଇଁବା ଉଦବେଗର ବିଷୟ ହୋଇଛି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ଘଣ୍ଟା ମଧ୍ୟରେ ଜିଲାରେ ୩୪୦ଜଣ ନୂଆ ସଂକ୍ରମିତ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ସହରର ଚିଡ଼ିଆପୋଲ ଅଞ୍ଚଳରୁ ୫ଜଣ, ଅଙ୍ଗାରଗଡିଆରୁ ୪ଜଣ, ବାରବାଟିରୁ ୪, ବଟେଶ୍ୱରରୁ ୩, ମାକଲପୁରରୁ ୩, ସହଦେବଖୁଣ୍ଟାରୁ ୩, ନେଳିଆବାଗରୁ ୨, ଗୋପାଳଗାଁରୁ ୨, ମଠସାହିରୁ ୨, ତାମୁଲିଆ ଅଞ୍ଚଳରୁ ୨ଜଣଙ୍କ ସମେତ ଅରଡ଼ବଜାର, ଅଜିମାବାଦ, ଜିଲା ମୁଖ୍ୟ ଚିକିତ୍ସାଳୟ, କାଦରାବାଦ, ମଲିକାଶପୁର, ମୋତିଗଞ୍ଜ, ନୁରପୁର ରୋଡ଼୍, ପଦୁଆଁପଦା, ପୁଲିସ ଲାଇନ, ରାଜାବଗିଚା, ସୁନହଟ, ଶୋଭାରାମପୁର ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ଅଛନ୍ତି। ସେହିପରି ସଦର ବ୍ଲକରୁ ୫୦ଜଣ, ରେମୁଣା ବ୍ଲକରୁ ୫୨ଜଣ, ବାହାନଗାରୁ ୯୨ଜଣ, ଖଇରା ୪୮, ଔପଦାରୁ ୨୧, ଜଳେଶ୍ୱରୁ ୬, ସୋରରୁ ୧୦, ଭୋଗରାଇରୁ ୩, ବସ୍ତାରୁ ୩, ସିମୁଲିଆରୁ ୨ଜଣ, ନୀଳଗିରି ବ୍ଲକରୁ ୫ଜଣ ଓ ବାଲିଆପାଳ ବ୍ଲକରୁ ୬ଜଣ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ହୋଇଥିବା ସମସ୍ତେ ସ୍ଥାନୀୟ ସଂକ୍ରମିତ ଓ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ବାଲେଶ୍ୱର ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଅଦ୍ୟାବଧି ୧୮,୧୯୩ରେ ପହଞ୍ଚିଥିବା ବେଳେ ଦିନକରେ ୧୮୯ ଜଣଙ୍କ ସମେତ ଆଜିସୁଦ୍ଧା ୧୫,୧୫୦ ଜଣ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଏବେ ସକ୍ରିୟ ଥିବା ୨,୯୩୬ ଜଣ ସଂକ୍ରମିତଙ୍କ ମଧ୍ୟରୁ ୨୫୮୭ଜଣ ଗୃହ ସଙ୍ଗରୋଧରେ ଏବଂ ୩୦୮ ଜଣ ଜିଲାର ୨କୋଭିଡ ହସପିଟାଲ ଓ କୋଭିଡ ଯତ୍ନ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ କୌଣସି କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇନଥିବା ବେଳେ ଅଦ୍ୟାବଧି ଜିଲାରେ କୋଭିଡ ମୃତ୍ୟୁ ସଂଖ୍ୟା ୧୦୭ରେ ସ୍ଥିର ରହିଛି। ଅନ୍ୟପକ୍ଷରେ କୋଭିଡ ଟିକା ମହଜୁଦ ନଥିବା ଯୋଗୁଁ ଦୁଇ ଦିନ ଧରି ଜିଲାରେ ଟିକାକରଣ ବନ୍ଦ ରହିଛି। ତେବେ ଜିଲାରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣକୁ ଗୁରୁତ୍ୱ ଦେଇ କୋଭିଡ କଟକଣା ସାଙ୍ଗକୁ ତାଲାବନ୍ଦ ଓ ସପ୍ତାହାନ୍ତ ବନ୍ଦକୁ ଶତପ୍ରତିଶତ ପାଳନ ପାଇଁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି।

## ହୋଟେଲ ବ୍ୟବସାୟୀଙ୍କ ମୃତ୍ୟୁରେ ଶୋକ



ବାଲେଶ୍ୱର,୧୪/୦୫ (ନି.ପ୍ର): 'ଡେଲିସିୟସ ହେଟେଲ'ର ମାଲିକ ସହଦେବଖୁଣ୍ଟା ଅଞ୍ଚଳର ଶୁଭେନ୍ଦୁ ମାଣିଙ୍କ ଅକଳା ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଗତ କିଛିଦିନ ଧରି ମଧୁମେୟ ରୋଗରେ ପୀଡ଼ିତ ଥାଇ ସର୍ବଦା ପ୍ରତିଷେଧକ ବ୍ୟବସ୍ଥା ସେ ରହୁଥିଲେ। ମାତ୍ର ଗତ ମଙ୍ଗଳବାର ଅପରାହ୍ନରେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତୁରନ୍ତ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଏକ ଶୋକାକୁଳ ପରିବେଶ ମଧ୍ୟରେ ବାଲିଘାଟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜଣେ ସରଳ, ମିଷ୍ଟଭାଷୀ, ମେଳାପୀ ଓ ମଣ୍ଡୁବତ୍ସଳ ବ୍ୟକ୍ତିତ୍ୱ ତଥା ସମସ୍ତଙ୍କର ଆଦରର 'ଛୁଆନନା'ଙ୍କ ବିୟୋଗରେ ସହଦେବଖୁଣ୍ଟା ସମେତ ବିଭିନ୍ନ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ୨୪ଘଂଟାରେ କୋବିଡ ପାଇଁ ୧୮,୭୫,୫୧୫ ନମୂନା ପରୀକ୍ଷଣ

ନୂଆଦିଲ୍ଲୀ,୧୪/୦୫ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୮,୭୫,୫୧୫ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା ୩୧,୧୩,୨୪,୧୦୦ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

## କରୋନା ସଂକ୍ରମିତ ଶବ ସତ୍କାର ବେଳେ ଗଣ୍ଡଗୋଳ ମାମଲା

# ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ୬ ଗିରଫ



ବାରିପଦା,୧୪/୦୫ (ନି.ପ୍ର): ଗତ ୧୧ ତାରିଖ ମଙ୍ଗଳବାର ଦିନ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଠାକୁରମୁଣ୍ଡା ଥାନାର ସୁନାରିପୋଷି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଜଣେ କରୋନା ସଂକ୍ରମିତ ବୃଦ୍ଧାଙ୍କ ଶବ ସତ୍କାର ବେଳେ ଏହାର ପ୍ରତିବାଦ କରି ସୁନାରିପୋଷି ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଠେଙ୍ଗା ବାଡି ଧରି ଉପସ୍ଥିତ ପୋଲିସ ଓ ପ୍ରଶାସନିକ ଅଧିକାରୀ ମାନଙ୍କୁ ଆକ୍ରମଣ କରି ଶବ ସତ୍କାର କରିବାକୁ ଦେଇ ନଥିଲେ । ଏଥିରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଓ ଦୁଇଜଣ ପୋଲିସ୍ କର୍ମଚାରୀ ଆହତ ମଧ୍ୟ ହୋଇଥିଲେ । ପରେ ଅଧାପୋଡା ଶବକୁ ଫେରାଇ ନିଆଯାଇ ଅନ୍ୟତ୍ର ସତ୍କାର କରାଯାଇଥିଲା । ଏବେ ଏହି ଆକ୍ରମଣ ଘଟଣା ସେହି ଗ୍ରାମବାସୀ ମାନଙ୍କୁ ମହଙ୍ଗା ପଡିଛି । ଏହି ଘଟଣାରେ ପୋଲିସ୍ ନିଜ ଆଡୁ ଆକ୍ରମଣକାରୀ ମାନଙ୍କ ନାମରେ ମାମଲା ରୁଜୁକରି ଗିରଫଦାରୀ ଆରମ୍ଭ କରିଥିବାର ଜଣାଯାଇଛି । ଏହି ଘଟଣାରେ ଆଜି ପ୍ରଥମ ପର୍ଯ୍ୟାୟରେ ଛଅ ଜଣ ଅଭିଯୁକ୍ତଙ୍କୁ ଠାକୁରମୁଣ୍ଡା ପୋଲିସ୍ ଗିରଫ କରିଥିବାର ଜଣାଯାଇଛି । ସୂଚନା ଯୋଗ୍ୟ ଯେ ଏହି ଘଟଣାଦିନ ଗ୍ରାମବାସୀ ମାନେ ଠାକୁରମୁଣ୍ଡା ବି.ଡି.ଓ. ଶ୍ୟାମସୁନ୍ଦର ଟୁଡୁ, ତହସିଲଦାର ଜୟ କିଶୋର ପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିବାକର ମାଝି, ଥାନା ଅଧିକାରୀ ନିରୋଜ କୁମାର ସାମଲ ଏବଂ ଅନ୍ୟ କର୍ମଚାରୀ ମାନଙ୍କୁ ଠେଙ୍ଗା ବାଡି ଧରି ଆକ୍ରମଣ କରିଥିଲେ । ଗିରଫଦାରୀ ଆରମ୍ଭ ହେବାପରେ ଏବେ ସୁନାରିପୋଷି ଗ୍ରମବାସୀ ମାନଙ୍କ ମଧ୍ୟରେ ଗିରଫ ହେବା ଆଶଙ୍କାରେ କୋକୁଆ ଭୟ ସୃଷ୍ଟି ହୋଇଥିବାର ପ୍ରକାଶ । କିଛି ଲୋକ ଗ୍ରାମ ଛାଡି ଦେଇଥିବାର ମଧ ଦେଖା ଯାଇଛି । ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଲାଗି ରହିଥିବାର ଦେଖାଯାଇଛି ।

## ରାଜଧାନୀରେ ୨୪ ଘଂଟାରେ ୯୮୮ ପଜିଟିଭ୍

ଭୁବନେଶ୍ୱର,୧୪/୦୫ (ନି.ପ୍ର): କିଛି ଦିନ ବ୍ୟବଧାନ ପରେ ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ତଳକୁ ଖସିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଶୁକ୍ରବାର ଆଉ ୯୮୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୯୧୬୩ କୁ ବୃଦ୍ଧି ପାଇଛି। ସେଥିରୁ ୧୬୬ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୮୨୨ ଲୋକାଲ୍ କେସ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୭୭୭ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ଓଲ୍ଡ ଟାଉନ୍ ରୁ ସର୍ବାଧିକ ୫୧ ଜଣ , ପଟିଆରୁ ୫୦ ଜଣ ଓ ନୟାପଲ୍ଲୀରୁ ୪୯ ଜଣ ରହିଛନ୍ତି। ସେହିପରି ଝାରପଡାରୁ ୩୫, ଡୁମଡୁମାରୁ ୩୩ , ଖଣ୍ଡଗିରିରୁ ୩୧, ସିଆରପି ଅଂଚଳରୁ ୩୧, ଚନ୍ଦ୍ରଶେଖରପୁରରୁ ୨୪ , ରସୁଲଗଡରୁ ୨୩, ମଂଚେଶ୍ୱରରୁ ୨୩, ବଡଗଡରୁ ୨୧, ଲକ୍ଷ୍ମୀସାଗରରୁ ୨୧, ସହୀଦନଗରରୁ ୨୧ ଆକ୍ରାନ୍ତ ରହିଛନ୍ତି। ସେହିପରି ନୟାପଲ୍ଲୀରୁ ୧୫ଜଣ , ଓଲ୍ଡଟାଉନ୍ ରୁ ୧୫ , ବଡଗଡରୁ ୧୨, ଲକ୍ଷ୍ମୀସାଗରରୁ ୧୧, ପଟିଆରୁ ୮ ଲେଖାଏଁ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୯୧୬୩ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୪୭୪୩୫ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୧୧୪୧୮ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୮୯ ରହିଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo